بِسۡمِ اللّٰہِ الرَّحۡمٰنِ الرَّحِیۡمِ　نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ　وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6　　ସଂଖ୍ୟା 20

ସାପ୍ତାହିକ **ବଦର** କାଦିଆନ

Weekly **BADAR** Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

20 ମଇ 2021　　20 ହିଜରତ୍ 1400 ହି.ଶ　　7 ଶୱାଲ୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَعَدَ اللّٰہُ الَّذِیۡنَ
اٰمَنُوۡا وَعَمِلُوا الصّٰلِحٰتِ ۙ
لَہُمۡ مَّغۡفِرَۃٌ وَّاَجۡرٌ عَظِیۡمٌ
(المائدہ:10)

ଅନୁବାଦ- ଯେଉଁମାନେ ବିଶ୍ୱାସ ସ୍ଥାପନ କରିଛନ୍ତି, ସତ୍‌କାର୍ଯ୍ୟ କରିଛନ୍ତି, ଅଲ୍ଲାଃ ସେମାନଙ୍କୁ କ୍ଷମା ଓ ମହାନ୍ ପୁରସ୍କାରର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।

*(ଅଲ୍‌ମାଇଦା: ୧୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ନୈତିକତାର ସଂସ୍କାର ପାଇଁ ଏପରି ଏକ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିବା ଜରୁରୀ ଯିଏ ସବୁ ସମୟରେ ତାହାର ତଦାରଖ କରୁଥିବ ଓ ତା'ର କାର୍ଯ୍ୟ ଓ କର୍ମ ଏବଂ ତା ହୃଦୟ ଭିତରେ ଥିବା ରହସ୍ୟର ସାକ୍ଷୀ ଥିବ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଯୁଗର ଆବଶ୍ୟକତା

ଆଜିକାଲି ଲୋକମାନେ କିପରି ବାସ୍ତବିକ ସତ୍ ବିଶ୍ୱାସଠାରୁ ଦୁରେଇ ଯାଇଛନ୍ତି ତାହା ଦେଖିବା ଉଚିତ । କୋଡ଼ିଏ କୋଟି ପୁସ୍ତକ ଇସ୍‌ଲାମ୍ ବିରୁଦ୍ଧରେ ପ୍ରକାଶିତ ହୋଇସାରିଛି ଓ ଲକ୍ଷ ଲକ୍ଷ ଲୋକ ଖ୍ରୀଷ୍ଟିୟାନ୍ ହୋଇଯାଇଛନ୍ତି । ସବୁ କଥାର ଏକ ସୀମା ଅଛି । ମରୁଡ଼ି ପଡ଼ିବା ପରେ ଜଙ୍ଗଲର ଜୀବଜନ୍ତୁମାନେ ମଧ୍ୟ ବର୍ଷା ଆଶାରେ ଆକାଶ ଆଡ଼କୁ ଚାହିଁଥାନ୍ତି । ଆଜି ୧୩୦୦ ବର୍ଷର ସୂର୍ଯ୍ୟତାପ ଓ ଗ୍ରୀଷ୍ମ ପରେ ଆକାଶରୁ ବର୍ଷା ବରଷିଛି । ଏବେ ଏହାକୁ କେହି ଅଟକାଇ ପାରିବେନାହିଁ । ଯେତେବେଳେ ବର୍ଷା ଆସିଯାଏ, କିଏ ତାକୁ ରୋକିପାରିବ ? ଏବେ ଏମିତି ସମୟ ଆସିଯାଇଛି ଯେ ଲୋକମାନେ ସତ୍ୟଠାରୁ ବହୁତ ଦୁରକୁ ଚାଲିଯାଇଛନ୍ତି । ଏପରିକି ସ୍ୱୟଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ମଧ୍ୟ ସନ୍ଦେହ କରାଯାଉଅଛି ।

### ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆଣିବାର ମହତ୍ୱ

କେବଳ ବିଶ୍ୱାସ ଦ୍ୱାରା ହିଁ ଆମେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାଉଁ । ଉଦାହରଣ ସ୍ୱରୁପ ସମ୍ଖୁଲ୍ ଫାର (ଏକ ପ୍ରକାରର ବିଷ ଜାତୀୟ ପଦାର୍ଥ)କୁ ଯଦି ଜଣେ ତବାଶୀର୍ (ଅର୍ଥାତ ଏକ ପ୍ରକାରର ଔଷଧୀୟ ବସ୍ତୁ) ବୋଲି ଭାବିନିଏ, ତା'ହେଲେ ବିନା ଭୟରେ ଅନେକ ଗ୍ରାମ ଖାଇନେବ । ଯଦି ସେ ଏ ବିଶ୍ୱାସ ରଖିଥିବ ଯେ ଏହା ତ' ଏକ ମାରାତ୍ମକ ବିଷ ତା'ହେଲେ ସେ ତାକୁ କଦାପି ମୁହଁରେ ଦେବନାହିଁ । ପ୍ରକୃତ ପୂଣ୍ୟକୁ ଲାଭ କରିବା ପାଇଁ ହେଲେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିବା ଜରୁରୀ । କାରଣ ସରକାରୀ କର୍ତୃପକ୍ଷଙ୍କୁ ଏହା ଜଣାନାହିଁ ଯେ ଘର ଭିତରେ କିଏ କଣ କରୁଛି ଓ ପରଦା ପଛରେ କାହାର କର୍ମ କଣ ? ଯଦିଓ କିଏ ମୁହଁରେ ପୂଣ୍ୟ କରିବାର ସ୍ୱୀକାର କରିଥାଏ କିନ୍ତୁ ନିଜ ମନ ଭିତରେ ସେ ଯାହା କିଛି ରଖିଛି ତା'ପାଇଁ ସେ ଦଣ୍ଡ ପାଇବାର ଭୟ ରଖିନଥାଏ । ଏ ଦୁନିଆରେ ଏପରି କୌଣସି ସରକାର ନାହିଁ ମଣିଷକୁ ଯାହାର ଭୟ ଦିନ ରାତି, ଅନ୍ଧାର ଓ ଆଲୋକ, ଏକାନ୍ତରେ ଓ ସମାବେଶରେ, ଜନଶୂନ୍ୟରେ ଓ ଜନସଂଖ୍ୟାରେ, ଘରେ ଓ ବଜାରରେ, ସବୁ ସ୍ଥାନରେ ଗୋଟିଏ ପ୍ରକାରର ସମାନ ଭାବରେ ଥିବ । ଅତଏବ ନୈତିକତାର ସଂସ୍କାର ପାଇଁ ଏପରି ଏକ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିବା ଜରୁରୀ ଯିଏ ସବୁ ସମୟରେ ତାହାର ତଦାରଖ କରୁଥିବ ଓ ତା'ର କାର୍ଯ୍ୟ ଓ କର୍ମ ଏବଂ ତା ହୃଦୟ ଭିତରେ ଥିବା ରହସ୍ୟର ସାକ୍ଷୀ ଥିବ । କାରଣ ପ୍ରକୃତରେ ପୂଣ୍ୟବାନ ହେଉଛି ସେହି ବ୍ୟକ୍ତି ଯାହାର ଭିତର ଓ ବାହର ଏକ ହୋଇଥିବ ଏବଂ ଯାହାର ମନ ଓ ଶରୀର ଏକ ହୋଇଥିବ । ସେ ପୃଥିବୀପୃଷ୍ଠରେ ଫରିସ୍ତା (ସ୍ୱର୍ଗଦୂତ)ଙ୍କ ପରି ଚାଲୁଥାଏ । ନାସ୍ତିକ ଏପରି ସରକାରଙ୍କ ଅଧିନରେ ରହି ଉତମ ଚରିତ୍ର ପ୍ରାପ୍ତ କରିପାରିବନାହିଁ । ସମସ୍ତ ଫଳାଫଳ ଇମାନ୍ (ଅର୍ଥାତ ବିଶ୍ୱାସ)ରୁ ସୃଷ୍ଟି ହୋଇଥାଏ ସୁତରାଂ ଯେମିତି ଜଣେ ଲୋକ ସାପର ଗାତକୁ ଚିହ୍ନିବା ପରେ ତା' ଭିତରେ ଆଙ୍ଗୁଳି ପୁରାଏ ନାହିଁ । ଯେବେ ଆମେ ଜାଣିଥାଉଁ ଯେ କିଛି ମାତ୍ରାରେ ଇଷ୍ଟ୍ରକିନିଆ ମାରାତ୍ମକ ହୋଇଥାଏ, ତାହାର ମାରାତ୍ମକ ହେବା ବିଷୟରେ ଆମର ବିଶ୍ୱାସ ଅଛି । ତେଣୁ ସେହି ବିଶ୍ୱାସ ଯୋଗୁଁ ଆମେ ତାକୁ ମୁହଁରେ ଲଗାଇବା ନାହିଁ ଫଳତଃ ଆମେ ମୃତ୍ୟୁରୁ ବଂଚିଯିବା ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୮୫ ପ୍ରକାଶନ୨୦୧୮ କାଦିୟାନ)*

**ସମସ୍ତ ବିଫଳତାର ମୂଳ କାରଣ ହେଉଛି ନିରାଶ ହେବା । ଯେଉଁ ବ୍ୟକ୍ତି ନିଶ୍ଚିତ ଓ ନିର୍ଦ୍ଦିଷ୍ଟ ଜ୍ଞାନ ବିନା କାମ ଛାଡ଼ିଦିଏ ସେ ସର୍ବଦା ନିଜର ପେଶାରେ ବା ନିଜ ଉଦ୍ଦେଶ୍ୟରେ ଅସଫଳ ହୋଇଥାଏ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ୟୁସୁଫ୍ ଆୟତ ନଂ-୮୮ **ୟାବନିୟଜ୍‌ହବୁ ଫତହସ୍‌ସସୁ........ ଇଲ୍ଲଲ୍ କୌମୁଲ୍ କାଫିରୁନ୍ (ୟୁସୁଫ୍:୮୮)** ର ବ୍ୟାଖ୍ୟା କରି କହିଛନ୍ତି:

''ଏହି ଆୟତରୁ ସ୍ପଷ୍ଟ ହେଉଅଛି ଯେ ହଜ୍‌ରତ୍ ୟାକୁବ୍ ଆ:ସଙ୍କୁ ହଜ୍‌ରତ୍ ୟୁସୁଫ୍ ଆ:ସଙ୍କ ଜୀବିତ ରହିବା ଏବଂ ପୁଣି ମିସର୍‌ରେ ଥିବାର ଖବର ଈଶ୍ୱରଙ୍କ ତରଫରୁ ପ୍ରାପ୍ତ ହୋଇଥିଲା । ନଚେତ ଯେଉଁ ପୁଅ ସମ୍ବନ୍ଧରେ ସେ ଭାବୁଥିଲେ କି ତାକୁ ଗଧିଆ ଖାଇଯାଇଛି ବା ଅନ୍ୟ କୌଣସି କାରଣରୁ ସେ ମରିଯାଇଛି ତା'ହେଲେ ଏହା କେବେ ସମ୍ଭବ ନୁହେଁ ଯେ ସେ ନିଜର ସେହି ପୁଅକୁ ଖୋଜିବା ପାଇଁ ଆଦେଶ ଦେଇଥାନ୍ତେ ଓ ବିଶେଷ ରୂପେ ମିସର୍ ଇଲାକାରେ ଖୋଜିବା ପାଇଁ ଆଦେଶ ଦେଇଥାନ୍ତେ ।

ଏହି ଆୟତରେ ଆଧାତ୍ମିକ ଓ ଶାରିରୀକ ଉନ୍ନତିର କାରଣ ବତାଯାଇଅଛି । ସମସ୍ତ ବିଫଳତାର ମୂଳ କାରଣ ହେଉଛି ନିରାଶ ହେବା । ଯେଉଁ ବ୍ୟକ୍ତି ନିଶ୍ଚିତ ଓ ନିର୍ଦ୍ଦିଷ୍ଟ ଜ୍ଞାନ ବିନା କାମ ଛାଡ଼ିଦିଏ ସେ ସର୍ବଦା ନିଜର ପେଶାରେ ବା ନିଜ ଉଦ୍ଦେଶ୍ୟରେ ଅସଫଳ ହୋଇଥାଏ । ମାମୁଲିରୁ ମାମୁଲି ବୃତି/ପେଶାରେ ମଧ୍ୟ ଏହି ସିଦ୍ଧାନ୍ତ କାମ କରିଥାଏ । ଜଣେ ବଡ଼ ଲୁହା କାରିଗର ଓ ଜଣେ ମାମୁଲି ଲୁହା କାରିଗର ମଧ୍ୟରେ ଏହି ପାର୍ଥକ୍ୟ ଦେଖିବେ ଯେ ଜଣେ ପ୍ରତ୍ୟେକ କଠିନ କାମ ସମୟରେ କହିବ ଯେ ହୋଇପାରିବନାହିଁ ଦ୍ୱିତୀୟ ଜଣଙ୍କ ତାହାର ସମାଧାନର ରାସ୍ତା ବାହାର କରିବାକୁ ଲାଗିରହିଥିବ ଓ ପରିଶେଷରେ ସେ ସଫଳ ହୋଇଯିବ । କେବଳ ପେଶର (ବୃତି)ରେ ନୁହେଁ ବରଂ ପ୍ରାକୃତିକ କାର୍ଯ୍ୟରେ ମଧ୍ୟ ଏହି ସିଦ୍ଧାନ୍ତ କାମ କରିଥାଏ । ଯେଉଁ ରୋଗୀ ଆରୋଗ୍ୟ ଲାଭ କରିବାର ଆଶା ଛାଡ଼ି ଦେଇଥାଏ ତାକୁ ଆରୋଗ୍ୟ ଲାଭ କରିବାପାଇଁ ବହୁତ କଷ୍ଟ ହୋଇଥାଏ । ଯେଉଁ ଛାତ୍ର ସଫଳ ହେବାର ଆଶା ଛାଡ଼ିଦିଏ ତା'ର ସ୍ମରଣଶକ୍ତି ଦୃବଳ ହେବାକୁ ଲାଗିଥାଏ । ଆଧାତ୍ମିକ ଅବସ୍ଥାରେ ମଧ୍ୟ ଏହି ସିଦ୍ଧାନ୍ତ କାମ କରିଥାଏ । ଯେଉଁ ଜାତି ପାପରୁ କ୍ଷମା ପାଇବାର ବିଶ୍ୱାସ କରୁନାହିଁ ସେ ପାପରୁ ଦୁରେଇବା ପାଇଁ ସମ୍ପୁର୍ଣ୍ଣ ଚେଷ୍ଟା ମଧ୍ୟ କରେନାହିଁ । ଯିଏ ପ୍ରକୃତିର ଶୁଦ୍ଧତାକୁ ବିଶ୍ୱାସ କରେନାହିଁ ସେ ଆଧାତ୍ମିକ ଶକ୍ତିକୁ ତା'ର ସିଦ୍ଧତା ପର୍ଯ୍ୟନ୍ତ ପହଂଚାଇବା ପ୍ରତି ମଧ୍ୟ ଧ୍ୟାନ ଦେଇନଥାଏ ।

ରସୁଲେ କରିମ୍ ସ:ଆ:ସ ମଧ୍ୟ ନିରାଶା ଅବସ୍ଥାକୁ ଦୂର କରିବାପ୍ରତି ବିଶେଷ ଧ୍ୟାନ ଦେଇଛନ୍ତି । ଯେମିତି ସେ ଏହା କହିଛନ୍ତି କି **ଲିକୁଲ୍ଲି ଦାଇନ୍ ଦୱାଉନ୍ ଇଲ୍ଲଲ୍ ମୌତ୍** ଅର୍ଥାତ:- ପ୍ରତ୍ୟେକ ରୋଗର ଔଷଧ ରହିଛି କେବଳ ମୃତ୍ୟୁର ନୁହେଁ କାରଣ ତାହା ଆସିବା ଜରୁରୀ । ବା ଏହା କହିଛନ୍ତି: **ମନ୍ କାଲା ହଲକଲ୍ କୌମୁ ଫହୁୱ ଅହ୍‌ଲକହୁମ୍** ଅର୍ଥାତ: ଯିଏ କହୁଛି କି ଏ ଜାତି ଧ୍ୱଂସ ହୋଇଗଲା ବୋଲି, ସେ ହିଁ ସେହି ଜାତିର ଧ୍ୱଂସକର୍ତା । କାରଣ ସେ ଜାତିର ଆଶା/ଭରଷାକୁ ଭାଙ୍ଗି ତାକୁ ଧ୍ୱଂସର ନିକଟତର କରିଦେଇଥାଏ । ତେଣୁ ବ୍ୟକ୍ତିଗତ ରୂପେ ମଧ୍ୟ ଓ ଜାତିୟ ସ୍ତରରେ ମଧ୍ୟ ଆଶାର ଆତ୍ମାକୁ ବିକଶିତ କରାଯାଉ । କିନ୍ତୁ ଏକଥା ମନେରଖନ୍ତୁ ଏପରି ଆଶା ରହୁ ଯାହା ସହିତ କାର୍ଯ୍ୟଶକ୍ତି ଉନ୍ନତି କରୁଥିବ ନା କି ମନଇଚ୍ଛା କାର୍ଯ୍ୟ ବା ଭିତିହୀନ ଇଚ୍ଛା ପୋଷଣ କରୁଥିବ ଯାହା ଅଳସୁଆମି ଏବଂ ଅବହେଳା ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୁପ ଯେପରି ମୁସଲମାନମାନେ ନିଜର ଅବସ୍ଥାକୁ ସୁଧାରିବା ପାଇଁ ଚେଷ୍ଟା କରିବା ପରିବର୍ତେ ମନେ ମନେ ଏକଥା ଭାବୁଛନ୍ତି ଯେ ମସିହ୍ ଆସି ସମଗ୍ର ସଂସାରର ଧନ ଦଉଲତ ସେମାନଙ୍କୁ ଦେଇଦେବେ । ଅମାନି ଅର୍ଥାତ କେବଳ ଭିତିହୀନ ଇଚ୍ଛା ଓ ଅଭିଳାଷା ଯେବେ ସ୍ଥାୟୀ ଭାବରେ ହୃଦୟ ଭିତରେ ବସା ବାନ୍ଧିନିଏ ତେବେ ତାହା ମଧ୍ୟ ନିରାଶା ସଦୃଶ ମାରାତ୍ମକ ହୋଇଥାଏ'' ।

*(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୩୫୨....୨୦୧୦)*

## ନବୀ ସ:ଆ:ସଙ୍କ ବାଣୀ

### ତଦ୍‌ଫିନ୍ (ଅର୍ଥାତ କବର ଦେବା) ପରେ ନମାଜ ଯନାଜାଃ

(୧୨୪୭) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଜଣେ ଲୋକ ମରିଗଲେ, ଯାହାଙ୍କ ଇଆଦତ୍ (ଅର୍ଥାତ ରୋଗୀ ପରିଦର୍ଶନ) ରସୁଲୁଲ୍ଲାଃ କରୁଥିଲେ । ସେହି ବ୍ୟକ୍ତିଜଣକ ରାତିରେ ମରିଗଲେ ତେଣୁ ଲୋକମାନେ ରାତାରାତି ତାଙ୍କୁ ଦଫନ (ଅର୍ଥାତ କବର) ଦେଇଦେଲେ । ସକାଳ ହେବାରେ ଲୋକମାନେ ଆପଣ ସ:ଆ:ସଙ୍କୁ ଖବର କଲେ । ଆପଣ ସ:ଆ:ସ କହିଲେ ଯେ ମତେ ଏ ବିଷୟରେ ଏତେଲା ଦେବାପାଇଁ ତୁମକୁ କିଏ ରୋକିଥିଲା ? ଲୋକମାନେ କହିଲେ ରାତି ସମୟ ଅନ୍ଧାର ଥିଲା ତେଣୁ ଆମେମାନେ ଆପଣଙ୍କୁ କଷ୍ଟ ଦେବାକୁ ଚାହିଁଲୁ ନାହିଁ । ଅତଏବ ମହାଭାଗ ସ:ଆ:ସ ସେହି ଲୋକର କବର ନିକଟକୁ ଗଲେ ଏବଂ ନମାଜ (ଯନାଜାଃ) ପଢ଼ିଲେ ।

### ଯାହାର ଛୋଟପିଲା ମରିଯାଏ, ତାହାର ଶ୍ରେଷ୍ଠତା

(୧୨୪୮) ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ, ଲୋକମାନଙ୍କ ମଧ୍ୟରୁ ଯେଉଁ ମୁସଲମାନ ବ୍ୟକ୍ତିଙ୍କ ତିନୋଟି ପିଲା (ସନ୍ତାନ) ମରିଯାଆନ୍ତି ଓ ସେମାନେ ଏପର୍ଯ୍ୟନ୍ତ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ଜାଣିନାହାନ୍ତି, ତେବେ ନିଶ୍ଚିତ ରୂପେ ଅଲ୍ଲାଃ ତାଲା ସେମାନଙ୍କ ପ୍ରତିଥିବା ନିଜର କରୁଣା ଯୋଗୁଁ ତାଙ୍କୁ (ଅର୍ଥାତ ସନ୍ତାନମାନଙ୍କ ବାପାଙ୍କୁ) ବୈକୁଣ୍ଠରେ ପ୍ରବେଶ କରାଇବେ ।

(୧୨୪୯) ହଜ୍‌ରତ୍ ଅବୁ ସଇଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମହିଳାମାନେ ନବୀ ସ:ଆ:ସଙ୍କୁ ନିବେଦନ କଲେ ଯେ ଆମମାନଙ୍କ ପାଇଁ ମଧ୍ୟ ଗୋଟିଏ ଦିନ ଧାର୍ଯ୍ୟ କରନ୍ତୁ । ସୁତରାଂ ମହାଭାଗ ସ:ଆ:ସ ସେମାନଙ୍କୁ ଉପଦେଶ ଦେଲେ ଓ କହିଲେ: ଯେଉଁ ମହିଳାଙ୍କର ତିନିଜଣ ପିଲା ମରିଯାଇଥିବେ, ସେମାନେ ତା' ପାଇଁ (ଅର୍ଥାତ ସେହି ମାଆ ପାଇଁ) ଅଗ୍ନିରୁ ସୁରକ୍ଷା ଦେବାର ଆଶ୍ରୟ ହେବେ । ଏଥିରେ ଜଣେ ମହିଳା କହିଲେ ଯଦି ଦୁଇଜଣ (ମରିଯାଆନ୍ତି) ? ମହାଭାଗ ସ:ଆ:ସ କହିଲେ ତା'ହେଲେ ମଧ୍ୟ ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯନାଇଜ୍, ମୁଦ୍ରଣ କାଦିଆନ୍ ୨୦୦୬)***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଆଚରଣକୁ ଲକ୍ଷ୍ୟ କରି ତାଙ୍କର ଚରିତ୍ର ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରୁଥିଲେ । ତାଙ୍କର ଜଣେ ସୁପୁତ୍ରୀ କୁହନ୍ତି ଯେ, ଆମମାନଙ୍କର ଜୀବନରେ ଯେତେବେଳେ ସେ ମାତା ହୋଇ ଆସିଲେ ସେତେବେଳେ ଆମ ଜୀବନରେ ଆଲୋକ ଖେଳି ଉଠିଥିଲା ଏବଂ ଆମ ଭଳି ଅନାଥ ପିଲାଙ୍କର ସେ ସାହାରା ହୋଇଥିଲେ । ଜଣେ ମାତୃବତ୍ସଳଙ୍କ ପରି ସେ ଆମକୁ ସ୍ନେହ ଓ ଆଦର କରିଥିଲେ । ଆମମାନଙ୍କୁ କେବେବି ଏହା ଅନୁଭୂତ ହେବାକୁ ଦେଇନଥିଲେ ଯେ, ଆମ ଜନ୍ମକଲା ମାଆ ଆମ ଗହଣରେ ନାହିଁ । ତାଙ୍କ ନିଜ ଔରଷରୁ ମଧ୍ୟ ଜଣେ କନ୍ୟା ଜନ୍ମ ହୋଇଥିଲେ କିନ୍ତୁ ସେ ଏହି ତିନିଜଣ ଝିଅଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ବା ପାତରଅନ୍ତର କରିନଥିଲେ ବରଂ ତିନିଜଣ ମଧ୍ୟରେ ସର୍ବଦା ସମାନତା ରକ୍ଷା କରିଥିଲେ । ଅଲ୍ଲାଃ ତାଲାଙ୍କ ଅସ୍ତିତ୍ୱ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ଖିଲାଫତ୍ ଅହେମଦୀୟା ସହିତ ସଂଶ୍ଲିଷ୍ଟ ଧାର୍ମିକ ଶିକ୍ଷାପ୍ରତି ଆନୁଗତ୍ୟ ଭାବ ପ୍ରଦର୍ଶନ କରିବାପାଇଁ ନିଜ ସନ୍ତାନମାନଙ୍କୁ ପ୍ରେରିତ କରୁଥିଲେ । ସର୍ବଦା ସମ୍ପର୍କର ମହତ୍ୱ ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଶିକ୍ଷା ଦେଉଥିଲେ । ଅଲ୍ଲାଃ ତାଲା ତାଙ୍କ ସହ ମଧ୍ୟ ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ଦଶମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ସୁଲ୍‌ତାନ ଅଲୀ ରିହାନ୍ ସାହେବଙ୍କର । ସେ ହେଉଛନ୍ତି ମୁହମ୍ମଦ ଅହେମଦ୍ ନଇମ୍ ସାହେବ ମୁରବୀ ସିଲ୍‌ସିଲା ମର୍କଜି ଆରବୀ ଡ଼େସ୍କ ୟୁ.କେଙ୍କର ବାପା । ସ୍ୱର୍ଗତ ସୁଲ୍‌ତାନ ସାହେବଙ୍କ ମୃତ୍ୟୁ ୨୬ ମାର୍ଚ୍ଚରେ ୮୩ ବର୍ଷ ବୟସରେ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ** । ମୁହମ୍ମଦ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୋର ବଡ଼ ବାପା ସ୍ୱୟମ ଅନ୍ୱେଷଣ/ଅନୁସନ୍ଧାନ କରି ୧୯୫୮ ମସିହାରେ ବୟତ କରିଥିଲେ । ଯମାତ୍ ଅହେମଦୀୟରେ ଅର୍ନ୍ତଭୁକ୍ତ ହୋଇଥିଲେ । ଏଥିଅନ୍ତେ ମୋର ପିତାଶ୍ରୀଙ୍କୁ ତବ୍‌ଲିଗ୍ କରି ରବୱ୍ୱାର ଜଲ୍‌ସା ସାଲାନା ଅବସରରେ ସାମିଲ ହେବାପାଇଁ ପ୍ରେରଣ କରିଥିଲେ ଓ ଗୋଟିଏ ଦୁଇଟି ପୁସ୍ତକ ପଢ଼ିବାପାରେ ମୋ ପିତା ମଧ୍ୟ ଅଲ୍ଲାଃ ତାଲାଙ୍କ କୃପାରୁ ବୟତ କରିନେଇଥିଲେ । ବୟତ ପରେ ଦୁଇଭାଇଙ୍କୁ ଘୋର ବିରୋଦ୍ଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଦୁଇଭାଇଙ୍କୁ ହତ୍ୟା କରିବାକୁ ମଧ୍ୟ ଧମକ ଓ ଉଦ୍ୟମ କରାଯାଇଥିଲା । କିନ୍ତୁ ଅଲ୍ଲାଃ ତାଲା ସେମାନଙ୍କୁ ସୁରକ୍ଷିତ ରଖିଥିଲେ । ଅଣଅହେମଦୀ ମୌଲବୀମାନେ ଗ୍ରାମକୁ ଆସି କହୁଥିଲେ ତୁମ ଦ୍ୱାରା ଦୁଇଟି ଯୁବକ ହତ୍ୟା ହୋଇପାରୁନାହାନ୍ତି ଅର୍ଥାତ ତୁମେ ଏହି ଦୁଇଜଣ ଅହେମଦୀ ଯୁବକଙ୍କୁ ହତ୍ୟା କରିପାରୁନାହଁ ? ସେ ଯାହା ହେଉ ନା କାହିଁକି ଅଲ୍ଲାଃ ତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥିଲେ । ଏହା ସତ୍ତ୍ୱେ ମଧ୍ୟ ସେମାନେ ଅଣଅହେମଦୀ ବନ୍ଧୁବାନ୍ଧବଙ୍କ ଓ ଗ୍ରାମ ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲେ । ଗ୍ରାମବାସୀଙ୍କ ଶତୃତା ସତ୍ତ୍ୱେ ସେମାନଙ୍କ ପ୍ରତି ସଦ୍‌ଭାବନା ପ୍ରଦର୍ଶନ କରୁଥିଲେ । ତାଙ୍କର ଦୁଇଜଣ ପୁତ୍ର ଓ ଛଅଜଣ ପୁତ୍ରୀ ଅଛନ୍ତି । ଅଲ୍ଲାଃ ତାଲା ତାଙ୍କ ସହ ମଧ୍ୟ ସଦୟ ହୁଅନ୍ତୁ ଓ ମୁହମ୍ମଦ ଅହେମଦ୍ ନଇମ୍ ସାହେବ ମଧ୍ୟ ନିଜ ପିତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିନଥିଲେ । ଅଲ୍ଲାଃ ତାଲା ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୌଲବୀ ଗୁଲାମ୍ କାଦିର୍ ସାହେବଙ୍କର । ସେ ଜାମ୍ମୁକାଶ୍ମୀର ରାଜ୍ୟର ରାଜୋରୀ ଜିଲ୍ଲା ଅନ୍ତର୍ଗତ କାଲାବନ୍ ଯମାତ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଏବଂ ସେ ଓ୍ୱକ୍‌ଫେ ଜିନ୍ଦେଗୀ ଥିଲେ । ମାର୍ଚ୍ଚ ମାସ ୨୬ ତାରିଖ ଦିନ ୫୬ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତ ମୌଲବୀ ଗୁଲାମ୍ କାଦିର୍ ସାହେବଙ୍କ ବଂଶରେ ଅହେମଦିୟତ୍ ତାଙ୍କ ଦଦା (ଜେଜ) ସମ୍ମାନନୀୟ ବାହାଦୂର ଅଲୀ ସାହେବଙ୍କ ମାଧ୍ୟମରେ ଆସିଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ଉକ୍ତ ବଂଶର ୧୩ ଜଣ ସଦସ୍ୟ ଅଦ୍ୟାବଧି ଜମାଅତ୍‌ର ସେବା କାର୍ଯ୍ୟ କରିବାରେ ନିୟୋଜିତ ଅଛନ୍ତି । ସ୍ୱର୍ଗତ ମୁବଲ୍ଲିଗ୍ ସାହେବଙ୍କୁ ୩୪ ବର୍ଷ ୬ ମାସ ଜମାଅତ୍‌ର ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତ ଗୁଲାମ ସାହେବଙ୍କର ଯେଉଁଠି ବି ନିଯୁକ୍ତି ଏବଂ ବଦଳି ହେଉଥିଲା ସେଠାରେ ସେ ପ୍ରସନ୍ନଚିତର ସହକାରେ ସଂପୂର୍ଣ୍ଣ ପରିଶ୍ରମ ଏବଂ ଅକ୍ଳାନ୍ତ ଉଦ୍ୟମ ବଳରେ ଶିକ୍ଷା ଏବଂ ସଂସ୍କାରର ଦାୟିତ୍ୱ ଶେଷ ସମୟ ପର୍ଯ୍ୟନ୍ତ ନିର୍ବାହ କରିଥିଲେ । ପ୍ରଚାର କରିବାର କୌଶଳ ତାଙ୍କୁ ଭଲ ଭାବରେ ଜଣାଥିଲା । ସେ ପ୍ରଚାର ଭୂମିରେ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହିତ ବିରୋଧିମାନଙ୍କ ସହିତ ଦୃଢ଼ ଭାବରେ ମୁକାବିଲା କରିଥିଲେ । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳ, ମିତବ୍ୟୟୀ ଏବଂ ନିର୍ଭୀକ ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନ ମଧ୍ୟରେ ତାଙ୍କ ପତ୍ନୀଙ୍କ ବ୍ୟତୀତ ତିନିଜଣ ପୁତ୍ର ଓ ଦୁଇ ପୁତ୍ରୀ ରହିଛନ୍ତି । ତାଙ୍କର ଗୋଟିଏ ପୁତ୍ର ବଶୀରୁଦ୍ଦୀନ୍ କାଦିର୍ ଜାମିୟା ଅହେମଦିୟା କାଦିୟାନର ଶେଷ ବର୍ଷରେ ଅଧ୍ୟୟନରତ ଶିକ୍ଷାର୍ଥୀ ଅଟନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ମେହ୍‌ମୁଦା ବେଗମ ସାହେବାଙ୍କର । ସେ କାଦିୟାନ୍‌ର ମୁହମ୍ମଦ ସାଦିକ୍ ସାହେବ ଆରିଫ୍ ଦର୍‌ୱ୍ୱେଶ୍‌ଙ୍କର ପତ୍ନୀ ଥିଲେ । ସେ ଏପ୍ରିଲ୍ ପହିଲା ଦିନ ୮୫ ବର୍ଷ ବୟସରେ ହୃଦୟର ସ୍ପନ୍ଦନ ଅଟକି ଯିବା ଫଳରେ ମୃତ୍ୟୁବରଣ କରିଥିଲେ । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତା ହଜ୍‌ରତ୍ କାଜି ଅଶ୍ରଫ୍ ଅଲୀ ସାହେବ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ମୌଜା ଅଲୀପୁର୍ ଖେଢ଼ା ଜିଲ୍ଲା ମୈନ୍‌ପୁରୀ ଉତର ପ୍ରଦେଶ ନିବାସୀଙ୍କ ପୌତ୍ରୀ ଥିଲେ ଏବଂ କାଜି ଶାଦ୍ ବଖ୍‌ତ୍ ଅବାସି ସାହେବ୍ ମର୍‌ହୁମ୍‌ଙ୍କ ପୁତ୍ରୀ ଥିଲେ । ତାଙ୍କର ବିବାହ ମୁହମ୍ମଦ ଆରିଫ୍ ସାଦିକ୍ ସାହେବ ଦର୍‌ୱ୍ୱେଶ୍‌ଙ୍କ ସହିତ ହୋଇଥିଲା । ସ୍ୱର୍ଗତା ନିଜ ସ୍ୱାମୀଙ୍କ ସହିତ ଦର୍‌ୱ୍ୱେଶୀ ଜୀବନ ଅତ୍ୟନ୍ତ ଧୈର୍ଯ୍ୟ ଏବଂ କୃତଜ୍ଞତାର ସହିତ ଯାପନ କରିଥିଲେ । ଯଦିଚ ଅତି ଜଟିଳ ପରିସ୍ଥିତି ଦେଇ ସମୟ ଅତିବାହିତ ହୋଇଥିଲା ତଥାପି ସେ ସର୍ବଦା ଧୈର୍ଯ୍ୟର ନମୁନା ପ୍ରଦର୍ଶନ କରିଥିଲେ । କେବେ କୌଣସି ଅଭିଯୋଗ କରିବା କିମ୍ବା କାହା ଆଗରେ ହାତ ପାତିବା ତାଙ୍କର ଗୁଣ ନଥିଲା ଓ ଅଭାବ ଅନଟନରେ ରହି ମଧ୍ୟ ପ୍ରଭୁଙ୍କ କୃତଜ୍ଞତାର ସହ ଦିନ କାଟିଥିଲେ । ସେ ନିୟମିତ ପାଂଚବେଳା ନମାଜ ପଢୁଥିଲେ । ମୃତ୍ୟୁଶଯ୍ୟାରେ ମଧ୍ୟ ନମାଜ ପାଇଁ ଅଧିର ହୋଇ ଉଠି ପଢୁଥିଲେ । ସେ ପବିତ୍ର କୁର୍‌ଆନ୍ କରିମ୍‌ର ପାଠ କରିବା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ସେ ଚାନ୍ଦା ଦେବାରେ ନିୟମିତତା ଅବଲମ୍ବନ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଘନିଷ୍ଠ ସଂପର୍କ ରହିଥିଲା ଏବଂ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବାକୁ ଉତ୍ସାହିତ କରୁଥିଲେ । ସ୍ୱର୍ଗତା ମେହ୍‌ମୁଦା ସାହେବା ଓ୍ୱସିୟତ୍ କରିଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ସାମିଲ ରହିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଖାଲିଦ୍ ସାଆଦୁଲ୍ଲାଃ ଅଲ୍‌ମିସ୍ରୀ ସାହେବ ଉର୍ଦ୍ଦୁନ୍‌ଙ୍କର । ବିଗତ ଦିନ ୬୦ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ନିଜ ବଂଶରେ ପ୍ରଥମ ଅହେମଦୀ ଥିଲେ । ଅତ୍ୟନ୍ତ ନିଷ୍ଠାର ସହିତ ସେ ନିୟମିତ ନମାଜ ପାଠ କରୁଥିଲେ ଓ ଯମାତ୍‌ର ନିର୍ଦ୍ଦେଶାବଳୀକୁ ପାଳନ କରୁଥିଲେ । ସେ ଅତ୍ୟନ୍ତ ପ୍ରସନ୍ନଚିତ, ଅତିଥିପ୍ରୀୟ ଓ ମେଳାପି ବ୍ୟକ୍ତି ଥିଲେ । ଅତ୍ୟନ୍ତ ଶାନ୍ତ ସ୍ୱଭାବ ଓ କମ୍ କଥାବାର୍ତା କରୁଥିବା ବ୍ୟକ୍ତି ଥିଲେ । ତାଙ୍କ ପାଇଁ ଖଲିଫାଙ୍କ କଥାଗୁଡ଼ିକ ଅକାଟ୍ୟ ବଚନ ଓ ଆଦେଶ ସ୍ୱରୁପ ଥିଲା । ବିଶେଷ କରି ସେ ନିୟମିତ ରୂପେ ଖୁତ୍‌ବା ଜୁମା ଦେଖୁଥିଲେ ଓ ଶୁଣୁଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ରବ୍‌ୱ୍ୱାର ଦାରୁଲ୍ ଫଜଲ୍‌ର ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ମୁନୀର ସାହେବଙ୍କର । ଏପ୍ରିଲ୍ ପହିଲା ଦିନ ୭୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ମୁନୀର ସାହେବ ୧୯୭୨ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କ ହସ୍ତରେ ବୟତ କରିଥିଲେ । ତାଙ୍କ ପରିବାରବର୍ଗର ଅନ୍ୟ ସଦସ୍ୟମାନେ ମଧ୍ୟ ଅହେମଦୀ ନଥିଲେ ଅତଏବ ଏହି କାରଣରୁ ତାଙ୍କ ପରିବାରର ଲୋକେ ତାଙ୍କ ଉପରେ ଅନେକ ଅତ୍ୟାଚାର ଓ ନିର୍ଯ୍ୟାତନା ବଜାୟ ରଖିଥିଲେ କାରଣ ସେ ନିଜ ପୂର୍ବଜମାନଙ୍କ ଧର୍ମକୁ ଛାଡ଼ି ଅହେମଦୀ ହୋଇଯାଇଥିଲେ । ୨୦୦୩ ମସିହାରେ ତାଙ୍କୁ ତାଙ୍କ ଅଣଅହେମଦୀ ଭାଇବନ୍ଧୁଙ୍କ ନିକଟରୁ ଏ ଅଫର୍ ମିଳିଲା ଯେ, ଆମେ ଆପଣଙ୍କୁ ଏତେ ଦେବୁ ଯେ ଆପଣଙ୍କ ସନ୍ତାନମାନଙ୍କୁ ମଧ୍ୟ ରୋଜଗାର କରିବାକୁ ପଡ଼ିବନାହିଁ । ଏହା ସତ୍ତ୍ୱେ ମଧ୍ୟ ସେ ଏହାକୁ ଭ୍ରୁକ୍ଷେପ ନ କରି ଅବିଚଳତା ଓ ଦୃଢ଼ତା ପ୍ରଦର୍ଶନ କରିଥିଲେ ଅର୍ଥାତ ନିଜ ପରିଜନଙ୍କ କଥାକୁ ରଖିନଥିଲେ ଓ ନିଜ ବିଶ୍ୱାସରେ ଅଟଳ ରହିଥିଲେ । ତାଙ୍କ ସୁପୁତ୍ରୀ କମର୍ ମୁନୀର ସାହେବା ୟୁକେରେ ଓ୍ୱକ୍‌ଫେ ଜିନ୍ଦଗୀର କର୍ମଚାରୀ ରୂପେ କର୍ମରତ । ତାଙ୍କର ପତ୍ନୀ ଅଛନ୍ତି ଓ ତାଙ୍କର ସୁପୁତ୍ର ତାହିର୍ ଓ୍ୱକାସ୍ ମଧ୍ୟ ଓ୍ୱକ୍‌ଫେ ଜିନ୍ଦଗୀ ଅଟନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ସ୍ୱର୍ଗତ ମୁନୀର ସାହେବ ଜଣେ ପୂଣ୍ୟବାନ ଓ ନୈଷ୍ଠିକ ବ୍ୟକ୍ତି ଥିଲେ । କେବେ କୌଣସି କଥାର କ୍ରୋଧ ପ୍ରକାଶ କରୁନଥିଲେ । ସର୍ବଦା ସ୍ମିତହାସ୍ୟ ପରିପ୍ରକାଶ କରୁଥିଲେ । ପାଂଚବେଳା ନମାଜ ପାଠ କରିବା ଯଥା ସମୟରେ ଚାନ୍ଦା ପଇଠ କରିବା । ବନ୍ଧୁ, ସମ୍ପର୍କୀୟଙ୍କ ସହ ଉତମ ଆଚରଣ ପ୍ରଦର୍ଶନ କରିବା ଆଦି ତାଙ୍କର ବିଶେଷ ଗୁଣ ଥିଲା । ଶ୍ରୀମାନ୍ ହାଫିଜ୍ ସଇଦୁର୍ ରହ୍‌ମାନ୍ ସାହେବ ଯିଏ ତାଙ୍କର ଜଣେ ବନ୍ଧୁ ଅଟନ୍ତି, ସେ କୁହନ୍ତି ମୋର ପିତା ତାଙ୍କୁ ଅର୍ଥାତ ମୁହମ୍ମଦ୍ ମୁନୀର୍ ସାହେବ୍‌ଙ୍କୁ କାମ ଶିଖାଇଥିଲେ କାରଣ ତାଙ୍କ ଅଣଅହେମଦୀ ବନ୍ଧୁବାନ୍ଧବ ତାଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁନଥିଲେ । ମୋ ପିତା ତାଙ୍କ ପାଖକୁ ଚାଲି ଆସୁଥିଲେ, ତାଙ୍କ ଦୋକାନ ସେଇଠି ପାଖରେ ଥିଲା ଅତଏବ ସେ ତାଙ୍କୁ କାମ ଶିଖାଇଥିଲେ ଓ ପୁନଶ୍ଚ ତାଙ୍କ ଘରେ ରହିବାକୁ ଲାଗିଲେ । ସେ କୁହନ୍ତି ସ୍ୱର୍ଗତ ମୁନୀର ସାହେବ ନିୟମିତ ନମାଜ ପାଠ କରିବା ମସ୍‌ଜିଦ୍‌କୁ ଯିବା ଓ ଆଗଧାଡ଼ିରେ ବସିବା ତାଙ୍କର ବିଶେଷଗୁଣ ଥିଲା । ଅତଏବ ପ୍ରଚାର ପାଇଁ ତାଙ୍କ ମନରେ ଏତେ ଅଭିରୁଚି ରହିଥିଲା ଯେ, ରବୱ୍ୱାର ନିକଟବର୍ତୀ ଗ୍ରାମକୁ ତବ୍‌ଲିଗ୍ କରିବାପାଇଁ ଉଭୟ ସ୍ୱାମୀ ସ୍ତ୍ରୀ ଚାଲିଯାଉଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ରବ୍‌ୱ୍ୱା ଦାରୁଲ୍ ବର୍କାତର ସମ୍ମାନନୀୟ ସ୍ୱର୍ଗତ ମାଷ୍ଟର ନଜୀର୍ ଅହେମଦ ସାହେବଙ୍କର । ଏପ୍ରିଲ୍ ମାସ ୪ ତାରିଖ ଦିନ ୮୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତଙ୍କ ପରିବାରରେ ଅହେମଦିୟତ ତାଙ୍କ ପିତା ସ୍ୱର୍ଗତ ମିଆଁ ଉମରୁଦ୍ଦିନ୍ ସାହେବ ମର୍‌ହୁମ୍ ପୁତ୍ର ମିଆଁ କରମଦୀନ ସାହେବ ଆଫ୍ ଦାତା ଜୈଦ୍ ଜିଲ୍ଲା ସିଆଲକୋଟ ମାଧ୍ୟମରେ ଆସିଥିଲା । ୧୫ ବର୍ଷ ବୟସରେ ସେ ମାର୍ଗଦର୍ଶନ ପ୍ରାପ୍ତ କରିଥିଲେ । ୧୯୧୪ ବା ୧୯୧୫ ମସିହାର ଜଲ୍‌ସା ସାଲାନାରେ ଖଲିଫା ସାନିଙ୍କ ହସ୍ତରେ ସେ ବୟତ କରିଥିଲେ । ସ୍ୱପ୍ନ ମାଧ୍ୟମରେ ତାଙ୍କର ମାର୍ଗଦର୍ଶନ ହୋଇଥିଲା । ପୁନଶ୍ଚ ମାଷ୍ଟର ସାହେବ ଯେତେବେଳେ ସର୍ଗୋଦା ଜିଲ୍ଲା ଅର୍ନ୍ତଗତ ୯୯ ଶିମାଲିରେ ଅବସ୍ଥାପିତ ହୋଇଥିଲେ ସେତେବେଳେ । ସେଠିକାର ସ୍କୁଲ୍‌ର ସମସ୍ତ ଶିକ୍ଷକମାନେ ତାଙ୍କର ବହିଷ୍କାର କରିଥିଲେ । ସେହି ସ୍କୁଲରେ ତାଙ୍କର ଅଧ୍ୟୟନରତ ୯ ବର୍ଷିୟ ସୁପୁତ୍ର ନଶିର୍ ଅହେମଦ୍‌ଙ୍କୁ ମଧ୍ୟ ଛୁରା ମାଡ଼ ହୋଇଥିଲା ଅର୍ଥାତ ତାଙ୍କୁ ଶତୃମାନେ ଛୁରୀ ଭୁଷି ଦେଇଥିଲେ । ମାଷ୍ଟର ସାହେବ ଏଥିରେ ପ୍ରତିକ୍ରିୟାଶୀଳ ନ ହୋଇ ଧୈର୍ଯ୍ୟର ନମୁନା ପ୍ରଦର୍ଶନ କରିଥିଲେ । ସେ ଯାହା ହେଉ ନା କାହିଁକି କିଛିଦିନ ପରେ ତାଙ୍କର ଏହି ପୁତ୍ର ଯାହାକୁ ଛୁରୀ ଦ୍ୱାରା ଆକ୍ରମଣ କରାଯାଇଥିଲା ବଂଚି ଯାଇଥିଲା କିନ୍ତୁ କିଛି ଦିନ ପରେ ଜ୍ୱର ହେବା କାରଣରୁ ତା'ର ଅକାଳ ବିୟୋଗ ଘଟିଥିଲା । ସେହି ପୁତ୍ରକୁ କବର ମଧ୍ୟକୁ ଓହ୍ଲାଇ ସ୍ୱର୍ଗତ ମାଷ୍ଟର ସାହେବ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସର ସହିତ କହିଥିଲେ, ପୁତ୍ର ମୁଁ ତୋ ପାଇଁ ଗର୍ବିତ କାରଣ ତୁ ନିଜ ଶରୀରରେ ଯମାତ୍‌ର ସତ୍ୟତାର ନିଦର୍ଶନ ବହନ କରି ଇହଧାମ ତ୍ୟାଗ କରୁଅଛୁ । ଯେପର୍ଯ୍ୟନ୍ତ ସେ ସେହି ଗ୍ରାମରେ ରହିଲେ ସେ ପର୍ଯ୍ୟନ୍ତ କୌଣସି ମୁଅଲ୍ଲିମ୍ କିମ୍ବା ମୁବଲିଗ୍‌ର ଆବଶ୍ୟକତା ପଡ଼ିନଥିଲା ସେ ସ୍ୱୟମ ଏହି ସମସ୍ତ ଦାୟିତ୍ୱ ତୁଲାଇଥିଲେ । ଏହାପରେ ତାଙ୍କର ବଦଳି ରବୱ୍ୱାର ନିକଟବର୍ତୀ ସ୍ଥାନରେ ହୋଇଥିଲା । ରବୱ୍ୱାରେ ସ୍ଥାନାନ୍ତରିତ ହେବା ପରେ ସେ ସେଠାରେ ମଧ୍ୟ ସମାନ ରୂପେ ସେବା ସମ୍ପାଦନ କରିଥିଲେ । ସେ ଅସଂଖ୍ୟ ବାଳକବାଳିକାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇଥିଲେ ଏହାପରେ ସେ ରିଟାଏଡ଼ ହେବା ପରେ କାରି ଆଶିକ୍ ସାହେବ୍‌ଙ୍କ ନିକଟରୁ ପବିତ୍ର କୁର୍‌ଆନ୍‌ର ତର୍‌ତିଲ୍ ଶିକ୍ଷା କଲେ । କାରି ସାହେବଙ୍କଠାରୁ ଶିକ୍ଷା ନେଇ ନିଜ ସାହିରେ ପବିତ୍ର କୁର୍‌ଆନ୍‌ର କ୍ଲାସ ଜାରି କରିଥିଲେ । ତାଙ୍କର ଏହି ଉଦ୍ୟମ ରହିଥିଲା ଯେ କୌଣସି ବାଳକ କିମ୍ବା ବାଳିକା ଯିଏ ମାଟ୍ରିକ ପରୀକ୍ଷା ଉତୀର୍ଣ୍ଣ କରିସାରିଛି ସେ ପବିତ୍ର କୁର୍‌ଆନ୍ ପଢ଼ିବାରୁ ବଂଚିତ ରହି ନଯାଉ । ଯଦି ଏପରି କୌଣସି ବାଳକ ଥାଏ ବା ଥିଲା ତେବେ ସେ ସେହି ବାଳକ ଘରକୁ ପହଂଚି ତାକୁ ପବିତ୍ର କୁର୍‌ଆନ୍‌ର ଶିକ୍ଷା ଦେଉଥିଲେ । ଅତ୍ୟନ୍ତ ସ୍ୱଳ୍ପ ବୟସରୁ ହିଁ ସେ ତହ୍‌ଯୁଦ୍ ପାଠ କରୁଥିଲେ । କରୋନା ଯୋଗୁଁ ଯେତେବେଳେ ରବୱ୍ୱାରେ ୬୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କ ପାଇଁ କଟକଣା ଲାଗୁ କରାଯାଇଥିଲା ସେତେବେଳେ ସେ ମସ୍‌ଜିଦ ନଯାଇ ଘରେ ନମାଜ ଓ ଜୁମା ପଢ଼ିବାର ବ୍ୟବସ୍ଥା କରିଥିଲେ । ଏକ ସ୍ୱପ୍ନ ଯୋଗୁଁ ସେ ନିଶ୍ଚିତ ହୋଇଯାଇଥିଲେ ଯେ, ଅଶିବର୍ଷ ବୟସରେ ହିଁ ତାଙ୍କର ବିୟୋଗ ଘଟିବ ଏବଂ ତାହା ହିଁ ହୋଇଥିଲା । ତାଙ୍କର ତିନୋଟି ପୁତ୍ର ଅଛନ୍ତି ଓ ଜଣେ ଝିଅ ଅଛନ୍ତି । ସେ ଯାହା ହେଉ ନା କାହିଁକି ତାଙ୍କର ତିନିଜଣ ପୁତ୍ର ଓ୍ୱକ୍‌ଫେ ଜିନ୍ଦଗୀ ଭାବରେ ସେବା ସମ୍ପାଦନ କରୁଛନ୍ତି । ଗୋଟିଏ ପୁତ୍ର ଅଜିଜ ସାହେବ ଆମର ଏଠାରେ ଅର୍ଥାତ ଇସଲାମାବାଦରେ କର୍ମରତ ଅଛନ୍ତି । ଦ୍ୱିତୀୟ ପୁତ୍ର ନସିମ୍ ଅହେମଦ୍ ରବୱ୍ୱାରେ ସାହେବ ମୁବଲିଗ୍ ସିଲ୍‌ସିଲା ଅଛନ୍ତି । ତୃତୀୟ ପୁତ୍ର ସଇଦ ଅହେମଦ୍ ଅଦିଲ୍ ସାହେବ ନାଇଜେରିଆରେ ମୁବଲିଗ୍ ଭାବରେ କାର୍ଯ୍ୟରତ ଇଏ ମଧ୍ୟ ତଦ୍‌ଫିନ୍ ଅର୍ଥାତ ଶେଷ ଅନ୍ତ୍ୟେଷ୍ଟିକ୍ରୀୟାରେ ଯୋଗ ଦେଇପାରିଲେ ନାହିଁ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସେମାନଙ୍କ ପରିଜନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ତଥା ତାଙ୍କ ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ସେହି ଅସ୍ତିତ୍ୱର ରାଣ ଯାହାଙ୍କ ହାତମୁଠାରେ ମୁହମ୍ମଦ ସ:ଆ:ସଙ୍କ ଜୀବନ ରହିଛି । ନିଶ୍ଚିତ ରୂପେ ଫରିସ୍ତାମାନେ ଉସ୍‌ମାନ୍ ର:ଅଙ୍କୁ ସେହିପରି ଲାଜ କରିଥାନ୍ତି ଯେପରି ସେହି ଫରିସ୍ତାମାନେ ଅଲ୍ଲାଃ ଏବଂ ତାହାଙ୍କ ରସୁଲ ସ:ଆ:ସଙ୍କ ସହିତ ଲାଜ କରିଥାନ୍ତି । (ଅଲ୍‌ହଦିସ୍)

୨୩ ମାର୍ଚ୍ଚ, ମସିହ୍ ମଉଦ୍ ଦିବସ ଅବସରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଲେଖନୀରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଆବଶ୍ୟକତା, ଉଦ୍ଦେଶ୍ୟ ଏବଂ ମହାଭାଗ ସ:ଆ:ସଙ୍କ ସତ୍ୟତାର ବର୍ଣ୍ଣନା

ରସୁଲୁଲ୍ଲାଃ ସ:ଆ:ସ ନିଜର ଦୁଇ ହାତ ଉପରକୁ ଉଠାଇଲେ, ଏପରି କି ତାଙ୍କ କାଖର ଶୁଭ୍ରରଙ୍ଗ ଦିଶିବାକୁ ଲାଗିଲା ଏବଂ ଆପଣ ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପାଇଁ ଦୁଆ କଲେ । ମୁଁ ନବୀ କରିମ୍ ସ:ଆ:ସଙ୍କୁ ଅନ୍ୟ କାହା ପାଇଁ ଏପରି ଦୁଆ (ପ୍ରାର୍ଥନା) କରିବାର ନା ପୂର୍ବରୁ କେବେ ଦେଖିଛି ନା ପରେ । ସେହି ଦୁଆଟି ଏପରି ଥିଲା- **ଅଲ୍ଲାଃହୁମ୍ମା ଆତି ଉସ୍‌ମାନା ଅଲ୍ଲାହୁମ୍ମା ଇଫଅଲ୍ ବିଉସ୍‌ମାନା** ଅର୍ଥାତ- ହେ ଅଲ୍ଲାଃ ! ଉସ୍‌ମାନଙ୍କୁ ବହୁତ ପ୍ରଦାନ କର । ହେ ଅଲ୍ଲାଃ ! ଉସ୍‌ମାନ୍ ଉପରେ ତୁମ୍ଭର କରୁଣା ଅବତୀର୍ଣ୍ଣ ହେଉ ।

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦ୍ୱାରା ସ୍ୱାଧିନ ହୋଇଥିବା ଗୁଲାମ୍ ଅବୁ ସଇଦ୍ ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଘରେ ଗୃହବନ୍ଦୀ ରହିବା ସମୟରେ ୨୦ ଜଣ ଗୁଲାମ (କ୍ରିତଦାସ)ଙ୍କୁ ସ୍ୱାଧିନ କରିଛନ୍ତି ।

ପାଂଚଜଣ ମରହୁମୀନ୍ (ମୃତକ) ଶ୍ରୀମାନ୍ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବ୍ ମୁରବୀ ସିଲ୍‌ସିଲା, ଶ୍ରୀମାନ୍ ଡ଼ାକ୍ତର ନିଜାମୁଦ୍ଦିନ୍ ବୁଧନ୍ ସାହେବ୍ ଆଫ୍ ଆଇଭରୀ କୋଷ୍ଟ, ମୋହ୍‌ତରମା ସଲ୍‌ମା ବେଗମ୍ ସାହିବା ପତ୍ନୀ ଡ଼ାକ୍ତର ରାଜା ନଜିର୍ ଅହେମଦ୍ ଜଫର୍ ସାହେବ୍, ମୋକରମା କିଶ୍ୱର ତନ୍‌ୱିର୍ ଅର୍‌ଶଦ୍ ସାହିବା ପତ୍ନୀ ଅବ୍‌ଦୁଲ୍ ବାକି ଅର୍‌ଶଦ୍ ସାହିବ୍ ଚେୟାରମ୍ୟାନ ଅଶ୍‌ଶିର୍‌କତୁଲ୍ ଇସ୍‌ଲାମିୟା ଏବଂ ଶ୍ରୀମାନ୍ ଅବ୍‌ଦୁର୍ ରହ୍‌ମାନ୍ ହୁସୈନ୍ ମୁହମ୍ମଦ ଖୈର୍ ସାହେବ ଅଫ୍ ସୁଡ଼ାନଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

ଅଲ୍‌ଯଜାଇର୍ ଏବଂ ପାକିସ୍ତାନ୍‌ରେ ଅହେମଦୀମାନଙ୍କର ଯେଉଁ ବିରୋଧ ହେଉଛି ତାହାକୁ ଦୃଷ୍ଟିରେ ରଖି ବିଶେଷ ଦୁଆ କରିବାକୁ ଉପଦେଶ ।

ଚିନୀ ଡ଼େସ୍କର ନୂତନ ୱେବସାଇଟ୍‌ର ଶୁଭାରମ୍ଭର ଘୋଷଣା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]**
**(ପ୍ରଦତ୍: ୦୨ ଏପ୍ରିଲ୍ ୨୦୨୧ ଅନୁଯାୟୀ ୦୨ ଶାହାଦତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ସମ୍ପର୍କରେ ଚର୍ଚ୍ଚା ଅଭ୍ୟାହତ ରହିଛି । ଆଜି ମଧ ତାଙ୍କରି ଜିବନୀ ଚର୍ଚ୍ଚା କରିବି । ହଜ୍‌ରତ୍ ଉସ୍‌ମାନ୍ ର:ଅ ବହୁତ ସ୍ୱଚ୍ଛ ଓ ଲାଜକୁଳା ସ୍ୱଭାବର ବ୍ୟକ୍ତି ଥିଲେ । ଏ ସମ୍ବନ୍ଧରେ ଗୋଟିଏ ରିୱାୟତ ଅଛି ଯେ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ରିୱାୟତ କରୁଛନ୍ତି ଯେ, ରସୁଲେ୍ କରିମ୍ ସ:ଆ:ସ କହିଲେ, ମୋ ସମ୍ପ୍ରଦାୟରେ ସର୍ବାଧିକ ଦୟାବାନ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅବୁବକର ର:ଅ, ଅଲ୍ଲାଃଙ୍କ ଦୀନ୍ (ଧର୍ମ)ରେ ସମସ୍ତଙ୍କଠାରୁ ଦୃଢ଼ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉମର ର:ଅ, ହଜ୍‌ରତ୍ ଉସ୍‌ମାନ୍ ର:ଅ ସର୍ବାଧିକ ଲଜ୍ୟାଶୀଳ ବ୍ୟକ୍ତି ଅଟନ୍ତି, ଏମାନଙ୍କ ମଧ୍ୟରୁ ସବୁଠାରୁ ଅଧିକ ଭଲ ନିଷ୍ପତି କରୁଥିବା ବ୍ୟକ୍ତି ହେଉଛନ୍ତି ଅଲୀ ବିନ୍ ଅବି ତାଲିବ୍ । କୁର୍‌ଆନ୍ ସମ୍ପର୍କରେ ଜ୍ଞାନୀ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ, ବୈଧଏବଂ ଅବୈଧ ମଧ୍ୟରେ ଉତମ ରୂପେ ଧାରଣା ରଖିଥିବା ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ, ଏବଂ ସବୁଠାରୁ ଅଧିକା କର୍ତବ୍ୟବୋଧ ସଂପର୍କରେ ଅବଗତ ଥିବା ବ୍ୟକ୍ତି ହେଉଛନ୍ତି ହଜରତ ସାବିତ୍ ବିନ୍ ର:ଅ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଶୁଣ ! ପ୍ରତ୍ୟେକ ସମ୍ପ୍ରଦାୟ ପାଇଁ ଜଣେ ଅମିନ୍ ଅର୍ଥାତ ସନ୍ତକ ରକ୍ଷାକାରୀ ବ୍ୟକ୍ତି ଥାଏ ଏବଂ ମୋ ସମ୍ପ୍ରଦାୟରେ ସନ୍ତକ ରକ୍ଷାକାରୀ ବ୍ୟକ୍ତି ହେଉଛନ୍ତି ହଜ୍‌ରତ୍ ଅବୁ ଉବୈଦାହ୍ ବିନ୍ ଜର୍ରାହ୍ ର:ଅ ।

***(ସୁନନେ ଇବ୍‌ନେ ମାଜାଃ..... ହଦିସ୍ ୧୫୪)***

ହଜ୍‌ରତ୍ ଉସ୍‌ମାନ୍ ର:ଅ କୁହନ୍ତି, ମୁଁ ନା କଦାପି ଅବହେଳା ପ୍ରଦର୍ଶନ କରିଛି ନା କଦାଚିତ ଖଲିଫା ହେବାର ଅଭିଳାଷୀ ହୋଇଛି । ନା ଅନ୍ୟ କୌଣସି ଉଚ୍ଚ ଆସନ ପ୍ରାପ୍ତି ପ୍ରତି ମୋ ମନରେ ଉତ୍କଣ୍ଠା ବା କାମନା ଜାତ ହୋଇଛି ।

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଲାଜକୁଳା ସ୍ୱଭାବ ସମ୍ପର୍କରେ ବର୍ଣ୍ଣନା କରି ହଜ୍‌ରତ୍ ଆଇଶା ର:ଅ କୁହନ୍ତି: ହଜୁର ସ:ଆ:ସ ମୋ ଘରେ ନିଜ ଜଙ୍ଘ ଅବା ଗୋଡ଼ରୁ ବସ୍ତ୍ର ଉଠାଇ ବିଶ୍ରାମ କରୁଥିଲେ ଯେ, ସେହି ସମୟରେ ହଜ୍‌ରତ୍ ଅବୁବକର ର:ଅ ଭିତରକୁ ଆସିବା ପାଇଁ ଅନୁମତି ମାଗିଲେ । ହଜୁର ସ:ଆ:ସ ତାଙ୍କୁ ଅନୁମତି ପ୍ରଦାନ କଲେ । ସେଥିଅନ୍ତେ ହଜ୍‌ରତ୍ ଉମର ର:ଅ ଅନୁମତି ମାଗିଲେ, ହଜୁର ସ:ଆ:ସ ତାଙ୍କୁ ମଧ ଅନୁମତି ପ୍ରଦାନ କଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଅନୁମତି ମାଗିଲେ ଅର୍ଥାତ ତାଙ୍କ ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଆଗମନ ହେଲା ସେତେବେଳେ ହଜୁର ସ:ଆ:ସ ଉଠି ବସିପଡ଼ିଲେ ଏବଂ ନିଜ ବସ୍ତ୍ରକୁ ସଜାଡ଼ି ନେଲେ । ବର୍ଣ୍ଣନାକାରୀ କୁହନ୍ତି ଏହି ଘଟଣାଟି ଗୋଟିଏ ଦିନର ବୋଲି ମନେ କରୁନାହିଁ । ସମ୍ଭବତଃ ଏହା ଭିନ୍ନ ଭିନ୍ନ ସମୟରେ ଘଟିଥାଇ ପାରେ । ମନେ ହେଉଛି ଯେ ହଜ୍‌ରତ୍ ଆଇଶା ର:ଅ ହଜ୍‌ରତ ଅବୁବକର ର:ଅଙ୍କୁ ଦେଖିଲେ ଯେ, ସେ ଆସି ହଜୁର ସ:ଆ:ସଙ୍କ ସହ କଥୋପକଥନ କଲେ ଏବଂ ତା'ପରେ ଚାଲିଗଲେ ସତେବେଳେ ହଜୁର ସ:ଆ:ସ କିଛି ବିଶେଷ ତାଙ୍କ ପ୍ରତି ମନଯୋଗ କଲେ ନାହିଁ । ସେହିପରି ହଜ୍‌ରତ୍ ଉମର ର:ଅ ମଧ ଆସିଲେ ଏବଂ ସେ ମଧ ହଜୁର ସ:ଆ:ସଙ୍କ ସହ ବାର୍ତାଳାପ କଲେ ଏବଂ ତା'ପରେ ଉଠି ଚାଲିଗଲେ । କିନ୍ତୁ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆପଣ ସ:ଆ:ସଙ୍କ ନିକଟକୁ ଆସିଲେ ସେତେବେଳେ ହଜୁର ସ:ଆ:ସ ଉଠି ବସିପଡ଼ିଲେ ଏବଂ ନିଜ ବସ୍ତ୍ରକୁ ସାଉଁଟି ସଜାଡ଼ି ନେଲେ । ସେଥିଅନ୍ତେ ଆପଣ ସ:ଆ:ସ କହିଲେ, କଣ ମୁଁ ସେହି ବ୍ୟକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବିନାହିଁ ଯାହାଙ୍କୁ ଦେବଦୂତମାନେ ଲାଜ କରନ୍ତି । ଆଉ ଏକ ହଦିସ୍‌ରେ ଏଭଳି ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଆଇଶା ର:ଅ କୁହନ୍ତି ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଆଗମନରେ କାହିଁକି ବିଶେଷ ବ୍ୟବସ୍ଥା କରୁଥିଲେ ? ଏହାର କାରଣ କଣ ? ଏଥିରେ ହଜୁର ସ:ଆ:ସ କହିଲେ, କଣ ମୁଁ ସେହି ବ୍ୟକ୍ତି ପ୍ରତି ସମ୍ମାନ ପ୍ରଦର୍ଶନ କରିବିନାହିଁ ଯାହାକୁ ଦେବଦୂତମାନେ ଲାଜ କରନ୍ତି ଅଥବା ସମ୍ମାନ ପ୍ରଦର୍ଶନ କରନ୍ତି । ସେହି ସର୍ବଶକ୍ତିମାନ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ରାଣ ଯାହାଙ୍କ ହାତ ମୁଠାରେ ଜୀବନି ନାଟିକା ରହିଛି । ସୁନିଶ୍ଚିତ ରୂପେ ଦେବଦୂତମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରତି ସେହିପରି ସମ୍ମାନ ପ୍ରଦର୍ଶନ କରିଥାନ୍ତି ଯେପରି ଅଲ୍ଲାଃ ଓ ତାଙ୍କ ରସୁଲ୍‌ଙ୍କ ପ୍ରତି ପ୍ରଦର୍ଶନ କରିଥାନ୍ତି । ଯଦି ହଜ୍‌ରତ୍ ଉସ୍‌ମାନ୍ ର:ଅ ଭିତରକୁ ଆସି ବସିବା କ୍ଷଣି ତୁମେ ମୋ ନିକଟରେ ବି ବସି ରହିଥାନ୍ତ ତେବେ ମଧ ସେ ଫେରିଯିବା ପର୍ଯ୍ୟନ୍ତ ନିଜ ମୁଣ୍ଡ ଉଠାଇ ନଥାନ୍ତେ ନା କି କିଛି କହିଥାନ୍ତେ ଏତେମାତ୍ରାରେ ତାଙ୍କ ଭିତରେ ଲାଜ ରହିଛି । ***(ସହି ମୁସ୍‌ଲିମ୍..... ରିୱାୟତ୍-୬୨୦୯) (ମଜ୍‌ମୁଆଜ୍ ଜୱାୟିନ୍ ଖଣ୍ଡ-୯, ପୃ-୫୯-୬୦..... ହଦିସ୍ ନଂ-୧୪୫୦୪..... ବେରୁତ ୨୦୦୧)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଏହି ବିଶେଷଗୁଣକୁ ଅଲ୍ଲାଃ ତାଲାଙ୍କ ବିଶେଷଗୁଣ କରିମ୍ ଅର୍ଥାତ କୃପାଳୁର ବ୍ୟାଖ୍ୟାରେ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃ ତାଲା ଅଶେଷ କୃପାଳୁ । ଆପଣ କୁହନ୍ତି ରସୁଲେ କରିମ୍ ସ:ଆ:ସଙ୍କର ଏକ ଘଟଣା ଉଲ୍ଲେଖ ଅଛି, ସେଥିରୁ ଜଣାପଡୁଛି ଯେ କରିମ୍ ଗୁଣ ଦ୍ୱାରା ଲଜ୍ଜା କରାଯାଇଥାଏ । ହଦିସ୍‌ରେ ଦରଜ ରହିଛି ହଜୁର ସ:ଆ:ସ ନିଜଘରେ ଏକଦା ବିଶ୍ରାମ କରୁଥିଲେ ଏବଂ ଆପଣଙ୍କ ଗୋଡ଼ର କିଛି ଅଂଶ ଫୁଙ୍ଗୁଳା ରହିଯାଇଥିଲା । ଇତି ମଧ୍ୟରେ ହଜ୍‌ରତ୍ ଅବୁବକର ର:ଅ ଆସିଲେ ଏବଂ ଆସନ ଗ୍ରହଣ କଲେ, ଉମର ର:ଅ ଆସିଲେ ସେ ମଧ ବିରାଜମାନେ ହେଲେ କିନ୍ତୁ ହଜୁର ସ:ଆ:ସ ସେମାନଙ୍କର କୌଣସି ବିଶେଷ ଖାତିର୍ କରିନଥିଲେ ଅର୍ଥାତ ତାଙ୍କ ପ୍ରତି ମନଯୋଗ କରିନଥିଲେ । କିଛି କ୍ଷଣ ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆସିଲେ ଏବଂ କବାଟ ଖଟ୍ ଖଟାଇଲେ ଏଥିରେ ହଜୁର ସ:ଆ:ସ ଉଠି ବସିପଡ଼ିଲେ ଏବଂ ନିଜ ଗୋଡ଼କୁ ଢ଼ାଙ୍କି ନେଲେ । ହଜୁର ସ:ଆ:ସ କହିଲେ ଉସ୍‌ମାନ ଅତି ଲାଜକୁଳା ସ୍ୱଭାବର ବ୍ୟକ୍ତି ଅଟନ୍ତି ତେଣୁ ତାଙ୍କ ନିକଟରେ ଗୋଡ଼ର କିଛି ଅଂଶ ମଧ ମୁକୁଳା ରଖିବାକୁ ମତେ ଲାଜ ମାଡୁଛି । ଅତଏବ ହଦିସ୍‌ର ଶବ୍ଦ ପୂର୍ବେ ମଧ ଚର୍ଚ୍ଚା କରିଆସିଲି ଯେ, ହଜ୍‌ରତ୍ ଆଇଶା ର:ଅ ଯେପରି କହିଲେ, ହଜୁର ସ:ଆ:ସ ତାଙ୍କ ଘରେ ନିଜ ଜଙ୍ଘ ଓ ଗୋଡ଼ରୁ ବସ୍ତ୍ର ଉଠାଇ ବିଶ୍ରାମ କରୁଥିଲେ ଯେ ହଜ୍‌ରତ୍ ଅବୁବକର ର:ଅଙ୍କର ଆଗମନ ହେଲା ଏବଂ ସେ ଭିତରକୁ ଆସିବାପାଇଁ ଅନୁମତି ମାଗିଲେ, ହଜୁର ସ:ଆ:ସ ତାଙ୍କୁ ଅନୁମତି ପ୍ରଦାନ କଲେ, ସେଥିଅନ୍ତେ ହଜ୍‌ରତ୍ ଉମର ର:ଅ ଅନୁମତି ମାଗିଲେ, ତାଙ୍କୁ ମଧ ହଜୁର ସ:ଆ:ସ ଆସିବାପାଇଁ ଅନୁମତି ପ୍ରଦନା କଲେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଅନୁମତି ମାଗିଲେ ସେତେବେଳେ ହଜୁର ସ:ଆ:ସ ଉଠି ବସିପଡ଼ିଲେ ଏବଂ ନିଜ ବସ୍ତ୍ରକୁ ସଜାଡି ନେଲେ । ବର୍ଣ୍ଣନାକାରୀ କୁହନ୍ତି ଏହି ଘଟଣାଟି ଗୋଟିଏ ଦିନର ବୋଲି ମୁଁ ମନେ କରୁନାହିଁ । ସମ୍ଭବତଃ ଏହା ଭିନ୍ନ ଭିନ୍ନ ସମୟରେ ଘଟିଥାଇପାରେ ମନେ ହେଉଛି ଯେ ହଜ୍‌ରତ୍ ଆଇଶା ର:ଅ

ହଜ୍‌ରତ୍ ଅବୁବକର ର:ଅଙ୍କୁ ଦେଖିଲେ ଯେ ଆସି ହଜୁର ସ:ଆ:ସଙ୍କ ସହ କଥୋପକଥନ କଲେ ଏବଂ ଚାଲିଗଲେ ସେତେବେଳେ ହଜୁର ସ:ଆ:ସ କିଛି ବିଶେଷ ତାଙ୍କ ପ୍ରତି ମନଯୋଗ କଲେ ନାହିଁ । ସେଥିଅନ୍ତେ ହଜ୍‌ରତ୍ ଉମର ର:ଅ ଆସିଲେ ଏବଂ ସେ ମଧ୍ୟ ହଜୁର ସ:ଆ:ସଙ୍କ ସହ ବାର୍ତାଳାପ କରି ଚାଲିଗଲେ ସେତେବେଳେ ମଧ୍ୟ ହଜୁର ସ:ଆ:ସ କିଛି ବିଶେଷ ତାଙ୍କ ପ୍ରତି ମନଯୋଗ କଲେ ନାହିଁ । କିନ୍ତୁ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆପଣଙ୍କ ନିକଟକୁ ଆସିଲେ ସେତେବେଳେ ହଜୁର ସ:ଆ:ସ ଉଠି ବସିପଡ଼ିଲେ ଏବଂ ନିଜ ବସ୍ତ୍ରକୁ ସଜାଡ଼ି ନେଲେ ଯେତେବେଳେ ସମସ୍ତେ ଚାଲିଗଲେ ହଜ୍‌ରତ୍ ଆଇଶା ର:ଅ ନବୀ କରିମ୍ ସ:ଆ:ସଙ୍କୁ ପଚାରିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଯେବେ ଅବୁବକର୍ ର:ଅ ଆସିଲେ ଓ ଉମର ର:ଅ ଆସିଲେ ସେତେବେଳେ ଆପଣ ସ:ଆ:ସ କିଛି ବିଶେଷ ଧ୍ୟାନ ଦେଲେନାହିଁ ଓ ସେହିଭଳି ବିଶ୍ରାମ କରୁଥିଲେ କିନ୍ତୁ ଉସ୍‌ମାନ୍ ର:ଅଙ୍କ ଆଗମନରେ ଆପଣ ନିଜର ବସ୍ତ୍ରକୁ ସଜାଡ଼ି ନେଇ ଉଠି ବସିପଡ଼ିଲେ ଏହାର କାରଣ କଣ ? ଏଥିରେ ହଜୁର ସ:ଆ:ସ ଉତର ଦେଲେ ହେ ଆଇଶା ର:ଅ ! କଣ ମୁଁ ତାଙ୍କୁ ଲାଜ କରିବି ନାହିଁ ଯାହାଙ୍କୁ ଫରିସ୍ତାମାନେ ମଧ୍ୟ ଲାଜ କରୁଛନ୍ତି ।

ତେବେ ଦେଖ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କିଭଳି ମର୍ଯ୍ୟାଦା ପ୍ରଦର୍ଶନ କରୁଥିଲେ ବା ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କୁ ଲାଜ କରୁଥିଲେ କାରଣ ସେ ଲୋକମାନଙ୍କୁ ଲାଜ କରୁଥିଲେ । ଏହି ଘଟଣା ଚର୍ଚ୍ଚା କରି ଆପଣ କୁହନ୍ତି, ପରମେଶ୍ୱରଙ୍କର କୃପାଳୁ ଗୁଣକୁ ଦେଖି ଲୋକମାନଙ୍କୁ ପାପଶକ୍ତ ମାର୍ଗରୁ ନିବୃତ ରହିବା ନିମନ୍ତେ ଚେଷ୍ଟା କରିବା ଉଚିତ ନା କି ଅପକର୍ମ କରିବାରେ ବିରତ୍ୱ ପ୍ରଦର୍ଶନ କରିବା ଏବଂ ଅଟାଂ ଭିଡ଼ିବା ଯେ, ଅଲ୍ଲାଃ ତାଲା ବଡ଼ କୃପାଳୁ ସେ ଆମ ଉପରେ ନିଜ କୃପା ଅବତୀର୍ଣ୍ଣ କରିଦେବେ । ଆମକୁ କ୍ଷମା କରିଦେବେ । ଆପଣ କୁହନ୍ତି ସର୍ବଦା ଏକଥା ନିଜ ସମ୍ମୁଖରେ ରଖିବା ଉଚିତ ଯେ ଯଦି ଅଲ୍ଲାଃ ଅପାର କୃପା ପ୍ରଦର୍ଶନକାରୀ ତେବେ ଭକ୍ତକୁ ମଧ୍ୟ ଆବଶ୍ୟକ ଯେ ସେ ଅପକର୍ମ କରିବାକୁ ଲାଜ କରୁ ଏବଂ ସେଥିରୁ ନିବୃତ ରହିବାପାଇଁ ଉଦ୍ୟମ ଓ ପ୍ରଚେଷ୍ଟା କରୁ । ବିନମ୍ର ଓ ଶାଳିନତା ପ୍ରଦର୍ଶନ ପ୍ରସଙ୍ଗରେ ଉଲ୍ଲେଖ ରହିଛି । ***(ତଫ୍‌ସୀର୍ କବୀର୍ ଖଣ୍ଡ-୮, ପୃ-୨୫୯)***

ଅବ୍‌ଦୁଲ୍ଲାଃ ରୋମି ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉସ୍‌ମାନ୍ ର:ଅ ରାତ୍ରରେ ଓ୍ୱଜୁ କରିବାର ବ୍ୟବସ୍ଥା ସ୍ୱୟଂ ନିଜେ କରୁଥିଲେ । ଆପଣଙ୍କୁ କୁହାଗଲା ଯଦି ଆପଣ କୌଣସି ସେବକକୁ କହିଦିଅନ୍ତେ ତେବେ ସେ ଆପଣଙ୍କ ଓ୍ୱଜୁ କରିବାର ବ୍ୟବସ୍ଥା କରିଦିଅନ୍ତା । ଏଥିରେ ସେ ଉତର ଦେଲେ ନା ରାତି ସମୟ ତ ସେମାନଙ୍କର ଯେତେବେଳେ ସେମାନେ ଟିକିଏ ବିଶ୍ରାମ କରିଥାନ୍ତି ଅର୍ଥାତ ଦିନସାରା କାମ କରି ସେବକ ମାନଙ୍କୁ ରାତ୍ରରେ ବିଶ୍ରାମ କରିବାକୁ ସମୟ ଦେବା ଉଚିତ ।

***(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୩୩.... ବେରୁତ ୧୯୯୬)***

ଅଲ୍‌କମା ବିନ୍ ଓ୍ୱକାସ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉମ୍‌ରୋ ବିନ୍ ଆ:ସ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସମ୍ବୋଧନ କରି କହିଲେ, ଯେତେବେଳେ କି ଆପଣ ମଂଚ ଉପରେ ଥିଲେ, ହେ ଉସ୍‌ମାନ୍ ! ଆପଣ ଏହି ସମ୍ପ୍ରଦାୟକୁ ଏକ ବିରାଟ ସମସ୍ୟା ଘେରରେ ଛାଡ଼ି ଦେଇଛନ୍ତି । ଆପଣ ଲୋକମାନଙ୍କୁ କିଛି ହିତ ଉପଦେଶ ଦେଲେ କିଛି କଥା ଓ ପ୍ରସଙ୍ଗ ପ୍ରତି ସଚେତନ କଲେ ଆପଣ କ୍ଷମା ଜାଚନ କରନ୍ତୁ ଏବଂ ସେ ମଧ୍ୟ ଆପଣଙ୍କ ସାଥିରେ କ୍ଷମା ଜାଚନା କରିବେ ଏପରି ଅଲ୍ଲାଃଙ୍କ ନାମରେ ଭୟଭୀତ କରାଇଥିଲେ । ଜଣେ ସାହାବି ଏକଥା କହିଦେଇଥିଲେ । ଏଥିରେ ହଜ୍‌ରତ୍ ଉସ୍‌ମାନ୍ ନିଜ ମୁଖ କିବ୍‌ଲା ଆଡ଼କୁ ଫେରିନେଲେ ଏବଂ ହାତ ଉଠାଇ କହିଲେ, **ଅଲ୍ଲାହୁମ୍ମା ଇନି ଅସ୍‌ତଗ୍‌ଫିରୁକା ଓ୍ୱ ଅତୁବୁ ଇଲୈକା ।** ଅର୍ଥାତ ହେ ଅଲ୍ଲାଃ ନିଶ୍ଚିତ ରୂପେ ମୁଁ ତୁମ ନିକଟରେ କ୍ଷମା ପ୍ରାର୍ଥନା କରୁଛି ଏବଂ ତୁମର ଶରଣାପନ୍ନ ହେଉଛି । ସେଠାରେ ଉପସ୍ଥିତ ସମସ୍ତ ଲୋକମାନେ ମଧ୍ୟ ନିଜ ନିଜର ହାତ ଉଠାଇ ଏହି ଦୁଆ ପ୍ରାର୍ଥନା କରିଥିଲେ । ***(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୩୯.... ବେରୁତ ୧୯୯୬)*** ଏହା ଥିଲା ଆପଣଙ୍କ ନିଜ ସୃଷ୍ଟିକର୍ତା ପ୍ରତି ଭୟ ଓ ବିନମ୍ର ପ୍ରଦର୍ଶନ କରିବାର ସ୍ତର ଯେ, ସଙ୍ଗେ ସଙ୍ଗେ ଦୁଆ କରିବାକୁ ହସ୍ତ ଉର୍ଦ୍ଧଗାମୀ କରିନେଇଥିଲେ ।

ବିନା କୌଣସି ତର୍କ ଓ ବିତର୍କ କରି ଆପଣଙ୍କର ଦାନ ଧ୍ୟାନ ଓ ପ୍ରଶସ୍ତ ହୃଦୟ ତଥା ପ୍ରଭୁଙ୍କ ମାର୍ଗରେ ଅସୀମିତ ଖର୍ଚ୍ଚ କରିବାର ବର୍ଣ୍ଣନା ଏଭଳି ମିଳୁଅଛି । ହଜ୍‌ରତ୍ ଉସ୍‌ମାନ୍ ର:ଅ ବର୍ଣ୍ଣନା କରନ୍ତି: ମୁଁ ନିଜ ପରମେଶ୍ୱରଙ୍କ ନିକଟରେ ଦଶଟି ବସ୍ତୁ ଲୁଚାଇ ରଖିଛି । ମୁଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଚତୁର୍ଥ ବ୍ୟକ୍ତି ନା ମୁଁ କେବେ ବାଦ୍ୟ ଗିତ ଶୁଣିଛି ନା ମୁଁ କେବେ ମିଛ କଥା କହିଛି । ମୁଁ ଯେତେବେଳେ ରସୁଲେ କରିମ୍ ସ:ଆ:ସଙ୍କ ହସ୍ତରେ ବୟତ କଲି ସେବେଠାରୁ ମୁଁ ନିଜ ଯୌନାଙ୍ଗକୁ ଦକ୍ଷିଣ ହସ୍ତରେ ସ୍ପର୍ଶ କରିନାହିଁ । ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପରଠାରୁ ମୁଁ ଏପରି କୌଣସି ଜୁମା ଅତିବାହିତ କରିନାହିଁ ଯେଉଁ ଦିନ କି ମୁଁ କୌଣସି ଦାସକୁ ମୁକ୍ତ କରିନାହିଁ କେବଳ ସେହି ଜୁମାରେ ଯେଉଁ ଜୁମାରେ ମୁଁ କୌଣସି ଦାସକୁ ମୁକ୍ତ କରିବା ପାଇଁ ମୋ ନିକଟରେ କୌଣସି ଦାସ ନଥିଲା । ଏପରି ଅବସ୍ଥାରେ ମୁଁ ଜୁମା ବ୍ୟତୀତ ଅନ୍ୟ କୌଣସି ଦିନ ମୁଁ ଦାସ ମୁକ୍ତ କରିଥାଏ । ମୁଁ ଅଶିକ୍ଷିତ ଯୁଗରେ ଓ ନା ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ପରେ କେବେ ବି ବଳାତ୍କାର ଭଳି ଜଘନ୍ୟ ପାପ କରିନାହିଁ ।

***(ମଜ୍‌ମୁଅଜ୍ ଜଓ୍ୱାଇଦ୍ ଖଣ୍ଡ-୯, ପୃ-୬୫... ହଦିସ୍ ନଂ-୧୪୫୨୫..... ବେରୁତ ୨୦୦୧)***

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ ନବୀ କରିମ୍ ସ:ଆ:ସଙ୍କ ସହିତ ଏକ ଯୁଦ୍ଧରେ ସାମିଲ ଥିଲୁ । ଲୋକମାନେ ଭୋକ ଉପାସରେ ଡହଳବିକଳ ହେଉଥିଲେ । ଅତଏବ ହଜୁର ସ:ଆ:ସ ଯେତେବେଳେ ସାହାବାମାନଙ୍କର ଏହି ପରିସ୍ଥିତିକୁ ପରିଲିକ୍ଷିତ କଲେ । ଯେତେବେଳେ ଆପଣ ସ:ଆ:ସ କହିଲେ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯେ ପର୍ଯ୍ୟନ୍ତ ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିଦେଇନାହାନ୍ତି ସେ ପର୍ଯ୍ୟନ୍ତ ଆଜି ସୂର୍ଯ୍ୟାସ୍ତ ହେବ ନାହିଁ । ହଜ୍‌ରତ ଉସ୍‌ମାନ୍ ର:ଅ ଯେତେବେଳେ ହଜୁର ସ:ଆ:ସଙ୍କ ଏହି କଥା ସମ୍ପର୍କରେ ସୁଚନା ପାଇଲେ ସେତେବେଳେ ସେ କହିଲେ, ଅଲ୍ଲାଃ ତାଲା ଓ ତାହାଙ୍କ ବାର୍ତାବହ ପୂର୍ଣ୍ୟ ସତ୍ୟ କଥା କହିଛନ୍ତି । ଅତଏବ ସେ ଖାଦ୍ୟ ଶଷ୍ୟରେ ଲଦା ହୋଇଥିବା ୧୪ଟି ଓଟ କିଣିଲେ ଏବଂ ତନ୍ମଧ୍ୟରୁ ନଅଟି ଓଟ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥାପନ କଲେ ଅର୍ଥାତ ଭେଟି ସ୍ୱରୁପ ପ୍ରଦାନ କଲେ । ଫଳତଃ ରସୁଲେ କରିମ୍ ସ:ଆ:ସ ନିଜର ଦୁଇହସ୍ତ ଉପରକୁ ଉଠାଇଲେ ଏପରି କି ଆପଣଙ୍କର କାଖର ଧବଳତା ଦୃଶ୍ୟମାନ ହେଲା ଓ ହଜୁର ସ:ଆ:ସ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ପାଇଁ ଦୁଆ କଲେ । ଅତଏବ ମୁଁ ହଜୁର ସ:ଆ:ସଙ୍କୁ ଅନ୍ୟ କୌଣସି ବ୍ୟକ୍ତି ସପକ୍ଷରେ ଏପରି ଦୁଆ କରିଥିବାର କଦାଚିତ ଦେଖିନାହିଁ ନା ଶୁଣିଛି । ସେହି ଦୁଆଟି ଏପରି ଥିଲା **ଅଲ୍ଲାଃହୁମ୍ମା ଆତି ଉସ୍‌ମାନା ଅଲ୍ଲାଃହୁମ୍ମା ଇଫଅଲ୍ ବିଉସ୍‌ମାନା** ଅର୍ଥାତ ହେ ଅଲ୍ଲାଃ ଉସ୍‌ମାନ୍ ର:ଅଙ୍କୁ ଅତ୍ୟଧିକ ପ୍ରଦାନ କର ହେ ଅଲ୍ଲାଃ ! ଉସ୍‌ମାନ ର:ଅଙ୍କ ଉପରେ ନିଜର କୃପା ଓ ଆଶିଷ ଅବତୀର୍ଣ୍ଣ କର ।

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ଯେତେବେଳେ ମୋ ନିକଟକୁ ଆସିଲେ ସେତେବେଳେ ହଜୁର ସ:ଆ:ସ ମାଂସର ବ୍ୟଞ୍ଜନ ଦେଖି ପ୍ରଶ୍ନ କଲେ ଏହି ମାଂସ ବ୍ୟଞ୍ଜନ କିଏ ପ୍ରେରଣ କରିଛନ୍ତି ? ମୁଁ ଉତର ଦେଲି ହଜ୍‌ରତ ଉସ୍‌ମାନ୍ ର:ଅ । ହଜ୍‌ରତ୍ ଆଇଶା ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ନିଜର ଦୁଇ ହାତ ଉଠାଇ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ପାଇଁ ଦୁଆ କରିବାର ଦେଖିଲି । ***(ମଜ୍‌ମୁଅଜ୍ ଜଓ୍ୱାଇଦ୍ ଖଣ୍ଡ-୯, ପୃ-୬୪..... ହଦିସ୍-୧୪୫୨୦-୧୪୫୨୩...... ବେରୁତ ୨୦୦୧)*** । ମୁହମ୍ମଦ ବିନ୍ ହିଲାଲ୍ ନିଜ ଦାଦିଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଏକଦା ତାଙ୍କ ଦାଦି ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ସେବାରେ ଉପସ୍ଥିତ ହେଲେ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ଗୃହବନ୍ଦୀ ଥିଲେ । ଅର୍ଥାତ ଆପଣଙ୍କୁ ନିଜ ଘରେ କଏଦ କରିଦିଆଯାଇଥିଲା । ସେ କୁହନ୍ତି ତାଙ୍କ ଘରେ ପୁତ୍ର ସନ୍ତାନ ଜନ୍ମ ହେଲା ଯାହାର ନାମ ହିଲାଲ୍ ରଖାଗଲା । ଦିନେ ଯେତେବେଳେ ହଜ୍‌ରତ ଉସ୍‌ମାନ୍ ର:ଅ ତାଙ୍କୁ ଦେଖିବାକୁ ପାଇଲେ ନାହିଁ ସେତେବେଳେ ତାଙ୍କ ସମ୍ବନ୍ଧରେ ପଚାରିଲେ । ହଜ୍‌ରତ ଉସ୍‌ମାନ୍ ର:ଅଙ୍କୁ କୁହାଗଲା ତାଙ୍କ ଘରେ ପୁତ୍ର ସନ୍ତାନ ଜନ୍ମ ହୋଇଛି । ମୋ ଦାଦି କୁହନ୍ତି ଯେ ଆପଣ ଆମ ଘରକୁ ପଚାଶ ଦିର୍‌ହମ୍ ଓ ଏକ ବଡ଼ ଚଦରର ଟୁକୁଡ଼ା ପଠାଇଲେ ଏବଂ କହିଲେ ଏହା ତୁମ ପୁତ୍ର ପାଇଁ । ଯେତେବେଳେ ତାହାର ବୟସ ଏକ ବର୍ଷ ହୋଇଯିବ ସେତେବେଳେ ଆମେ ତାହାର ଭତା ପଚାଶରୁ ଶହେ ଦିର୍‌ହମ୍ କରିଦେବୁ ।

***(ଅଲ୍‌ବିଦାୟତୁ ଓ୍ୱନ୍ ନହାୟା ଲେ ଇବ୍‌ନେ ଅସିର୍ ଖଣ୍ଡ-୪, ଭାଗ-୭, ପୃ-୨୦୬ ସନ୍ ୩୫ ହିଜ୍‌ରୀ..... ବେରୁତ ୨୦୦୧)***

ଇବ୍‌ନେ ସଇଦ୍ ବିନ୍ ଅର୍‌ବୁ କୁହନ୍ତି ଯେ, ମୁଁ ଛୋଟ ବାଳକ ଥିଲି ଏବଂ ମସ୍‌ଜିଦ୍‌ରେ ଖେଳୁଥିଲି । ମୋ ପାଖରେ ଗୋଟିଏ ଚଢ଼େଇ ଥିଲା ଯାହାକୁ ମୁଁ ମସ୍‌ଜିଦ୍ ଭିତରେ ଉଡ଼ାଇଥିଲି । ଅପରପକ୍ଷରେ ଜଣେ ବୃଦ୍ଧ ବ୍ୟକ୍ତି ନିଜ ମୁଣ୍ଡ ତଳେ ଇଟା ଦେଇ ବିଶ୍ରାମ ନେଉଥିଲା, ମୁଁ ଯେତେବେଳେ ତାଙ୍କୁ ଆଶ୍ଚର୍ଯ୍ୟଚକିତ ଚକ୍ଷୁରେ ଦେଖିବାକୁ ପାଇଲି ସେତେବେଳେ ସେ ନିଜର ଚକ୍ଷୁ ଖୋଲି ମତେ ପଚାରିଲେ ହେ ବାଳକ ! ତୁମେ କିଏ ? ମୁଁ ମୋ ବିଷୟରେ ଜଣାଇଲି ଏହାପରେ ସେ ଜଣେ ବାଳକକୁ ଆଦେଶ ଦେଲେ ଓ ତା’ ହାତରେ ହଳେ ବସ୍ତ୍ର ଓ ଏକ ହଜାର ଦିର୍‌ହମ୍ ମଗାଇଲେ ଏବଂ ସେହି ବସ୍ତ୍ର ଓ ମୁଦ୍ରା ମତେ ପ୍ରଦାନ କରିଦେଲେ । ସୁତରାଂ ମୁଁ ଯେତେବେଳେ ମୋ ପିତାଙ୍କ ନିକଟରେ ପହଂଚିଲି ସେତେବେଳେ ସେ ମତେ କହିଲେ, ହେ ପୁତ୍ର ! ଏ ହେଉଛନ୍ତି ଅମିରୁଲ୍ ମୁମିନିନ୍ ହଜ୍‌ରତ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ।

***(ଅଲ୍‌ବିଦାୟତୁନ୍ ନହାୟା ଲେ ଇବ୍‌ନେ ଅସିର୍ ଖଣ୍ଡ-୪, ଭାଗ-୭, ପୃ-୨୦୬-୨୦୭ ସନ୍ ୩୫ ହିଜ୍‌ରୀ..... ବେରୁତ ୨୦୦୧)***

ଇବ୍‌ନେ ଜରିର୍ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ତଲ୍‌ହା, ହଜ୍‌ରତ ଉସ୍‌ମାନ୍ ର:ଅଙ୍କୁ ଯେତେବେଳେ ସାକ୍ଷାତ କଲେ ସେତେବେଳେ ସେ ମସ୍‌ଜିଦ୍ ଅଭିମୁଖେ ଯାଉଥିଲେ । ହଜ୍‌ରତ୍ ତଲ୍‌ହା ର:ଅ କହିଲେ ଆପଣ ମତେ ଯେଉଁ ପଚାଶ ହଜାର ଦିର୍‌ହମ୍ ଦେଇଥିଲେ ଓ ମୋର ସେହି ଅର୍ଥ ପଇଠ କରିବା ବିଧେୟ ଥିଲା । ତେଣୁ ଉକ୍ତ ଅର୍ଥ ବର୍ତମାନ ମୋ ନିକଟରେ ଉପଲବ୍ଧ ଓ ଦେୟଯୋଗ୍ୟ ହୋଇ ପଡ଼ିଛି, ପୁଣି ଏହାକୁ ଆଦାୟ କରିବା ନିମନ୍ତେ କୌଣସି ବ୍ୟକ୍ତିକୁ ମୋ ନିକଟକୁ ପଠାଇ ଦିଅନ୍ତୁ । ପ୍ରତ୍ୟୁତରରେ ହଜ୍‌ରତ ଉସ୍‌ମାନ୍ ର:ଅ ତାଙ୍କୁ କହିଲେ, ଆପଣଙ୍କ ଶିଷ୍ଟତା ଯୋଗୁଁ ମୁଁ ସେହି ଅର୍ଥକୁ ଆପଣଙ୍କୁ ଉପହାର ସ୍ୱରୁପ ପ୍ରଦାନ କଲି । ମୁଁ ତାହାକୁ ଫେରସ୍ତ ନେବିନାହିଁ । ଅସ୍‌ମଇ କୁହନ୍ତି ଇବ୍‌ନେ ଅମୀର କତନ୍ ବିନ୍ ଅଓଫ୍ ହିଲାଲଙ୍କୁ କର୍ମାନ ଅଂଚଳର ଗଭର୍ଣ୍ଣର ରୂପେ ମୁତୟନ କରିଥିଲେ । ସେ ଚାରିହଜାର ମୁସଲମାନମାନଙ୍କର ଏକ ସୈନ୍ୟଦଳ ନେଇ ବାହାରିଲେ । ରାସ୍ତାରେ ବର୍ଷା ଯୋଗୁଁ ଗୋଟିଏ ଉପତ୍ୟକାରେ ଝରଣା ଫୁଟି ପଡ଼ିଲା ଏବଂ ମାର୍ଗ ଅବରୋଧ ହୋଇଗଲା । ସେଥିଯୋଗୁଁ କତନ୍ ଅନୁଭବ କଲେ ଯେ, ଆମେ ଠିକ୍ ସମୟରେ ନିଜ ଲକ୍ଷ୍ୟସ୍ଥଳରେ ପହଂଚିପାରିବୁ ନାହିଁ । ତେଣୁ ସେ ଘୋଷଣା କରିଦେଲେ ଯେଉଁ ବ୍ୟକ୍ତି ଏହି ଉପତ୍ୟକାକୁ ଅତିକ୍ରମ କରିନେବ ଆମେ ତାହାକୁ ଏକ ହଜାର ଦିର୍‌ହମ୍ ଦେଇ ପୁରସ୍କୃତ କରିବୁ । ଏଥିରେ ଲୋକେ ପହଂରି ପହଂରି ପାରି ହୋଇ ଆରପାରିରେ ପହଂଚିଗଲେ ଏବଂ ଯେ କେହି ପାର କରି ଆରପଟେ ପହଂଚୁଥିଲା ତାହାକୁ ଧାର୍ଯ୍ୟ ପୁରସ୍କାର ମିଳୁଥିଲା । ଏପରି ଲୋକମାନଙ୍କୁ ୪୦ ଲକ୍ଷ ଦିର୍‌ହମ୍ ଦିଆଗଲା । କିନ୍ତୁ ଗଭର୍ଣ୍ଣର କତନ୍‌କୁ ଏହି ରାଶି ଦେବାକୁ ମନା କରିଦେଲେ ଏବଂ ଉକ୍ତ ଘଟଣାକୁ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ନିକଟକୁ ଲିଖିତ ଆକାରରେ ପ୍ରେରଣ କରିଦେଲେ । ଏଥିରେ ହଜ୍‌ରତ ଉସ୍‌ମାନ୍ ର:ଅ ଉତର ଦେଲେ କତନ୍‌ଙ୍କୁ ଉକ୍ତ ରାଶି ପ୍ରଦାନ କରିଦିଅ କାରଣ ସେ ଅଲ୍ଲାଃଙ୍କ ମାର୍ଗରେ ମୁସଲମାନମାନଙ୍କ ସାହାଯ୍ୟ କରିଛନ୍ତି ଅତଃ ସେହି ଉପତ୍ୟକାକୁ ଅତିକ୍ରମ କରିବା କାରଣରୁ ସେହି ଦିନଠାରୁ ଉକ୍ତ ପୁରସ୍କାର ରାଶିର ନାମ ଜଓ୍ୱାଇଜ୍ ପଡ଼ିଗଲା । ଯାହାକି ଜାଇଜ୍‌ର ବହୁବଚନ ଅଟେ ।

***(ଅଲ୍‌ବିଦାୟତୁନ୍ ନହାୟା..... ଖଣ୍ଡ-୪ ଭାଗ-୭ ପୃ-୨୦୮...... ବେରୁତ ୨୦୦୧)***

ଏକଦା ହଜ୍‌ରତ ଉସ୍‌ମାନ୍ ର:ଅ ରୋଗଗ୍ରସ୍ତ ହେବାରୁ ଲୋକେ ଅନ୍ୟ କାହାରିକୁ ଖଲିଫା ମୁତୟନ କରିଦେବାଲାଗି ଆପଣଙ୍କୁ ନିବେଦନ କଲେ । ଉକ୍ତ ଘଟଣାକୁ ହୁଶାମ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି ଯେ, ମର୍‌ଓ୍ୱାନ୍ ବିନ୍ ହକମ୍ ମତେ କହିଲେ, ଯେଉଁ ବର୍ଷ ନାସିକାରେ ରୋଗ ହେବା ଫୁଟିଥିଲା ଉକ୍ତ ରୋଗରେ ହଜ୍‌ରତ ଉସ୍‌ମାନ୍ ର:ଅ ମଧ୍ୟ ଆକ୍ରାନ୍ତ ହୋଇଥିଲେ ଏବଂ ଆପଣଙ୍କ ନାସିକାରୁ ରକ୍ତସ୍ରାବ ହେବା ଆରମ୍ଭ ହୋଇଯାଇଥିଲା ଏପରି କି ଆପଣ ସେଥିଯୋଗୁଁ ହଜ୍ କରିବାରୁ ନିବୃତ ମଧ୍ୟ ରହିଥିଲେ । ସେତେବେଳେ କୁରୈଶ୍‌ରୁ ଜଣେ ବ୍ୟକ୍ତି ଆପଣଙ୍କ ନିକଟକୁ ଆସିଲା ଏବଂ କହିଲା ଆପଣ କାହାରିକୁ ଖଲିଫା ମୁତୟନ କରିଦିଅନ୍ତୁ । ହଜ୍‌ରତ ଉସ୍‌ମାନ୍ ର:ଅ ପଚାରିଲେ କଣ ଲୋକମାନେ ଏପରି କଥା କହୁଛନ୍ତି କି ? ସେ ଉତର ଦେଲେ ଆଜ୍ଞା ହଜ୍‌ରତ ଉସ୍‌ମାନ୍ ର:ଅ ପୁନଶ୍ଚ ପଚାରିଲେ ତେବେ ତୁମେ ହିଁ କୁହ କାହାକୁ ଉକ୍ତ ଦାୟିତ୍ୱ ଭାର ପ୍ରଦାନ କରିବା ଉଚିତ ହେବ । ସେ ଏଥିରେ ନୀରବ ରହିଲେ, ଇତିମଧ୍ୟରେ ଆଉ ଜଣେ ବ୍ୟକ୍ତି ଆପଣଙ୍କ ନିକଟକୁ ଆସିଲା ବୋଧ ହୁଏ ସେ ହାରିଶ୍ ଥିଲେ, ସେ କହିଲା ଆପଣ କାହାରିକୁ ଖଲିଫା ମୁତୟନ କରିଦିଅନ୍ତୁ । ହଜ୍‌ରତ ଉସ୍‌ମାନ୍ ର:ଅ ପଚାରିଲେ କଣ ଲୋକମାନେ ଏପରି କଥା କହୁଛନ୍ତି କି ? ସେ ଉତର ଦେଲା ଆଜ୍ଞା । ହଜ୍‌ରତ ଉସ୍‌ମାନ୍ ର:ଅ ପୁନଶ୍ଚ ପଚାରିଲେ ତେବେ ତୁମେ ହିଁ କୁହ କାହାକୁ ଏହି ଦାୟିତ୍ୱ ଭାର ପ୍ରଦାନ କରାଯାଇ ପାରିବ ? ଏଥିରେ ସେ ନୀରବ ରହିଲା । ପୁନଶ୍ଚ ହଜ୍‌ରତ ଉସ୍‌ମାନ୍ ର:ଅ ଉତର ଦେଲେ ସମ୍ଭବତଃ ସେମାନେ କହୁଥିବେ ଜୁବୈର୍‌ଙ୍କୁ ଖଲିଫା କରିବାପାଇଁ ସେ ଉତର ଦେଲା ଆଜ୍ଞା । ହଜ୍‌ରତ ଉସ୍‌ମାନ୍ ର:ଅ କହିଲେ ସେହି ପରମେଶ୍ୱରଙ୍କ ରାଣ ଯାହାଙ୍କ ହାତ ମୁଠାରେ ମୋ ଜୀବନି ନାଟିକା ରହିଛି । ମୁଁ ଯେତିକି ଜାଣିଛି ତାହା ହେଉଛି ଏହା କି ସେ ସେମାନଙ୍କଠାରୁ ଅର୍ଥାତ ଜୁବୈର୍ ସେହି ସମସ୍ତ ଲୋକମାନଙ୍କଠାରୁ ଶ୍ରେୟସ୍କର ଏବଂ ହଜୁର ସ:ଆ:ସଙ୍କୁ ମଧ୍ୟ ସେ ଅତି ପ୍ରୀୟ ଥିଲେ । ***(ସହି ବୁଖାରୀ କିତାବୁଲ୍ ଫଜାଇଲ୍..... ହଦିସ୍ ନଂ-୩୭୧୭)***

ହଜୁର ସ:ଆ:ସଙ୍କୁ ଯେଉଁ ଐଶିବାଣୀ ହେଉଥିଲା ତାହାକୁ ଲିପିବଦ୍ଧ କରିବାର ମଧ୍ୟ ସୌଭାଗ୍ୟ ତାଙ୍କୁ ଲାଭ ହୋଇଛି । ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି ଯେ ସୁରଃ ମୁଜମ୍ମିଲ୍ ଅବତୀର୍ଣ୍ଣ ହେବା ଅବସରରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଐଶିବାଣୀ ଲେଖିବାର ସୌଭାଗ୍ୟ ମିଳିଥିଲା । ଉମ୍ମେ କୁଲ୍‌ସୁମ୍ ବିନ୍ ସୁମାମାଃ ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜ୍‌ରତ୍ ଆଇଶା ର:ଅଙ୍କୁ କହିଲି ଯେ ଆମ୍ଭେ ଆପଣଙ୍କଠାରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମ୍ବନ୍ଧରେ ଜାଣିବାକୁ ଚାହୁଁଛୁ କାରଣ ଲୋକମାନେ ତାଙ୍କ ସମ୍ବନ୍ଧରେ ଆମକୁ ବହୁତ ପ୍ରଶ୍ନ କରୁଛନ୍ତି । ହଜରତ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ୍‌ରତ ଉସ୍‌ମାନ୍ ର:ଅଙ୍କୁ ରସୁଲେ କରିମ୍ ସ:ଆ:ସଙ୍କ ସହିତ ପ୍ରଚଣ୍ଡ ଗରମ ରାତିରେ ଦେଖିଲି ଓ ସେତେବେଳେ ଜିବ୍ରାଇଲ ଆ:ସ ରସୁଲୁଲ୍ଲାଃଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ କରୁଥିଲେ ଯେତେବେଳେ ନବୀ ସ:ଆ:ସଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଉଥିଲା, ସେତେବେଳେ ଆପଣ ସ:ଆ:ସଙ୍କ ଉପରେ ଭିଷଣ ବୋଝ ଅର୍ଥାତ ଭାରିପଣ ଅବତୀର୍ଣ୍ଣ ହେଉଥିଲା । ଅଲ୍ଲାଃ

ତାଲା କହିଲେ: **ଇନ୍ନା ସନୁଲ୍‌କି ଆଲୈକା କୌଲନ୍ ସକିଲନ୍ (ମୁଜମ୍ମିଲ୍:୬)** ଅର୍ଥାତ- ଆମ୍ଭେ ତୁମ୍ଭ ଉପରେ ଏପରି ଏକ ବାଣୀ ଅବତୀର୍ଣ୍ଣ କରିବୁ ଯାହା (ଦାୟିତ୍ୱ ଦୃଷ୍ଟିରୁ) ଗୁରୁଭାରଯୁକ୍ତ । ହଜ୍‌ରତ ଉସ୍‌ମାନ୍ ର:ଅ ନବୀ କରିମ୍ ସ:ଆ:ସଙ୍କ ସମ୍ମୁଖରେ ସେହି ଐଶିବାଣୀ ସବୁ ଲେଖି ଚାଲୁଥିଲେ ଏବଂ ଆପଣ ସ:ଆ:ସ ହଜ୍‌ରତ ଉସ୍‌ମାନ୍ ର:ଅଙ୍କୁ କହିଯାଉଥିଲେ । ହେ ଉସ୍‌ମାନ୍! ଲେଖ । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ଅଲ୍ଲାଃ ତାଲା ରସୁଲେ୍ କରିମ୍ ସ:ଆ:ସଙ୍କୁ ଏଭଳି ବ୍ୟକ୍ତି ପ୍ରଦାନ କରିଥିଲେ ଯିଏ ସମ୍ମାନିତ ଓ ମର୍ଯ୍ୟାଦାବନ୍ତ ବ୍ୟକ୍ତି ଥିଲେ । ଅର୍ଥାତ ହଜ୍‌ରତ ଉସ୍‌ମାନ୍ ର:ଅ । ***(କନଜୁଲ୍ ଆମାଲ୍ ଖଣ୍ଡ-୭, ଭାଗ-୧୩ ପୃ-୨୩........ ହଦିସ୍ ୩୬୨୧୭....... ବେରୁତ ୨୦୦୪)***

ହଜ୍‌ରତ୍ ଅବୁବକର ର:ଅଙ୍କ ଶାସନକାଳରେ ଖିଲାଫତ୍ କାଳରେ ପବିତ୍ର କୁର୍‌ଆନ୍ କରିମ୍‌ର ଲିଖିତ ପୃଷ୍ଠାଗୁଡ଼ିକୁ ଏକତ୍ରିତ କରାଯାଇଥିଲା । ତାହା ହଜ୍‌ରତ୍ ଉମର୍ ଫାରୁକଙ୍କ ପରେ ହଜ୍‌ରତ୍ ହଫ୍‌ସା ବିନ୍‌ତେ ଉମର ର:ଅଙ୍କ ନିକଟରେ ରହିଥିଲା । ଅର୍ଥାତ ଉକ୍ତ ପାଣ୍ଡୁଲିପି ଗୁଡ଼ିକ ହଜ୍‌ରତ୍ ହଫ୍‌ସା ର:ଅ ଉମ୍ମୁଲ୍ ମୁମିନିନଙ୍କ ନିକଟରେ ରହିଥିଲା । ଯେତେବେଳେ ହଜ୍‌ରତ ଉସ୍‌ମାନ୍ ର:ଅଙ୍କର ଖିଲାଫତ୍ କାଳ ଆସିଲା ସେତେବେଳେ ଆପଣଙ୍କ ନିକଟରେ ପବିତ୍ର କୁର୍‌ଆନ୍‌ର ପାଣ୍ଡୁଲିପି ପହଂଚିବାର ବର୍ଣ୍ଣନା ଏପରି ଉଲ୍ଲେଖ ରହିଛି । ହଜ୍‌ରତ୍ ହୁଜୈଫା ର:ଅ ବିନ୍ ୟମାନ୍ ବର୍ଣ୍ଣନା କରନ୍ତି ଯେ, ସେ ଇରାକ ବାସୀଙ୍କ ସହିତ ମିଳି ଅର୍ମାନିଆ ଓ ଅଜର୍‌ବାଇଜାନ୍ ବିଜୟ କରିବାପାଇଁ ସିରିଆବାସୀଙ୍କ ସହ ଯୁଦ୍ଧ କରୁଥିଲେ । ସେଠାରୁ ପ୍ରତ୍ୟାବର୍ତନ କରି ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ସେବାରେ ସେ ଉପସ୍ଥିତ ହେଲେ ଏବଂ ଉକ୍ତ ଅଂଚଳବାସୀଙ୍କ ପବିତ୍ର କୁର୍‌ଆନ୍ ପାଠ କରିବାର ଶୈଳୀରେ ମତପାର୍ଥକ୍ୟ ଦେଖି ଭୟଭୀତ ହେଲେ । ଆପଣ ହଜ୍‌ରତ ଉସ୍‌ମାନ୍ ର:ଅଙ୍କୁ ନିବେଦନ କଲେ, ହେ ଅମୀରୁଲ୍ ମୁମିନିନ୍! ଏହି ସମ୍ପ୍ରଦାୟକୁ ସମ୍ଭାଳନ୍ତୁ, ରକ୍ଷାକରନ୍ତୁ । ଏହା ପୂର୍ବରୁ କି ସେମାନେ କିତାବୁଲ୍ଲାଃ ପ୍ରସଙ୍ଗରେ ଅର୍ଥାତ ଧର୍ମଗ୍ରନ୍ଥ ପ୍ରସଙ୍ଗରେ ୟହୁଦୀ ଓ ନସାର୍‌ଙ୍କ ପରି ମତଭେଦରେ କବଳିତ ହୋଇନଯାଆନ୍ତୁ । ଏଥିରେ ହଜ୍‌ରତ ଉସ୍‌ମାନ୍ ର:ଅ ହଜ୍‌ରତ୍ ହୁଜୈଫା ର:ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ଯେ ପବିତ୍ର କୁର୍‌ଆନ୍‌ର ପାଣ୍ଡୁଲିପି ଆମକୁ ପ୍ରଦାନ କରନ୍ତୁ ଯଦ୍ୱାରା ଆମେ ତାହାର ନକଲ ପ୍ରସ୍ତୁତ କରିନେବୁ । ସେଥିଅନ୍ତେ ଅସଲ ପାଣ୍ଡୁଲିପି ଆମେ ଆପଣଙ୍କୁ ଫେରସ୍ତ କରିଦେବୁ । ଅତଏବ ହଜ୍‌ରତ୍ ହଫ୍‌ସା ଉକ୍ତ ପାଣ୍ଡୁଲିପି ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ଏଥିରେ ହଜ୍‌ରତ ଉସ୍‌ମାନ୍ ର:ଅ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍, ହଜ୍‌ରତ୍ ସଇଦ୍ ବିନ୍ ଆ:ସ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ହାରିସ୍ ବିନ୍ ହିଶାମ୍ ର:ଅଙ୍କୁ ଆଦେଶ ଦେଲେ ଯେ, କୁରୈଶ୍‌ର ବିଧାନ ଅନୁଯାୟୀ ସେହି ଉଲ୍ଲିଖିତ ଅଭିଲେଖ ଗୁଡ଼ିକର ପ୍ରତିଲିପି ପ୍ରସ୍ତୁତ କରନ୍ତୁ । ଅତଏବ ସାହାବାମାନେ କାମ ସମ୍ପୂର୍ଣ୍ଣ କଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସେହି ଅସଲ ପାଣ୍ଡୁଲିପିକୁ ହଜ୍‌ରତ୍ ହଫ୍‌ସା ର:ଅଙ୍କ ନିକଟକୁ ପଠାଇଦେଲେ ଓ ନୂଆ ଲେଖାଯାଇଥିବା ଖଣ୍ଡଗୁଡ଼ିକରୁ ବିଭିନ୍ନ ଦେଶକୁ ଖଣ୍ଡେ ଖଣ୍ଡେ ପଠାଇ ଏ ନିର୍ଦ୍ଦେଶ ଦେଲେ ଯେ ଏତଦ୍ ବ୍ୟତିତ ଅନ୍ୟ ଲିପିମାନଙ୍କୁ ଜାଳି ନଷ୍ଟ କରିଦିଅନ୍ତୁ । ହଜ୍‌ରତ ଉସ୍‌ମାନ୍ ର:ଅ ସେମାନଙ୍କୁ ଏହି ଆଦେଶ ଦେଇଥିଲେ ।

***(ସହି ବୁଖାରୀ..... ହଦିସ୍ ୪୯୮୬, ୪୯୮୭)***

ଅଲାମା ଇବ୍‌ନେ ଲତିଫ୍ କୁହନ୍ତି: ହଜ୍‌ରତ୍ ଅବୁବକର ର:ଅଙ୍କର ଏବଂ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ପବିତ୍ର ଧର୍ମଗ୍ରନ୍ଥକୁ ଏକତ୍ରିକରଣ କରିବା ମଧ୍ୟରେ ଫରକ୍ ଏହିକି ଯେ, ହଜ୍‌ରତ୍ ଅବୁବକର ର:ଅ ଏହି ଉଦ୍ଦେଶ୍ୟରେ ପବିତ୍ର ଧର୍ମଗ୍ରନ୍ଥକୁ ଏକତ୍ରିକରଣ କରିଥିଲେ କାରଣ ପବିତ୍ର କୁରଆନ୍‌କୁ ମୁଖସ୍ତ କରିଥିବା ବ୍ୟକ୍ତିଙ୍କ ଦେହାନ୍ତ ଫଳରେ କୁର୍‌ଆନ୍‌ର କୌଣସି ଭାଗ ବା ଅଂଶ ଆମେ ହଜାଇ ନଦେଉ । ଯେହେତୁ ଆପଣଙ୍କ ସମୟରେ ତାହା କୌଣସି ପୁସ୍ତକର ଆକାର ନେଇନଥିଲା ତେଣୁ ହଜ୍‌ରତ୍ ଅବୁବକର ର:ଅ ତାହାକୁ କ୍ରମାନ୍ୱୟରେ ରଖି ଜମା କରିଥିଲେ । କିନ୍ତୁ ହଜ୍‌ରତ ଉସ୍‌ମାନ୍ ର:ଅଙ୍କ ସମୟକାଳରେ କୁର୍‌ଆନ୍‌ର ପଠନ ଶୈଳୀରେ ଅନେକ ମତଭେଦ ଦେଖା ଦେଇଥିଲା । ଲୋକମାନେ ନିଜ ନିଜ ଶୈଳୀରେ କୁର୍‌ଆନ୍ ପାଠ କରିବା ଆରମ୍ଭ କରିଦେଇଥିଲେ ଏପରିକି ପରସ୍ପରର ପଠନ ଶୈଳୀକୁ ଭୁଲ ବୋଲି ସାବ୍ୟସ୍ତ କରୁଥିଲେ । ଏଥିରେ ଆପଣ ଭୟଭୀତ ହେଲେ ଯେ ଏହି ମାମଲା ବଡ଼ ଧରଣର ସମସ୍ୟା ସୃଷ୍ଟି କରିନଦେଉ । ସୁତରାଂ ଯେପରି ହଜ୍‌ରତ୍ ଅବୁବକର ର:ଅ କୁରଆନ୍‌କୁ କ୍ରମାନ୍ୱୟରେ ରଖି ଜମା କରିଥିଲେ ସେହିପରି ହଜ୍‌ରତ୍ ଉସ୍‌ମାନ୍ ର:ଅ ତାହାକୁ କୁରୈଶ୍‌ର ଶୈଳୀରେ ପଠନ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଏହାର ପ୍ରମାଣ ଏହା ଦର୍ଶାଇଲେ ଯେ, ପବିତ୍ର କୁର୍‌ଆନ୍ ଯେହେତୁ କୁରୈଶ୍‌ର ପଠନ ଶୈଳୀରେ ଅବତୀର୍ଣ୍ଣ ହୋଇଛି ଯଦିଚ ପ୍ରାରମ୍ଭରେ ସେଥିରେ ସରଳତା ଖାତିର୍ ଅନ୍ୟ ଶୈଳୀରେ ପଠନ କରିବାକୁ ଅନୁମତି ପ୍ରଦାନ କରାଯାଇଥିଲା କିନ୍ତୁ ଯେତେବେଳେ ଆପଣ ଦେଖିନେଲେ ଯେ, ବର୍ତମାନ ତାହାର ଆଉ ଆବଶ୍ୟକତା ନାହିଁ । ସେତେବେଳେ ଆପଣ ଗୋଟିଏ କିରତ୍‌ରେ ଅର୍ଥାତ ପଠନ ଶୈଳୀରେ ପାଠ କରିବାକୁ ଯଥେଷ୍ଟ ବୋଲି ଦର୍ଶାଇଥିଲେ । ଅଲାମା କୁର୍‌ତୁବି କୁହନ୍ତି ଯଦି ଏହି ପ୍ରଶ୍ନ ଉଠେ ଯେ, ହଜ୍‌ରତ ଉସ୍‌ମାନ୍ ର:ଅ ଲୋକମାନଙ୍କୁ ନିଜ ଶୈଳୀରେ ଜମା କରିବାକୁ କାହିଁକି ପ୍ରୟାସ କରୁଥିଲେ ଯେତେବେଳେ କି ହଜ୍‌ରତ୍ ଅବୁବକର ର:ଅ ଏହି କାର୍ଯ୍ୟ କରିସାରିଥିଲେ ତେବେ ଏହାର ଉତର ଏହି କି ଯେ, ବାସ୍ତବ ପକ୍ଷେ ଏକଥା ଠିକ୍ ନୁହେଁ କାରଣ କଣ ତୁମେ ଦେଖୁନାହଁ ଯେ, ହଜ୍‌ରତ ଉସ୍‌ମାନ୍ ଉମ୍ମୁଲ୍ ମୁମିନିନ୍ ହଜ୍‌ରତ୍ ହଫ୍‌ସାଙ୍କଠାରୁ ପବିତ୍ର ଧର୍ମଗ୍ରନ୍ଥର ପାଣ୍ଡୁଲିପି ବରାଦ କରିଥିଲେ । ଏହି ପଦକ୍ଷେପ କେବଳ ଏଥିପାଇଁ ଥିଲା ଯେ, ପବିତ୍ର କୁରଆନ୍‌ର ପଠନରେ ଲୋକମାନେ ପରସ୍ପର ଉପରେ ଆପତି ଓ ଅଭିଯୋଗ ଆଣନ୍ତୁନାହିଁ ଏବଂ ଏଥିରେ ମାତି ଯାଆନ୍ତୁ ନାହିଁ । ଆମେ ଦେଖୁଛେ ଯେ, ସେତେବେଳେ ସିରିୟା ଓ ଇରାକ୍ ମଧ୍ୟରେ ଏହି କାରଣକୁ ନେଇ ମତଭେଦର ଶୁତ୍ରପାତ ଘଟିଥିଲା ଯାହାକି ହଜ୍‌ରତ୍ ହୁଜୈଫା ର:ଅ ବର୍ଣ୍ଣନା କରିଛନ୍ତି ।

***(ସିରତ୍ ଅମୀରୁଲ୍ ମୁମିନିନ୍..... ପୃ-୨୩୧-୨୩୨ ବେରୁତ ଲେବ୍‌ନାନ୍ ୨୦୦୬)***

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ଆଲାର ଆୟତ **ସନୁକ୍‌ରିଉକା ଫଲା ତନ୍‌ସା** ରେ ବ୍ୟାଖ୍ୟା କରି କୁହନ୍ତି, ଉକ୍ତ ଆୟତର ଅର୍ଥ ଏହି କି ଯେ, ହେ ମୁସଲମାନମାନେ ଆମ୍ଭେ ତୁମ୍ଭଙ୍କୁ ଏପରି ଭାବରେ ଶିକ୍ଷାଦାନ କରିବୁ ଯାହା ଫଳରେ ତୁମେ କୟାମତ ଦିନ ଭୁଲିବନାହିଁ ଯାହା ତୁମେ କୟାମତ ପର୍ଯ୍ୟନ୍ତ ଭୁଲିବନାହିଁ ବରଂ ଉକ୍ତ ପବିତ୍ର ବଚନ ସେହିପରି ସୁରକ୍ଷିତ ରହିବ ଯେପରି ବର୍ତମାନ ସମୟରେ ଉପସ୍ଥିତ ରହିଛି । ଉକ୍ତ ଦାବିର ପ୍ରମାଣ ଏହି କି ଯେ, ଇସ୍‌ଲାମ୍‌ର ଘୋର ଶତ୍ରୁ ମଧ୍ୟ ଆଜି ଏହା ସ୍ୱୀକାର କରୁଛନ୍ତି ଯେ ପବିତ୍ର କୁର୍‌ଆନ୍ ସେହିପରି ଅବସ୍ଥାରେ ସୁରକ୍ଷିତ ଅଛି ଯେପରି ହଜୁର ସ:ଆ:ସଙ୍କ ସମୟ କାଳରେ ଉପସ୍ଥିତ ଥିଲା ଏବଂ ଆପଣ ନିଜ ସାହାବାମାନଙ୍କୁ ଯେପରି ପ୍ରଦାନ କରିଥିଲେ ଅବିକଳ ସେହିପରି ରହିଛି ।

Theodor Noldeke, Springer ଏବଂ Sir William Muir ସମସ୍ତେ ନିଜ ନିଜର ପୁସ୍ତକରେ ଏକଥା ସ୍ୱୀକାର କରିଛନ୍ତି ଯେ ଆମେ ଦୃଢ଼ ନିଶ୍ଚିତ ରୂପେ ପବିତ୍ର କୁର୍‌ଆନ୍ ବ୍ୟତିତ ଅନ୍ୟ କୌଣସି ଧର୍ମ ପୁସ୍ତକ ସମ୍ପର୍କରେ ଏହା କହିପାରିବା ନାହିଁ ଯେ ଯେଉଁ ଅବସ୍ଥାରେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ଅର୍ଥାତ ହଜୁର ସ:ଆ:ସ ପବିତ୍ର କୁର୍‌ଆନ୍ ଉପସ୍ଥାପିତ କରିଥିଲେ ତାହା ସବୁ ସେହି ଅବସ୍ଥାରେ ଅକ୍ଷୁର୍ଣ୍ଣ ରହିଛି ଓ ଏଥିରେ କୌଣସି ପରିବର୍ତନ ଘଟିନାହିଁ ବୋଲି । କେବଳ ପବିତ୍ର କୁର୍‌ଆନ୍ ହିଁ ଏକମାତ୍ର ଧର୍ମ ପୁସ୍ତକ ଯାହା ପ୍ରସଙ୍ଗରେ କୁହାଯାଇପାରିବ ଯେ ତାହା ଯେଭଳି ଭାବର ହଜୁର ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ଏବଂ ଆପଣ ନିଜ ସାହାବାମାନଙ୍କୁ ଯେଉଁଭଳି ଦେଇଥିଲେ ସେହିପରି ଭାବରେ ବର୍ତମାନ ପର୍ଯ୍ୟନ୍ତ ସୁରକ୍ଷିତ ରହିଛି । ଯଦିଚ ସେମାନେ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହେବାକୁ ବିଶ୍ୱାସ କରୁନାହାନ୍ତି ବରଂ ସେମାନଙ୍କର ବିଶ୍ୱାସ ଯେ, ହଜୁର ସ:ଆ:ସ ଏହାକୁ ନିଜ ଆଡୁ ଗଢ଼ି ନେଇଥିଲେ । ତେଣୁ ସେମାନେ ଏପରି କହିନଥାନ୍ତି ଯେ, ପବିତ୍ର କୁର୍‌ଆନ୍ ହଜୁର ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । କିନ୍ତୁ ଏକଥା ନିଶ୍ଚିତ ସ୍ୱୀକାର କରିଥାନ୍ତି ଯେ, ଯେପରି ରୂପେ ହଜୁର ସ:ଆ:ସ ପବିତ୍ର କୁର୍‌ଆନ୍ ଉପସ୍ଥାପିତ କରିଥିଲେ ସେହିପରି ବର୍ତମାନ ମଧ୍ୟ ସମଗ୍ର ସଂସାରରେ କୁର୍‌ଆନ୍ ଆମକୁ ଦେଖିବାକୁ ମିଳୁଅଛି । ଅତଏବ Sir William Muir ନିଜ ପୁସ୍ତକ ଦ କୁର୍‌ଆନ୍‌ରେ ଲେଖିଛନ୍ତି, ଏ ସମସ୍ତ ପ୍ରମାଣମାନ ହୃଦୟକୁ ସାନ୍ତ୍ୱନା ପ୍ରଦାନ କରୁଛି ଯେ ଏହି ପବିତ୍ର କୁର୍‌ଆନ୍ ଯାହା ଆମେ ପାଠ କରୁଅଛେ ତାହା ପୂର୍ଣ୍ଣରୂପେ ସେହି କୁର୍‌ଆନ୍ ଯାହାକି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଲୋକମାନଙ୍କୁ ପାଠ କରି ଶୁଣାଇଥିଲେ ତାହା ଅକ୍ଷରେ ଅକ୍ଷରେ ଉପସ୍ଥିତ ରହିଛି" ।

ପୁନଶ୍ଚ Sir William Muir ନିଜ ପୁସ୍ତକ "ଲାଇଫ୍ ଅଫ୍ ମୁହମ୍ମଦ"ରେ ଉଲ୍ଲେଖ କରିଛନ୍ତି ସମ୍ଭବତଃ ତାହାକୁ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏହାକୁ ନିଜ ତରଫରୁ ଗଢ଼ି ନେଇଥିବେ ଏବଂ ପରେ ସ୍ୱୟମ ଏଥିରେ ପରିବର୍ତନ ଆଣିଥିବେ କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ କୁର୍‌ଆନ୍ ସେ ଆମକୁ ଦେଇଯାଇଛନ୍ତି ତାହାର ପ୍ରତ୍ୟେକ ପଂକ୍ତି ଅଟଳ ଓ ପରିବର୍ତିତ ଭାବରେ ନିଜ ଅସଲ ଅବସ୍ଥାରେ ରହିଛି । ପୁନଶ୍ଚ ଜର୍ମାନୀର Theodor Noldeke ଓରିଏଂଟାଲ୍ ଷ୍ଟ୍ରିକ୍ ଉଲ୍ଲେଖ କରନ୍ତି, ହୋଇପାରେ ଲେଖନୀଗତ ଶୈଳୀରେ ତ୍ରୁଟି ରହିଥାଇ ପାରେ । କିନ୍ତୁ ହଜ୍‌ରତ ଉସ୍‌ମାନ୍ ର:ଅ ଯେଉଁ ପବିତ୍ର କୁର୍‌ଆନ୍ ସଂସାରବାସୀଙ୍କ ଆଗରେ ଉପସ୍ଥାପିତ କରିଥିଲେ ତାହାର ବିଷୟବସ୍ତୁ ତାହା ହିଁ ଅଟେ ଯାହା ହଜୁର ସ:ଆ:ସ ଉପସ୍ଥାପିତ କରିଥିଲେ । ଯଦିଚ ତା'ର କ୍ରମାନ୍ୱୟତା ବଡ଼ ବିଚିତ୍ରମୟ । ୟୁରୋପୀୟ ବିଦ୍ୱାନମାନଙ୍କର ଏ ପ୍ରଚେଷ୍ଟା ରହିଥାଏ କି ସେମାନେ ଏହା ସାବ୍ୟସ୍ତ କରିବାକୁ ଚାହିଁଥାନ୍ତି ଯେ ପରବର୍ତୀ ଯୁଗରେ ପବିତ୍ର କୁର୍‌ଆନ୍‌ରେ କୌଣସି ପରିବର୍ତନ ହୋଇଥାଇପାରେ କିନ୍ତୁ ତାହା ନିଷ୍ଫଳ ପ୍ରମାଣିତ ହେଲା ।

ଅତଏବ ୟୁରୋପୀୟ ଲେଖକମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ ଯେଉଁଠି ପବିତ୍ର କୁର୍‌ଆନ୍ କରିମ୍‌ର ବାହିକ୍ୟ ସୁରକ୍ଷାର ପ୍ରଶ୍ନ ରହିଛି ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ । ବରଂ ଅକ୍ଷରେ ଅକ୍ଷରେ ଏହା ହେଉଛି ସେହି ପୁସ୍ତକ ଯେଉଁ ପୁସ୍ତକକୁ ହଜୁର ସ:ଆ:ସ ଲୋକମାନଙ୍କୁ ପାଠ କରି ଶୁଣାଇଥିଲେ । ***(ତଫ୍‌ସିର୍ କବୀର୍ ଖଣ୍ଡ-୮, ପୃ-୪୨୧-୪୨୨)***

ଯମାତ୍ ଅହେମଦୀୟାର ପ୍ରଥମ ଖଲିଫା ବର୍ଣ୍ଣନା କରନ୍ତି: ଲୋକମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ସମ୍ପୂର୍ଣ୍ଣ ପବିତ୍ର କୁର୍‌ଆନ୍ କରିମ୍‌କୁ ଏକତ୍ର କରିବାର ଆଖ୍ୟା ପ୍ରଦାନ କରନ୍ତି କିନ୍ତୁ ତାହା ଭୂଲ ଅଟେ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶବ୍ଦ ସହିତ ଅତ୍ୟାନୁପ୍ରାଶ ସଂଯୁକ୍ତ ହୋଇଛି । ଯଦିଚ ପବିତ୍ର କୁର୍‌ଆନ୍‌କୁ ପ୍ରକାଶ କରିବାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଏକ ସୀମା ପର୍ଯ୍ୟନ୍ତ ହାତ ରହିଥିଲା । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଯୁଗରେ ଇସ୍‌ଲାମ୍ ଦୂରଦୂରାନ୍ତ ପର୍ଯ୍ୟନ୍ତ ପ୍ରସାର ଲାଭ କରିଥିଲା ତେଣୁ ସେ କେତେକ ପାଣ୍ଡୁଲିପି ଅବିକଳ ଭାବେ ନକଲ କରି ପ୍ରସ୍ତୁତ କରାଇ ମକ୍କା, ମଦିନା, ସିରିୟା, ବସ୍‌ରା, କୁଫା ଓ ଅନ୍ୟ ମୁସଲମାନ ଦେଶମାନଙ୍କୁ ପ୍ରେରଣ କରିଥିଲେ । କିନ୍ତୁ କୁର୍‌ଆନ୍‌ର ଏକତ୍ରିକରଣ ତ ଅଲ୍ଲାଃ ତାଲାଙ୍କ ପସନ୍ଦ ଅନୁଯାୟୀ ହୋଇଥିଲା ଏବଂ କ୍ରମାନ୍ୱୟତାର ସହିତ ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ପ୍ରଦାନ କରିଥିଲେ । ପୁନଶ୍ଚ ହଜୁର ସ:ଆ:ସ ଆମମାନଙ୍କୁ ଏହି ପବିତ୍ର କୁର୍‌ଆନ୍ କରିମ୍ ପ୍ରଦାନ କରିଥିଲେ । ସୁତରାଂ ଏହି ପବିତ୍ର କୁର୍‌ଆନ୍ କରିମ୍ ପଢ଼ିବା ଏବଂ ଏକତ୍ରିକରଣ କରିବା ଆମମାନଙ୍କ କର୍ତବ୍ୟ" ।

***(ହକାଇକୁଲ୍ ଫୁର୍କାନ ଖଣ୍ଡ-୪, ପୃ-୨୭୨)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମୟକାଳରେ ଯେତେବେଳେ ମକ୍କା, ମଦିନା, ନଜଦ୍, ତାଏଫ୍ ଏବଂ ୟମନ୍ ଆଦିର ଅଧିବାସୀମାନେ ପରସ୍ପରର ଭାଷା ଓ ରୁଢ଼ିଠାରୁ ସଂପୂର୍ଣ୍ଣ ରୂପେ ଅଜ୍ଞ ଥିଲେ । ଯେତେବେଳେ ଏହି ସମସ୍ତ ନଗରବାସୀଙ୍କ ରାଜଧାନୀ ମଦିନା ପାଲଟିଗଲା । ସେତେବେଳେ ଏହି ସମସ୍ତ ଜାତି ଗୋଟିଏ ଜାତିରେ ପରିଣତ ହୋଇଯାଇଥିଲେ କାରଣ ସେତେବେଳେ ମଦିନା ମୁସଲମାନମାନଙ୍କର ପୀଠସ୍ଥଳୀ ପାଲଟି ଥିଲା । ଯେଉଁଠାରୁ ସମସ୍ତ ଶାସନ କାର୍ଯ୍ୟକାରି ହେଉଥିଲା । ଯେଉଁ ଶାସକ ଗୋଷ୍ଠୀରେ ଏକ ବୃହତ ସଂଖ୍ୟା ମକ୍କାବାସୀଙ୍କର ଥିଲା ଏବଂ ସ୍ୱୟମ ମଦିନା ବାସୀ ମଧ୍ୟ ମକ୍କାବାସୀଙ୍କ ସଙ୍ଗତରେ ରହିବା ହେତୁ ଆରବୀ ଭାଷା ଶିଖି ନେଇଥିଲେ । ଅତଏବ ଆଇନ ପ୍ରଣୟନ ସେମାନଙ୍କ ପକ୍ଷରୁ ହେଉଥିଲା ଅର୍ଥାତ ମଦିନାବାସୀଙ୍କ ପକ୍ଷରୁ ଏବଂ ଧନ ଦଉଲତ ସେମାନଙ୍କ ହାତମୁଠାରେ ରହିଥିଲା । ଅର୍ଥାତ ଶାସନ ଓ କ୍ଷମତା ଯାହାଙ୍କ ହସ୍ତରେ ଥିଲା ତାଙ୍କରି ହାତରେ ଧନ ମଧ୍ୟ ରହିଥିଲା । ଲୋକଙ୍କର ଦୃଷ୍ଟି ତାଙ୍କରି ଆଡ଼କୁ ଉର୍ଦ୍ଧଗାମୀ ହେଉଥିଲା ସେତେବେଳେ ତାଏଫ୍, ନଜଦ୍, ମକ୍କା, ୟମନ୍ ଓ ଅନ୍ୟ ଅଂଚଳର ଅନେକ ଲୋକ ମଦିନାକୁ ଯିବାଆସିବା କରୁଥିଲେ ଏବଂ ମଦିନାରେ ରହୁଥିବା ମୁହାଜିର୍ ଓ ଅନ୍‌ସାରମାନଙ୍କ ସହିତ ସାକ୍ଷାତ କରି ଧର୍ମଶିକ୍ଷା ନେଉଥିଲେ । ଏହିପରି ଭାବରେ ସମସ୍ତ ଦେଶରେ ଶୈକ୍ଷିକ ଭାଷା ଗୋଟିଏ ଭାଷା ପାଲଟି ଯାଇଥିଲା । ପୁନଶ୍ଚ ସେହି ଲୋକମାନଙ୍କ ମଧ୍ୟରୁ କେତେକ ଲୋକମାନେ ଆସି ମଦିନାରେ ବସତି ସ୍ଥାପନ କରିଥିଲେ । ଅତଏବ ସେହି ଲୋକମାନଙ୍କର ଭାଷା ଏକପକ୍ଷରେ କହିବାକୁ ଗଲେ ହଜାଜି ଅର୍ଥାତ ହଜାଜ୍ ଇଲାକାରେ ଭାଷା ହୋଇଯାଇଥିଲା । ଏହି ଲୋକମାନେ ଯେତେବେଳେ ସ୍ୱଦେଶକୁ ଫେରୁଥିଲେ ସେତେବେଳେ ଏହି ବିଦ୍ୱାନମାନେ ଶିକ୍ଷକ ହେଉଥିଲେ ତେଣୁ ଏହି ଶିକ୍ଷକ ବିଦ୍ୱାନମାନେ ଯେତେବେଳେ ନିଜ ଅଂଚଳକୁ ଗସ୍ତ କରୁଥିଲେ ସେତେବେଳେ ଏମାନଙ୍କର ପ୍ରଭାବ ନିଃସନ୍ଦେହ ରୂପେ ସେହି ଲୋକମାନଙ୍କ ଉପରେ ହିଁ ପଡୁଥିଲା । ଏତଦ୍‌ବ୍ୟତିତ ଯୁଦ୍ଧ ଯୋଗୁଁ ଆରବର ବିଭିନ୍ନ ସମ୍ପ୍ରଦାୟକୁ ଏକତ୍ରିତ ହେବାର ସୁଯୋଗ ମିଳିଯାଉଥିଲା ଯଦିଓ ସାହାବାମାନେ ପଦାଧିକାରୀ ହେଉଥିଲେ ଏବଂ ସେମାନଙ୍କ ସଂଗତି ଏବଂ ଅନୁକରଣତା ସ୍ୱଭାବିକ ଇଚ୍ଛାର ପରିପ୍ରକାଶ ଭାଷାରେ ଏକପ୍ରକାର ହିଁ ସୃଷ୍ଟି କରିଥିଲା । ତେଣୁ ପ୍ରାରମ୍ଭିକ କାଳରେ ଲୋକମାନଙ୍କୁ ପବିତ୍ର କୁର୍‌ଆନ୍ କରିମ୍‌ର ଶିକ୍ଷା ହାସଲ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା କିନ୍ତୁ ମଦିନା ରାଜଧାନୀ ହେବା ପରଠାରୁ ଯେତେବେଳେ ସମସ୍ତ ଆରବର ରାଜଧାନୀ ମଦିନା ପାଲଟି ଥିଲା ଏବଂ ସମଗ୍ର ସମ୍ପ୍ରଦାୟ ଅର୍ଥାତ ମୁସଲମାନ ସମ୍ପ୍ରଦାୟ ସେଠାକୁ ଯିବାଆସିବା କରିବା ଆରମ୍ଭ କରିଦେଇଥିଲେ ସେତେବେଳେ ପବିତ୍ର କୁର୍‌ଆନ୍ କରିମ୍ କୌଣସି ମତପାର୍ଥକ୍ୟ ଦେଖା ଦେବାର କୌଣସି ସମ୍ଭାବନା ରହିନଥିଲା କାରଣ ସେତେବେଳେ ସମସ୍ତ ବିଦ୍ୱାନ ବ୍ୟକ୍ତି ପବିତ୍ର କୁର୍‌ଆନ୍ କରିମ୍ ର ଭାଷା ସହିତ ସମ୍ପୂର୍ଣ୍ଣରୂପେ ଅବଗତ ହୋଇସାରିଥିଲେ । ଅତଏବ ଲୋକମାନେ ଯେତେବେଳେ ଭଲ ଭାବରେ ପରିଚିତ ହୋଇଗଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆଦେଶ ଦେଲେ ଯେ, ଭବିଷ୍ୟତରେ କେବଳ ହିଜାଜି କିରାତ୍ ପାଠ କରାଯିବ ଏବଂ ଅନ୍ୟ କୌଣସି କିରତ୍ ପଢ଼ିବାକୁ ଅନୁମତି ନାହିଁ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଏହି ଆଦେଶର ଅର୍ଥ ଏହା ଥିଲା ଯେ, ବର୍ତମାନ ଲୋକମାନେ ହିଜାଜି ଭାଷାକୁ ଭଲ ଭାବରେ ଜାଣିବାକୁ ମନବଳାଇଲେଣି । ତେଣୁ ହିଜାଜି ଆରବୀୟ ଭାଷା ପରିବର୍ତେ ଅନ୍ୟ ଆରବୀୟ ଶୈଳୀକୁ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରାଯିବାର

କିଛି କାରଣ ନଥିଲା ।

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଏହି ଆଦେଶ ଯୋଗୁଁ ହିଁ ଶିହା ସମ୍ପ୍ରଦାୟ, ଯାହାକୁ ସୁନ୍ନି ସମ୍ପ୍ରଦାୟର ବିରୋଧି ବୋଲି କୁହାଯାଏ, ସେମାନେ କୁହନ୍ତି ସାମ୍ପ୍ରତିକ କୁର୍‌ଆନ୍ ବୟାଜେ ଉସ୍‌ମାନି ଅଟେ ଅର୍ଥାତ ଉସ୍‌ମାନଙ୍କ ପାଣ୍ଡୁଲିପି କିନ୍ତୁ ଏହି ଆପତିଟି ସମ୍ପୂର୍ଣ୍ଣରୂପେ ଭୁଲ ଅଟେ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କାଳ ପର୍ଯ୍ୟନ୍ତ ଆରବୀୟମାନଙ୍କ ମିଳାମିଶାକୁ ଦୀର୍ଘ ଅବଧି ଅତିକ୍ରାନ୍ତ କରିସାରିଥିଲା ଏବଂ ସେମାନେ ପରସ୍ପର ସହିତ ମିଳାମିଶା ଯୋଗୁଁ ପାରସ୍ପରିକ ଭାଷାଗତ ଫରକକୁ ସମ୍ପୂର୍ଣ୍ଣରୂପେ ଜାଣି ସାରିଥିଲେ । ତେଣୁ କୌଣସି ଆବଶ୍ୟକତା ନଥିଲା ଯେ, ଲୋକମାନଙ୍କୁ ଅନ୍ୟ କିରାତ୍‌ରେ ପବିତ୍ର କୁର୍‌ଆନ୍ କରିମ୍ ପଢ଼ିବାକୁ ଅନୁମତି ଦିଆଯାଉ । ଏହି ଅନୁମତି ଟି କେବଳ ସାମୂହିକ ଅନୁମତି ଥିଲା ଏବଂ ସେହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ଯୁଗରେ ବିଭିନ୍ନ ଜାତି ଓ ଭାଷାଭାଷୀଙ୍କ ସାମାନ୍ୟତମ ପ୍ରାର୍ଥକ୍ୟ ଯୋଗୁଁ ଶବ୍ଦର ଅର୍ଥ ମଧ୍ୟ ପରିବର୍ତ୍ତିତ ହୋଇଯାଇଥିଲା । ଏହି ତ୍ରୁଟି ଯୋଗୁଁ ସାମୂହିକ ରୂପେ ସମ୍ପ୍ରଦାୟରେ ପ୍ରଚଳିତ ଶବ୍ଦଗୁଡ଼ିକ ପ୍ରକୃତ ଐଶିବାଣୀର ପ୍ରତିବଦଳ ରୂପେ ଅଲ୍ଲାଃ ତାଲାଙ୍କ ଐଶିବାଣୀ ଅନୁଯାୟୀ ପଢ଼ିବାପାଇଁ ଅନୁମତି ପ୍ରଦାନ କରିଦିଆଯାଇଥିଲା । କାରଣ ପବିତ୍ର କୁର୍‌ଆନ୍ କରିମ୍‌ର ଆଦେଶାବଳୀଗୁଡ଼ିକୁ ବୁଝିବା ଏବଂ ତାହାର ଶିକ୍ଷା ସହିତ ପରିଚିତ ହେବାର ଯେପରି କୌଣସି ବାଧା ସୃଷ୍ଟି ନ ହେଉ ବା ବାଧା ନ ଉପୁଜୁ । ପ୍ରତ୍ୟେକ ଭାଷା ଜାଣିଥିବା ବ୍ୟକ୍ତି ନିଜ ଭାଷାରେ ବ୍ୟବହୃତ ରୂଢ଼ି ଓ ବାକ୍ୟକୁ ସହଜରେ ବୁଝିପାରୁ ଏବଂ ନିଜ ଶୈଳୀରେ ପଢ଼ିପାରିବ ଏହି ଅନୁମତିକୁ ଯେତେବେଳେ ୨୦ ବର୍ଷ କାଳ ଅତିକ୍ରାନ୍ତ ହୋଇଗଲା । ସେତେବେଳେ ଯୁଗ ପରିବର୍ତନ ମଧ୍ୟ ହୋଇସାରିଥିଲା । ଜାତି ଆଉ ଏକ ରୂପର ରଙ୍ଗ ନେଇସାରିଥିଲା । ସେହି ଆରବୀୟ ଜାତି ଯିଏ ବିଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ଥିଲେ ତାହା ଗୋଟିଏ ସମ୍ପ୍ରଦାୟର ସମଷ୍ଟି ହୋଇ ତାହା କେବଳ ଏକ ବିଶାଳ ସମ୍ପ୍ରଦାୟରେ ପରିଣତ ହୋଇଯାଇନଥିଲା ବରଂ ଏକ ମହାନ୍ ଶାସନରେ ପରିଣତ ହୋଇଯାଇଥିଲା । ଆଇନ ପ୍ରଣୟନ ଓ ଶିକ୍ଷା ବ୍ୟବସ୍ଥାରେ ନୂତନ ସଂସ୍କରଣ ସେମାନଙ୍କ ହାତମୁଠାକୁ ଚାଲି ଆସିଥିଲା ଓ ସେମାନେ ନିୟମ ଉଲଂଘନ ଜନିତ ଦଣ୍ଡ ଓ ପ୍ରତିଶୋଧ ପରାୟଣ ମୂଳକ ଶାସ୍ତିର ପ୍ରଚଳନ ଆରମ୍ଭ କରିଦେଲେ । ସେତେବେଳେ ପବିତ୍ର କୁର୍‌ଆନ୍ କରିମ୍‌ର ଭାଷାକୁ ବୁଝିବାପାଇଁ ଲୋକମାନଙ୍କୁ ଆଉ କୌଣସି ସମସ୍ୟା ରହିଲା ନାହିଁ । ଯେତେବେଳେ ଏହି ପରିସ୍ଥିତି ଉପୁଜିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ମଧ୍ୟ ଉକ୍ତ ସାମୟିକ ଅନୁମତିକୁ ମଧ୍ୟ ରଦ୍ଦ କରିଦେଲେ । ଅଲ୍ଲାଃ ତାଲାଙ୍କର ମଧ୍ୟ ଏହି ଉଦ୍ଦେଶ୍ୟ ଥିଲା କିନ୍ତୁ ସିଆ ସମ୍ପ୍ରଦାୟର ଲୋକମାନେ ଏହାକୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସବୁଠୁ ବଡ଼ ଭୂଲ ବୋଲି ବିବେଚିତ କରିଥିଲେ ଏବଂ ତାହା ଏଥିପାଇଁ ଯେ, ସେ ବିଭିନ୍ନ କିରତ୍‌କୁ ସମାପ୍ତ କରି ଗୋଟିଏ କିରତ୍ ପ୍ରଚଳନ କରିଦେଇଥିଲେ କିନ୍ତୁ ଯଦି ସିଆମାନେ ଚିନ୍ତା କରନ୍ତେ ତାହେଲେ ସେମାନେ ସହଜରେ ବୁଝିପାରିବେ ଯେ ଅଲ୍ଲାଃ ତାଲା ଇସ୍‌ଲାମ୍‌ର ପରବର୍ତୀ ଯୁଗରେ କୁର୍‌ଆନ୍ କରିମ୍‌କୁ ବିଭିନ୍ନ କିରତ୍‌ରେ ପଢ଼ିବାକୁ ଅନୁମତି ପ୍ରଦାନ କରିଛନ୍ତି ପ୍ରାରମ୍ଭିକ ଯୁଗରେ ଅଲ୍ଲାଃ ଅନୁମତି ଦେଇନଥିଲେ । ଯାହାର ସ୍ପଷ୍ଟ ଅର୍ଥ ହେଉଛି ଏହା ଯେ, କୁର୍‌ଆନେ୍ କରିମ୍ ହିଜାଜି ଭାଷାରେ ଅବତୀର୍ଣ୍ଣ ହୋଇଛି କିନ୍ତୁ ଅନ୍ୟ ସମ୍ପ୍ରଦାୟମାନେ ଯେତେବେଳେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ କିରତ୍‌ରେ ପାର୍ଥକ୍ୟ ଦେଖାଦେଲା । କାରଣ ବେଳେ ବେଳେ ଗୋଟିଏ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟଠାରୁ ନିଜ ଭାଷାଗତ ବୈଷମ୍ୟତା ଦୃଷ୍ଟିରୁ କିଛି ପାର୍ଥକ୍ୟ ରଖିଥିଲା । ବୋଧ ହୁଏ ସେ ସଠିକ୍ ଭାବରେ ଉଚାରଣ କରିପାରୁନଥିଲା କିମ୍ବା ସେହି ଶବ୍ଦର ଅର୍ଥରେ କିଛିଟା ପରିବର୍ତନ ହୋଇଯାଉଥିଲା ତେଣୁ ରସୁଲେ୍ କରିମ ସ:ଆ:ସ ଅଲ୍ଲାଃ ତାଲାଙ୍କ ଇଚ୍ଛାନୁଯାୟୀ କେତେକ ବିବାଦୀୟ ଶବ୍ଦଗତ ପଠନରିତିକୁ ପରିବର୍ତନ କିମ୍ବା ତା ସ୍ଥାନରେ ଅନ୍ୟ ଶବ୍ଦ ରଖିବାପାଇଁ ଅନୁମତି ପ୍ରଦାନ କରିଦେଇଥିଲେ । କିନ୍ତୁ ଏହି ଆୟତର ଅର୍ଥ କିମ୍ବା ତାହାର ଅର୍ଥ ଉପରେ କୌଣସି ପ୍ରଭାବ ପଡୁନଥିଲା ବରଂ ଯଦି ଏହି ଅନୁମତି ପ୍ରଦାନ କରାଯାଇନଥାନ୍ତା ତାହେଲେ ଅବଶ୍ୟ ପାର୍ଥକ୍ୟ ପରିଲକ୍ଷିତ ହୋଇଥାନ୍ତା । ତେଣୁ ଏହାର ପ୍ରମାଣ ଏହି କଥାରୁ ମିଳିଯାଏ ଯେ, ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ ଗୋଟିଏ ସୁରଃ ଏକ ପ୍ରକାର ଶୈଳୀରେ ପଠନ କରିବା ଶିଖାଇଲେ ଏବଂ ହଜ୍‌ରତ୍ ଉମର ର:ଅଙ୍କୁ ସେହି ସୁରଃ ଅନ୍ୟ ଶୈଳୀରେ ପଢ଼ାଇବା ଶିଖାଇଲେ କାରଣ ହଜ୍‌ରତ୍ ଉମର ର:ଅ ସହରୀ ଓ ସଭ୍ରାନ୍ତ ବର୍ଗର ବ୍ୟକ୍ତି ଥିଲେ ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ନିପଟ ମଫସଲି ବ୍ୟକ୍ତି ଥିଲେ ଏବଂ ମଫ୍‌ସଲ୍ ବ୍ୟକ୍ତିଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ରହିଥିଲା ତେଣୁ ଉଭୟ ଭାଷାରେ ଅନେକ ତାରତମ୍ୟ ରହିଥିଲା ଅର୍ଥାତ ଉଭୟ ଶୈଳୀରେ । ଦିନେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କୁର୍‌ଆନେ୍ କରିମ୍‌ର ସେହି ସୁର ପାଠ କରୁଥିଲେ ଏବଂ ହଜ୍‌ରତ୍ ଉମର ର:ଅ ସେହି ମାର୍ଗ ଦେଇ ଅତିକ୍ରମ କଲେ ସେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ ଉକ୍ତ ସୁରତ୍‌ର ଆବୃତିରେ ପାର୍ଥକ୍ୟକୁ ଅନୁଭବ କଲେ ଏବଂ ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଚକିତ ହେଲେ କି ପବିତ୍ର କୁର୍‌ଆନ୍ ଗୋଟିଏ ଭାଷାରେ ରହିଛି ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ତାହାକୁ ଅନ୍ୟ ଶୈଳୀରେ ପାଠ କରୁଛନ୍ତି ! ସୁତରାଂ ସେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କ ଗଳାରେ ଗାମୁଛା ପକାଇଲେ ଏବଂ କହିଲେ ଚାଲ ମୁଁ ଏହି ମୁହୂର୍ତରେ ତୁମକୁ ହଜୁର ସ:ଆ:ସଙ୍କ ନିକଟକୁ ନେଇ ଯାଉଛି । କାରଣ ତୁମେ ସୁରତ୍‌ର କେତେକ ଶବ୍ଦକୁ ଅନ୍ୟ ଢ଼ଙ୍ଗରେ ପାଠ କରିଛ ଯେବେ କି ତାହାର ପଠନ ଶୈଳୀ ଏପରି ନୁହେଁ । ସେ ତାଙ୍କୁ ହଜୁର ସ:ଆ:ସଙ୍କ ନିକଟକୁ ନେଇଗଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ମତେ ଏହି ସୁରତ୍‌ଟି ଏହିପରି ପଢ଼ାଇଛନ୍ତି ଯେବେକି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଏହାକୁ ଅନ୍ୟ ଶୈଳୀରେ ପାଠ କରୁଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ କହିଲେ, ହେ ଅବ୍‌ଦୁଲ୍ଲାଃ ! ତୁମେ ଏହି ସୁରଟିକୁ କିପରି ପାଠ କରୁଥିଲେ ? ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଭୟଭୀତ ହେଲେ ଏବଂ ମନ ଭିତରେ ଭାବିଲେ ଯେ, ଭଗବାନ ନ କରନ୍ତୁ ମୋ ଦ୍ୱାରା କୌଣସି ତ୍ରୁଟି ସମ୍ପାଦିତ ହୋଇଥାଉ କିନ୍ତୁ ହଜୁର ସ:ଆ:ସ କହିଲେ, ଭୟ କରନାହିଁ ବରଂ ନିର୍ଭିକ ଭାବରେ ପାଠ କର ଅତଏବ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ଯେତେବେଳେ ହଜୁର ସ:ଆ:ସଙ୍କୁ ପବିତ୍ର କୁର୍‌ଆନ୍‌ର ସେହି ଆୟତ ଶୁଣାଇଲେ ସେତେବେଳେ ହଜୁର ସ:ଆ:ସ କହିଲେ, ଏହା ତ ସମ୍ପୁର୍ଣ୍ଣ ଠିକ୍ ଅଟେ ଅର୍ଥାତ ସେ ଠିକ୍ ଢ଼ଙ୍ଗରେ ଠିକ୍ ଶୈଳୀରେ ପାଠ କରିଛନ୍ତି । ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତ ମତେ ଅନ୍ୟ ପ୍ରକାରରେ ପଢ଼ାଇଥିଲେ । ଏଥିରେ ଆପଣ ସ:ଆ:ସ କହିଲେ: ତାହା ମଧ୍ୟ ଠିକ୍ ଅଟେ । ଏତଦ୍‌ପରେ ହଜୁର ସ:ଆ:ସ ଅଲ୍ଲାଃ ତାଲାଙ୍କର ପବିତ୍ର କୁର୍‌ଆନ୍ କରିମ୍‌କୁ ସାତଟି କିରତ୍‌ରେ ଅବତୀର୍ଣ୍ଣ ହେବା ଦର୍ଶାଇଲେ । ହଜୁର ଆହୁରି କହିଲେ, ତୁମେ ଏହି ସାମାନ୍ୟ କଥାକୁ କେନ୍ଦ୍ରକରି ପରସ୍ପର ସହିତ କଳହ କରନାହିଁ । ଉକ୍ତ ପଠନଗତ ରିତିରେ ତାରତମ୍ୟ ଏହା ରହିଥିଲା ଯେ, ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ ମଫସଲି ବୋଲି ଭାବି ଏପରି ପଠନ ଶୈଳୀ ଅର୍ଥାତ ଭିନ୍ନ ଶୈଳୀ ପଢ଼ିବାକୁ ଅନୁମତି ପ୍ରଦାନ କରିଥିଲେ । ହଜ୍‌ରତ୍ ଉମର ର:ଅଙ୍କ ସମ୍ପର୍କରେ ହଜୁର ସ:ଆ:ସ ଭାବିଲେ, ହଜ୍‌ରତ୍ ଉମର ଯେହେତୁ ଜଣେ ସହରୀ, ସଭ୍ରାନ୍ତ ବର୍ଗ ତେଣୁ ତାଙ୍କୁ ପ୍ରକୃତ ମକ୍କି ଭାଷାରେ ଅବତୀର୍ଣ୍ଣ ହୋଇଥିବା କିରତ୍ ପଢ଼ାଇବା ଉଚିତ । ଅତଏବ ହଜୁର ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅଙ୍କୁ ତାଙ୍କ ଭାଷାରେ କିରତ୍ ଅନୁଯାୟୀ ସୁର ପଢ଼ାଇବାର ଅନୁମତି ପ୍ରଦାନ କଲେ ଏବଂ ହଜ୍‌ରତ୍ ଉମର ର:ଅଙ୍କୁ ଆରବୀୟ ଭାଷାରେ ଯାହାକି ପ୍ରକୃତ କୁରାନୀୟ ଭାଷା ଯେଉଁଥିରେ କି କୁର୍‌ଆନ୍ ଅବତୀର୍ଣ୍ଣ ହୋଇଥିଲା ସେହି ଶୈଳୀରେ ସୁରତ୍ ପାଠ କରାଇବା ଶିଖାଇଥିଲେ । ତେଣୁ ଏହି ପ୍ରକାରର ଛୋଟ ଛୋଟ ପାର୍ଥକ୍ୟତା ଭିନ୍ନ ଭିନ୍ନ କିରତ୍ ଯୋଗୁଁ ସୃଷ୍ଟି ହୋଇଯାଇଥିଲା କିନ୍ତୁ ତାହାର ବିଷୟ ବସ୍ତୁ ଉପରେ କୌଣସି ପ୍ରଭାବ ପଡୁନଥିଲା । ପ୍ରତ୍ୟେକ ବ୍ୟକ୍ତି ଭାବୁଥିଲା ଯେ, ଏହା ଶିଷ୍ଟାଚାର, ଶିକ୍ଷା ଓ ଭାଷାରେ ଫରକ ଥିବା ଯୋଗୁଁ ଏପରି ପରିଲକ୍ଷିତ ହୋଇଅଛି ।

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଶାସନରେ ସଂସ୍କୃତି ଓ ଶାସନ ଦୃଷ୍ଟିକୋଣରୁ ଏହା ଗୋଟିଏ ଜାତି ଓ ଗୋଟିଏ ଭାଷା କହୁଥିବା ଜାତିରେ ପରିଣତ ହୋଇଯାଇଥିଲା । ସମସ୍ତ ଲୋକମାନେ ହିଜାଜି ଭାଷା ସହିତ ପରିଚିତ ହୋଇଯାଇଥିଲେ । ସେତେବେଳେ ହଜ୍‌ରତ୍ ଉମର ର:ଅ ଏହା ଭାବିଲେ ଯେ, ତାହାକୁ ସଠିକ୍ ମଣି ବର୍ତମାନ ଏହି ସମସ୍ତ କିରତ୍‌କୁ ଅଭ୍ୟାହତ ରଖିବା ମତଭେଦର କାରଣ ହୋଇଯିବ । ତେଣୁ ସେହି କିରତ୍‌ଗୁଡ଼ିକର ସାଧାରଣ ବ୍ୟବହାର ବର୍ତମାନ ବନ୍ଦ କରିଦେବା ଉଚିତ କିନ୍ତୁ କିରତ୍‌ର ଅନ୍ୟ ପୁସ୍ତକଗୁଡ଼ିକରେ ତାହା ସୁରକ୍ଷିତ ରହିବ ତେଣୁ ସେ ଏହି ପୂଣ୍ୟମୟ ଚିନ୍ତାଧାରା ଯୋଗୁଁ ସାଧାରଣ ବ୍ୟବହାରରେ ହିଜାଜି ଓ ପ୍ରକୃତ କିରତ୍ ବ୍ୟତିତ ଅନ୍ୟ ସମସ୍ତ କିରତ୍ ପଢ଼ିବାକୁ ବାରଣ କଲେ ଏବଂ ଆରବୀୟ ଓ ଅଣଆରବୀୟଙ୍କୁ ଗୋଟିଏ କିରତ୍‌ରେ ଏକତ୍ରିତ କରିବା ପାଇଁ ଏଭଳି ପାଣ୍ଡୁଲିପି ଗୁଡ଼ିକୁ ପଢ଼ିବାପାଇଁ ଅନୁମତି ପ୍ରଦାନ କରିଦେଲେ ଯାହାକି ହିଜାଜି ଏବଂ ପ୍ରାରମ୍ଭିକ କିରତ୍ ଅନୁଯାୟୀ ଥିଲା ।

***(ତଫ୍‌ସୀର୍ କବୀର୍ ଖଣ୍ଡ-୯, ପୃ-୪୯-୫୧)***

ହଜ୍‌ରତ୍ ଉସ୍‌ମାନ୍ ର:ଅ କୁର୍‌ଆନ୍ ସମ୍ପର୍କିତ ଅବଶିଷ୍ଟ ଚର୍ଚ୍ଚା ଇନ୍‌ଶାଅଲ୍ଲାଃ ଆଗାମି ଖୁତ୍‌ବାରେ ଆଲୋଚନା କରିବି ।

ଆଜି ମଧ୍ୟ ମୁଁ ଆପଣମାନଙ୍କୁ ପାକିସ୍ତାନ ଓ ଉପଦ୍ୱୀପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଏବଂ ପୃଥିବୀର ପ୍ରତ୍ୟେକ ସ୍ଥାନରେ ପରିବ୍ୟାପ୍ତ ପ୍ରତ୍ୟେକ ଅହେମଦୀମାନେ ଯେଉଁମାନେ ସମସ୍ୟା ଘେରରେ କବଳିତ ରହିଛନ୍ତି ସେମାନଙ୍କ ନିମନ୍ତେ ଦୁଆ ପାଇଁ କହିବାକୁ ଚାହୁଁଛି । ଅଲ୍ଲାଃ ତାଲା ସେମାନଙ୍କ ଦୁଃଖଦୁର୍ଦ୍ଦଶା ଏବଂ ସମସ୍ୟାକୁ ଦୂରିଭୁତ କରନ୍ତୁ ଏବଂ ବିଶେଷ କରି ପାକିସ୍ତାନର କଠୋର ଆଇନ ଯୋଗୁଁ ଅହେମଦୀମାନେ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ବର୍ତମାନ ସେଠାରେ ଅହେମଦୀମାନଙ୍କ ପାଇଁ ଆଉ କୌଣସି ସ୍ୱାଧିନତା ରହିନାହିଁ । ସେହିପରି ଉପଦ୍ୱୀପରେ ମଧ୍ୟ କେତେକ ପ୍ରଶାସନିକ କର୍ତୃପକ୍ଷ ଅହେମଦୀମାନଙ୍କ ନିମନ୍ତେ ସମସ୍ୟା ସୃଷ୍ଟି କରିଚାଲିଛନ୍ତି । ଅଲ୍ଲାଃ ତାଲା ଏହି ସମସ୍ତ ସମସ୍ୟାରୁ ଯମାତ୍ ଅହେମଦୀୟାର ସଦସ୍ୟବୃନ୍ଦକୁ ମୁକ୍ତି ପ୍ରଦାନ କରନ୍ତୁ । ଆମିନ୍ । ।

ନମାଜ ଜୁମା ପରେ ମୁଁ ଚାଇନା ଡ଼େସ୍କର ନୂତନ ୱେବସାଇଟ୍‌ର ଶୁଭାରମ୍ଭ କରିବି । ଏହି ୱେବସାଇଟ୍‌ଟି କେନ୍ଦ୍ରିୟ ଆଇଟି ଦଳର ପ୍ରଚେଷ୍ଟାରେ ପ୍ରସ୍ତୁତ ହୋଇଛି । ଏହି ୱେବସାଇଟ ମାଧ୍ୟମରେ ଲୋକମାନେ ଚୀନ୍ ଭାଷାରେ ଇସ୍‌ଲାମ୍ ଓ ଅହେମଦୀ ସମ୍ପର୍କରେ ସବିଶେଷ ବିବରଣୀ ତଥା ଜ୍ଞାନ ଲାଭ କରିପାରିବେ । ଉକ୍ତ ୱେବସାଇଟକୁ ଯମାତ୍‌ର ମୂଖ୍ୟ ୱେବସାଇଟ୍ ଅର୍ଥାତ ଅଲ୍ ଇସ୍‌ଲାମ୍ ମାଧ୍ୟମରେ ମଧ୍ୟ ଏବଂ ପୃଥକ ଭାବରେ ମଧ୍ୟ ଭିଜିଟ୍ କରାଯାଇପାରିବ ବା ଦେଖାଯାଇପାରିବ । ଉକ୍ତ ୱେବସାଇଟ ବିଭିନ୍ନ ପ୍ରସଙ୍ଗାନୁଯାୟୀ ଆଲେଖ୍ୟମାନ ସ୍ଥାନିତ ହୋଇଛି । ପବିତ୍ର କୁର୍‌ଆନ କରିମ୍‌ର ଚୀନି ଅନୁବାଦର ନୂତନ ସଂସ୍କରଣ ମଧ୍ୟ ସ୍ଥାନିତ ହୋଇଛି ଏହା ବ୍ୟତିତ ୨୩ଟି ଅନ୍ୟ ପୁସ୍ତକମାନ ପାମ୍ପଲେଟ୍ସ ମଧ୍ୟ ଦିଆଯାଇଛି । ପ୍ରଶ୍ନୋତର ଅନୁଯାୟୀ ବିଭିନ୍ନ ପ୍ରଶ୍ନର ବିଭିନ୍ନ ଉତରମାନ ମଧ୍ୟ ପ୍ରଦାନ କରାଯାଇଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିଷୟବସ୍ତୁ ଅନ୍ତର୍ଗତ ହଜୁର ଆ:ସ ଓ ଖଲିଫାମାନଙ୍କ ପରିଚୟ ମଧ୍ୟ ପ୍ରଦାନ କରାଯାଇଛି । ପ୍ରଥମ ପୃଷ୍ଠାରେ ଯମାତ୍‌ର ଛଅଟି ୱେବସାଇଟର ଲିଙ୍କ ଦିଆଯାଇଛି । ଏହା ବ୍ୟତିତ ଯୋଗାଯୋଗ ପାଇଁ ଫୋନ ନମ୍ବର, ଫ୍ୟାକ୍ସ ଓ ଇମେଲ୍ ଆଦିର ବିସ୍ତୃତ ବିବରଣୀ ମଧ୍ୟ ପ୍ରଦାନ କରାଯାଇଛି । ଅଲ୍ଲାଃ ତାଲା କରନ୍ତୁ କି ଏହି ୱେବସାଇଟ ଚୀନ୍ ଅଧିବାସୀଙ୍କ ପାଇଁ ମାର୍ଗଦର୍ଶକର କାରଣ ସାବ୍ୟସ୍ତ ହେଉ ଏବଂ ଇସ୍‌ଲାମ୍ ଓ ଅହେମଦୀୟତ ପାଇଁ ସେମାନଙ୍କର ହୃଦୟ ଖୋଲିଯାଉ ।

ଏହା ବ୍ୟତିତ ମୁଁ କେତେକ ମୃତକଙ୍କର ନମାଜ ଯନାଜାଃ ମଧ୍ୟ ପଢ଼ାଇବି ଏବଂ ସେମାନଙ୍କର ଚର୍ଚ୍ଚା ମଧ୍ୟ କରିବି ।

ତନ୍ମଧ୍ୟରୁ ପ୍ରଥମ ବ୍ୟକ୍ତି ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବ । ସେ ମୁବ୍‌ଲିଗ୍ ସିଲ୍‌ସିଲା ଥିଲେ । ମାର୍ଚ୍ଚ ମାସ ୧୫ ତାରିଖ ଦିନ ୬୭ ବର୍ଷ ବୟସରେ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଯାଇଛି ।

**ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବଙ୍କର ଦଦା (ଜେଜେ) ହଜ୍‌ରତ୍ ମିଆଁ ମୁରାଦ୍ ବଖଶ୍ ସାହେବ ଓ ତାଙ୍କର ଭାଇ ହଜ୍‌ରତ୍ ହାଜି ଅହ୍‌ମଦ୍ ସାହେବ୍ ର:ଅ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କ ମଧ୍ୟରୁ ଥିଲେ । ୫ଅଜଣ ସଦସ୍ୟ ବିଶିଷ୍ଟ ଦଳ ମୌଜା ପ୍ରେମ୍‌କୋଟ୍ ଜିଲ୍ଲା ହାଫିଜାବାଦ୍‌ରୁ ଚାଲି ଚାଲି କାଦିଆନ୍ ଆସିଥିଲେ । ଉକ୍ତ ପ୍ରତିନିଧିମଣ୍ଡଳରେ ହାଜି ଅହ୍‌ମଦ୍ ସାହେବ ସାମିଲ ଥିଲେ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହାତରେ ବୟତ କରିଥିଲେ ଏବଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ପ୍ରସାଦ ସ୍ୱରୁପ ଜଳ ମାଗିଥିଲେ । ହଜୁର ସ:ଆ:ସ ତାଙ୍କୁ ଜଳ ମଧ୍ୟ ପ୍ରଦାନ କରିଥିଲେ । ସମ୍ମାନନୀୟ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବ ରବୱାରୁ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ ଏହାପରେ ସେ ଜାମିୟା ଅହେମଦିୟାରେ ପ୍ରବେଶ ହୋଇଥିଲେ । ଜାମିୟାରେ ସେ ଆରବୀରେ ଫାଜିଲ୍ ମଧ୍ୟ କରିଥିଲେ ଅଲ୍ଲାଃ ତାଲାଙ୍କ କୃପାରୁ ସେ ୱସିୟତ କରିଥିଲେ । ୧୯୮୦ ମସିହାରେ ଜାମିୟା ଅହେମଦୀୟାରୁ ଶାହିଦ୍‌ର ଡ଼ିଗ୍ରୀ ଶେଷ କରି ଦୀର୍ଘ ୪୦ ବର୍ଷ ପର୍ଯ୍ୟନ୍ତ ଯମାତ୍‌ର ବିଭିନ୍ନ ସ୍ଥାନରେ ତଥା ପାକିସ୍ତାନ ଓ ବିଦେଶରେ ସେବା କରିବାର ସେ ସୌଭାଗ୍ୟ ଅର୍ଜନ କରିଥିଲେ । ମୃତକଙ୍କ ପରଜନ ମଧ୍ୟରେ ତାଙ୍କର ପତ୍ନୀ ମରିୟମ ସିଦ୍ଦିକା ସାହିବା ଓ ଏକ ମାତ୍ର ପୁତ୍ର ଅତିକ୍ ଅହେମଦ୍ ମୁବଶିର୍ ଯିଏ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି ।

ତାଙ୍କର ସୁପୁତ୍ର ଅତିକ୍ ଅହେମଦ୍ ସାହେବ ବର୍ଣ୍ଣନା କରନ୍ତି; ମୋ ପିତା ଜଣେ ବିଦ୍ୱାନ ଓ କର୍ମଠ ବ୍ୟକ୍ତି ଥିଲେ । ସେ ମତେ ଏହି କଥା କହୁଥିଲେ ଯେ, ଅଲ୍ଲାଃ ତାଲାଙ୍କର ତାଙ୍କ ସହିତ ସର୍ବଦା ଖଲିଫତୁଲ୍ ମସିହ୍ ଅୱଲ୍ ର:ଅଙ୍କ ପରି ବ୍ୟବହାର ରହିଥିଲା । ସେ ଏହା କହୁଥିଲେ ଯେ ମୋର ଯେତେବେଳେ ବି କୌଣସି ଆବଶ୍ୟକତା ପଡୁଥିଲା ସେତେବେଳେ ଅଲ୍ଲାଃ ତାଲା ନିଜ ଅପାର କୃପାରୁ ତାହାକୁ ସ୍ୱୟମ ପୂରଣ କରିଦେଉଥିଲେ । ହଜୁର ଅ:ବ:ଅ କହିଲେ ଯାହାକୁ ମୁଁ ଅନେକଥର ଅବଲୋକନ ମଧ୍ୟ କରିଛି । ପୁନଶ୍ଚ ସେହିପୁତ୍ର ରାନା ମୁବାରକ୍ ସାହେବ୍‌ଙ୍କ କଥନକୁ ଆଧାର କରି କୁହନ୍ତି: ରାନା ସାହେବ ଯେତେବେଳେ ଲାହୋର୍‌ର ସଦର୍ ହାଲ୍‌କା ଥିଲେ । ସେତେବେଳେ ବି ଯେବେ କୌଣସି ଯମାତ୍‌ର କାର୍ଯ୍ୟ ଆସୁଥିଲା ସ୍ୱର୍ଗତ ମୁବଲିଗ୍ ସାହେବ ତ୍ୱରିତ ଭାବରେ ତାହାକୁ ସମ୍ପାଦନ କରିଦେଉଥିଲେ । ସେ ଏହା ଭାବୁନଥିଲେ ଯେ, ମୁଁ କଣ ପିନ୍ଧିଛି କି ନୁହେଁ ଯଥା ଶିଘ୍ର କାର୍ଯ୍ୟ ସମ୍ପାଦନ

ପାଇଁ ବାହାରି ପଡୁଥିଲେ । ସେ ଆର୍ଥିକ ବଳିଦାନରେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଅଂଶ ଗ୍ରହଣ କରୁଥିଲେ । ଅର୍ଥାତ ସର୍ବାଗ୍ରେ ରହୁଥିଲେ । ହରିପୁର ହଜାରାର ଅମୀର ସାହେବ କୁହନ୍ତି ସ୍ୱର୍ଗତ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବ ମୁବ୍ଲିଗ୍ ସିଲ୍‌ସିଲ୍ ସମଗ୍ର ତର୍‌ବିଲା ଯମାତ୍ ପାଇଁ ଏକ ଆଦର୍ଶ ଚାନ୍ଦା ପଇଠକାରୀ ବ୍ୟକ୍ତି ଥିଲେ । ସେ ନିଜର ମୃତ ପୂର୍ବ ପୁରୁଷଙ୍କର ଚାନ୍ଦା ନିୟମିତ ରୂପେ ପଇଠ କରିଦେଉଥିଲେ । ତାଙ୍କର ସବୁ ବର୍ଣ୍ଣନା କରନ୍ତି ଚାନ୍ଦା ପ୍ରସଙ୍ଗରେ ସେ ଅତ୍ୟନ୍ତ ସତର୍କ ଥିଲେ । ବିଶେଷ କରି ନିଜର ଓ୍ୱସିୟତ ଚାନ୍ଦା ପଇଠ କରିବାପ୍ରତି ସେ ସର୍ବଦା ତତ୍ପର ରହୁଥିଲେ । ସ୍ୱର୍ଗତ ମୁହମ୍ମଦ୍ ୟୁନୁସ୍ ଖାଲିଦ୍ ସାହେବ ଅତ୍ୟନ୍ତ ପ୍ରାର୍ଥନାକାରୀ ବ୍ୟକ୍ତି ଏବଂ ସରଳ ବ୍ୟକ୍ତି ଥିଲେ । ସେ ଅଭାବି ଓ ଦରିଦ୍ରବ୍ୟକ୍ତିଙ୍କୁ ଖୋଜି ଖୋଜି ସେମାନଙ୍କୁ ଗୁପ୍ତ ରୂପେ ଆର୍ଥିକ ସାହାଯ୍ୟ କରୁଥିଲେ । ଗରିବ ପରିଜନଙ୍କ କନ୍ୟା ବିବାହରେ ମଧ୍ୟ ସେ ଯୌତୁକ ଜିନିଷପତ୍ର ମଧ୍ୟ ନିଜସ୍ୱ ପାଣ୍ଠିରୁ ଖରିଦ କରି ସେମାନଙ୍କୁ ପ୍ରଦାନ କରୁଥିଲେ । ତାଙ୍କର ପରିଜନମାନେ କୁହନ୍ତି ଆମେମାନେ ଜଣେ ନୈଷ୍ଠିକ ଆର୍ଥିକ ସାହାଯ୍ୟକାରୀ ପ୍ରେମୀ, ଦୟାବାନ, ଅଭିଭାବକଙ୍କୁ ହରାଇ ଦେଇଛୁ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ଆଇଭରୀକୋଷ୍ଟର ସମ୍ମାନନୀୟ ସ୍ୱର୍ଗତ ଡ଼ାକ୍ତର ନିଜାମୁଦ୍ଦୀନ୍ ବୁଦ୍ଧନ୍ ସାହେବଙ୍କର । ସ୍ୱର୍ଗତ ଡ଼ାକ୍ତର ନିଜାମୁଦ୍ଦୀନ୍ ବୁଦ୍ଧନ୍ ସାହେବ ମାର୍ଚ୍ଚ ମାସ ୧୫ ତାରିଖ ଦିନ ୭୩ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ସେ ପ୍ରାରମ୍ଭିକ ଶିକ୍ଷା ମରିସସ୍‌ରୁ ପ୍ରାପ୍ତ କରିଥିଲେ । ୧୯୬୮ ମସିହାରେ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କୁ ଛାତ୍ର ବୃତି ପ୍ରଦାନ କରିଥିଲେ । ଯଦ୍ୱାରା ସେ ପାକିସ୍ତାନର ମେଡ଼ିକାଲ୍ କଲେଜରେ ଆଡମିସନ୍ ନେଇଥିଲେ । ସେ ପ୍ରଥମେ ତାଲିମୁଲ୍ ଇସ୍‌ଲାମ୍ କଲେଜରୁ ଏଫ୍‌ଏସ୍‌ସି କଲେ ଓ ପୁନଶ୍ଚ ସେ ମେଡ଼ିକାଲ କଲେଜରେ ଆଡ଼ମିଶନ ନେଇଥିଲେ । ସେ ଡ଼ ମେଡ଼ିକାଲ କଲେଜରୁ (Dow Medical College) ଏମ୍‌ବିବିଏସ୍ କରିଥିଲେ । ୧୯୭୮ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ତାଙ୍କୁ ନାଇଜେରିଆର ଅହେମଦି କ୍ଲିନିକରେ ଇନ୍‌ଚାର୍ଜ ଭାବରେ ନିଯୁକ୍ତ କରିଥିଲେ । ତା'ପରଠାରୁ ୧୯୮୪ ମସିହା ପର୍ଯ୍ୟନ୍ତ ସେ ସେଠାରେ ସେବାକାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୮୦ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ ର:ଅ ଯେତେବେଳେ ଘାନା ଦେଶ ଗସ୍ତ କରିଥିଲେ ସେହି ଅବସରରେ ଆଇଭରିକୋଷ୍ଟର ପ୍ରତିନିଧି ମଣ୍ଡଳ ଘାନାରେ ପହଂଚି ହଜୁର ର:ଅଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ଏବଂ ଉକ୍ତ ପ୍ରତିନିଧିମଣ୍ଡଳ ହଜୁରଙ୍କୁ ଅନୁରୋଧ କଲେ ଯେ, ହଜୁର ଘାନାରେ ଯେଉଁଭଳି ଭାବରେ ଡ଼ାକ୍ତରଖାନା ରହିଛି ସେହିଭଳି ଆଇଭରିକୋଷ୍ଟରେ ମଧ୍ୟ ଗୋଟିଏ ଡ଼ାକ୍ତରଖାନାର ପ୍ରତିଷ୍ଠା କଲେ ଭଲ ହୁଅନ୍ତା । ସେ ଯାହା ହେଉ ନା କାହିଁକି ହଜୁର ସେହି ପ୍ରତିନିଧି ମଣ୍ଡଳର କଥାକୁ ରକ୍ଷା କରିଥିଲେ ଏବଂ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିଥିଲେ । ଡ଼ାକ୍ତର ସାହେବ ୧୮ ମାର୍ଚ୍ଚ ୧୯୮୩ ମସିହାରେ ଲାଗୋସ୍ (Lagos) ରୁ ଆଇଭରିକୋଷ୍ଟ ପହଂଚିଥିଲେ ଏବଂ ସ୍ୱାସ୍ଥ୍ୟବିଭାଗର ପଦାଧିକାରୀଙ୍କୁ ଭେଟିଥିଲେ କାରଣ ସେ ଫ୍ରେନ୍‌ଚ ଭାଷା ଜାଣିଥିଲେ ତେଣୁ ଫ୍ରେନ୍‌ଚ ଡ଼ାକ୍ତରଙ୍କର ଆବଶ୍ୟକତା ଥିଲା । ଅତଏବ ନାଇଜେରିଆରୁ ଆଇଭରିକୋଷ୍ଟ ତାଙ୍କର ବଦଳି ହୋଇଥିଲା । ଏପରି ତାଙ୍କୁ ସେଠାରେ ଅହେମଦୀ ଡ଼ିସ୍‌ପେନ୍‌ସରି ଖୋଲିବାକୁ ଅନୁମତି ମିଳିଯାଇଥିଲା । ୧୯୮୪ ମସିହାରୁ ଶେଷ ସମୟ ପର୍ଯ୍ୟନ୍ତ ଆଇଭରିକୋଷ୍ଟରେ ସେ ସେବା ସମ୍ପାଦନ କରିଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଜଣେ ମୁସି ଥିଲେ । ତାଙ୍କର ପତ୍ନୀଙ୍କର ମୃତ୍ୟୁ ହୋଇସାରିଛି ତାଙ୍କର ଜଣେ ସୁପୁତ୍ର ବଶିରୁଦ୍ଦିନ୍ ମେହ୍‌ମୁଦ୍ ବୁଧନ୍ ଓ ସୁପୁତ୍ରୀ ନାସ୍‌ମିୟା ଆଇଶା ମୁବାରକା ସାହିବା ରହିଛନ୍ତି । ଅଲ୍ଲାଃ ତାଲା ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ଏହି ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ଖିଲାଫତ୍ ସହିତ ଦୃଢ଼ ସଂପର୍କ ସ୍ଥାପନ କରନ୍ତୁ ।

ଆଇଭରିକୋଷ୍ଟର ମିସ୍‌ନାରୀ ଇନ୍‌ଚାର୍ଜ ଓ ଅମୀର୍ ଅବ୍‌ଦୁଲ୍ କୟୁମ ପାସା ସାହେବ କୁହନ୍ତି: ସ୍ୱର୍ଗତ ଆଇଭରିକୋଷ୍ଟରେ ପ୍ରାୟ ୩୬ ବର୍ଷ କାଳ ଅହେମଦିୟା କ୍ଲିନିକ୍‌ରେ ଜଣେ ମେଡ଼ିକାଲ ଅଫିସର ଭାବରେ ଦାୟିତ୍ୱ ତୁଲାଇଥିଲେ । ସେ ଜଣେ ଦକ୍ଷ ଡ଼ାକ୍ତର ଏବଂ ଉତମ ବ୍ୟକ୍ତି ଥିଲେ । ସେହିଭଳି ସେ ଆଇଭରିକୋଷ୍ଟର ଜଣେ ମୁରବୀ ସଦସ୍ୟ ମଧ୍ୟ ଥିଲେ । କୟୁମ ସାହେବ କୁହନ୍ତି ଏହି ଅଧମ ଡ଼ାକ୍ତର ସାହେବଙ୍କ ସହିତ ପ୍ରାୟ ୧୮ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା । ସେ ପ୍ରତ୍ୟେକ ଦୃଷ୍ଟିକୋଣରୁ ଡ଼ାକ୍ତର ସାହେବଙ୍କୁ ଉତମ ବ୍ୟକ୍ତି ରୂପେ ପାଇଥିଲେ । ଡ଼ାକ୍ତର ସାହେବ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିଲେ । ଯମାତ୍ କାର୍ଯ୍ୟରେ ମାର୍ଗଦର୍ଶନ କରୁଥିଲେ । ଅତିଥିପ୍ରୀୟ ବ୍ୟକ୍ତି, ଉତମ ଚରିତ୍ରବାନ୍ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ । ଯମାତ୍‌ର ବିଭିନ୍ନ ପଦରେ ସେ ଅଧିଷ୍ଠିତ ଥିଲେ । ସେ ଜଣେ ବଦାନ୍ୟ ବ୍ୟକ୍ତି ଥିଲେ ଏବଂ ପିଲାମାନଙ୍କ ସହିତ ସ୍ନେହ ଓ ଆଦରର ବ୍ୟବହାର ପ୍ରଦର୍ଶନ କରୁଥିଲେ । ଅନେକ ପିଲାମାନଙ୍କୁ ଉପହାର ଦେବାପାଇଁ ସେ ନିଜ କ୍ଲିନିକରେ କିଛି ନା କିଛି ଜିନିଷ ରଖୁଥିଲେ । ତାଙ୍କ ନିକଟକୁ ଯେ କୌଣସି ଶିଶୁରୋଗୀ ଆସୁଥିଲେ ସେ ତାହାକୁ ଉପହାର ସ୍ୱରୁପ ଖେଳନା ବା ଚକୋଲେଟ ପ୍ରଦାନ କରୁଥିଲେ । ମିଶନ୍‌ରେ ରହୁଥିବା ଛାତ୍ର ଓ ଗରୀବ ଅହେମଦୀ ଲୋକମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ ।

ମିଶନରୁ ଜଣେ ମୁବଲିଗ୍ ସାହେବ ଉଲ୍ଲେଖ କରିଛନ୍ତି ଯେତେବେଳେ ତାଙ୍କ ନିକଟରେ କୌଣସି ରୋଗୀ ନଥାନ୍ତି ସେତେବେଳେ ସେ କୌଣସି ଖାଦିମ୍ ବା ନାସିର୍‌ଙ୍କ ଶିକ୍ଷା ଓ ସଂସ୍କାରମୂଳକ କାର୍ଯ୍ୟରେ ବ୍ୟସ୍ତ ଥିବାର ମୁଁ ତାଙ୍କୁ ଦେଖୁଥିଲି । ସେ କେବେ ଖାଲି ବସୁନଥିଲେ । ଯମାତ୍‌ର କୌଣସି ନା କୌଣସି କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ଏ ସଂକ୍ରାନ୍ତରେ ସେ କେତେବେଳେ ମଲ୍‌ଫୁଜାତର ଅନୁବାଦ କରୁଥିଲେ ତ ଆଉ କେତେବେଳେ ଖୁତ୍‌ବା ଜୁମାର ଫ୍ରେନ୍‌ଚ ଭାଷାରେ ଅନୁବାଦ କରୁଥିଲେ । ଯମାତ୍‌ର ଲୋକଙ୍କୁ ଏହାର ଜେରକ୍ସ କରି ପଠାଉଥିଲେ । ଅର୍ଥାତ ଅନୁବାଦ କରି ଲୋକମାନଙ୍କୁ ଜେରକ୍ସ କରି ପ୍ରଦାନ କରୁଥିଲେ ପାଠ କରିବାପାଇଁ । ସେ ମାନବତାର ସେବା ପାଇଁ ସର୍ବଦା ତତ୍ପର ରହୁଥିଲେ । ସେ ରୋଗୀମାନଙ୍କୁ ବ୍ୟକ୍ତିଗତ ରୂପେ ଔଷଧ କିଣିଦେଉଥିଲେ ଏବଂ ଅଭାବି ଓ ଦରିଦ୍ର ବ୍ୟକ୍ତିଙ୍କୁ ଘରୋଇ ଆବଶ୍ୟକତା, ଯେପରି ଡ଼ାଲି, ଚାଉଳ, ତେଲ, ମସଲା ଆଦି ଉପଲବ୍ଧ କରାଉଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସଲ୍‌ମା ବେଗମ୍ ସାହେବାଙ୍କର । ସେ ଡ଼ାକ୍ତର ରାଜା ନଜିର୍ ଅହେମଦ୍ ସାହେବ ଜଫର୍‌ଙ୍କର ପତ୍ନୀ ଥିଲେ । ଜାନୁୟାରୀ ମାସ ୨୪ ତାରିଖ ଦିନ ୮୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ତାଙ୍କର ପିତାଶ୍ରୀ ରାଜା ଫଜଲ୍ ଦାଦ୍ ଖାନ୍ ସାହେବ ଅଲ୍ଲାଃ ତାଲାଙ୍କ କୃପାରୁ ନିଜ ବଂଶରେ ପ୍ରଥମ ଅହେମଦୀ ଥିଲେ । ଲେଖାଳିମାନେ ଅର୍ଥାତ ତାଙ୍କ ସନ୍ତାନମାନେ ତାଙ୍କ ସମ୍ପର୍କରେ ଅନେକ କଥା ଲେଖିଛନ୍ତି ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ ପଢ଼ିବା ଯୋଗୁଁ ନିଜର ପରିବାରରେ ସେ ସୁପ୍ରଶିଦ୍ଧ ଥିଲେ । ସେ ହର୍ଷଚିତ, ଉତମ ଚରିତ୍ରବତୀ, ସେବିକା, ଧର୍ମପରାୟଣ, ବିଶ୍ୱସ୍ଥା ଓ ଜଣେ ଉଚ୍ଚ ଚରିତ୍ର ସମ୍ପନ୍ନ ମହିଳା ଥିଲେ । ଜଣେ ସାହାସୀ, ଶିଷ୍ଟାଚାରୀ ଓ ଦୁଆକାରିଣୀ, ଧୈର୍ଯ୍ୟଶାଳୀ, କୃତଜ୍ଞିନୀ ମହିଳା ଥିଲେ ଓ ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଅଗାଢ଼ ବିଶ୍ୱାସ ରହିଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ଓ୍ୱସିୟତ କରିଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ଦୁଇଟି ପୁତ୍ର ଓ ତିନିଜଣ ସୁପୁତ୍ରୀ ରହିଛନ୍ତି । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ଚତୁର୍ଥ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା କିଶ୍ୱର୍ ତନ୍‌ୱୀର୍ ଅର୍‌ଶଦ୍ ସାହେବାଙ୍କର । ସେ ଅବ୍‌ଦୁଲ୍ଲ ବାକି ଅର୍‌ଶଦ୍ ସାହେବଙ୍କର ପତ୍ନୀ ଥିଲେ, ସ୍ୱର୍ଗତାଙ୍କ ସ୍ୱାମୀ ଅବ୍‌ଦୁଲ୍ ବାକି ଅର୍‌ଶଦ୍ ସାହେବ୍ ୟୁକେ ର ଅଶ୍‌ଶିର୍‌କତୁଲ୍ ଇସ୍‌ଲାମୀୟାର ଚେୟାରମ୍ୟାନ ଥିଲେ । ସ୍ୱର୍ଗତା କିଶୋର ତନ୍‌ୱୀର୍ ଅର୍‌ଶଦ୍ ସାହେବାଙ୍କର ବିୟୋଗ ଫେବୃୟାରୀ ମାସ ୨୭ ତାରିଖ ଦିନ ୮୭ ବର୍ଷ ବୟସରେ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ।**

ସ୍ୱର୍ଗତା ଧୈର୍ଯ୍ୟଶୀଳ ଓ ସତସାହାସୀ ନାରୀ ଥିଲେ । ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗର ମୁକାବିଲା କରିଥିଲେ । ଅଲ୍ଲାଃ ତାଲାଙ୍କ ଲିଖିତ ବିଧାନ ଉପରେ ପ୍ରସନ୍ନ ହୋଇ ନିଜ ପରମେଶ୍ୱରଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଇଥିଲେ । ମୃତକାଙ୍କର ଦୁଇଟି ପୁତ୍ର ଓ ଦୁଇଟି ପୁତ୍ରୀ ରହିଛନ୍ତି । ସେହିପରି ମୃତକାଙ୍କ ପୌତ୍ର ଓ ପୌତ୍ରି ବା ନାତିନାତୁଣୀ ମଧ୍ୟ ରହିଛନ୍ତି । ତାଙ୍କର ଜଣେ ଜ୍ୱାଇଁ ନଶିରୁଦ୍ଦିନ୍ ସାହେବ ବର୍ତମାନ ୟୁକେ ର ନାଏବ ଅମୀର ସାହେବ ଭାବରେ ସେବା ସମ୍ପାଦନ କରୁଛନ୍ତି । ତାଙ୍କର ସୁପୁତ୍ର ନବୀଲ୍ ଅର୍ସଦ୍‌ଙ୍କୁ ମଧ୍ୟ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେଙ୍କ ସମୟରେ ଯମାତ୍ ସେବା କରିବାକୁ ସୌଭାଗ୍ୟ ଲାଭ ହୋଇଥିଲା । ମୁଁ ଯେତେବେଳେ ବି ତାଙ୍କୁ କୌଣସି ସେବାପାଇଁ ଆମନ୍ତ୍ରିତ କରିଛି ସେତେବେଳେ ସେ ଅବିଳମ୍ବେ ଉପସ୍ଥିତ ହୋଇଯାଇଛନ୍ତି । ସ୍ୱର୍ଗତା ନିଜ ସନ୍ତାନମାନଙ୍କର ଉତମ ସଂସ୍କାର କରିଛନ୍ତି । ସେ ଅସଂଖ୍ୟ ଗୁଣର ଅଧିକାରିଣୀ ଥିଲେ । ଜଣେ ସତ୍‌ଚରିତ୍ରା ମହିଳା ଥିଲେ । ଅତ୍ୟନ୍ତ ପ୍ରାଣଉତ୍ସର୍ଗୀ ମହିଳା ତଥା ପବିତ୍ର ମହିଳା ଥିଲେ । ନିୟମିତ ନମାଜ ପାଠ କରୁଥିଲେ, ରୋଜା ରଖୁଥିଲେ, ଚାନ୍ଦା ପଇଠ କରିବାରେ ସେ ଶିଘ୍ରତା ପ୍ରଦର୍ଶନ କରୁଥିଲେ । ସେ ସର୍ବଦା ମନଖୋଲା ଦାନ ଦକ୍ଷିଣା କରୁଥିଲେ । ଅର୍ସଦ୍ ବାକି ସାହେବ ଲେଖିଛନ୍ତି, ସେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଲଣ୍ଡନରେ ଅବସ୍ଥାନ କରିଥିଲେ । ଏହି ଅବଧି ମଧ୍ୟରେ ସେ ୧୯୮୪ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଲଣ୍ଡନ ହିଜ୍‌ରତ୍ ପରେ ମୋ ସହିତ ଯମାତ୍‌ର କାର୍ଯ୍ୟର ବହୁତ ସାହାଯ୍ୟ ସହଯୋଗ କରିଥିଲେ । ସର୍ବଦା ଯମାତ୍‌ର ସେବାକୁ ପ୍ରାଧାନ୍ୟ ଦେଉଥିଲେ । ପ୍ରତ୍ୟେକ ଦୃଷ୍ଟିକୋଣରୁ ନିଜ ଘରକୁ ଶାନ୍ତି ଓ ସ୍ୱର୍ଗରେ ପରିଣତ କରିବାପାଇଁ ପ୍ରଚେଷ୍ଟା କରୁଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅ କହୁଥିଲେ ଯେ, ଶାନ୍ତି ଦୃଷ୍ଟିରୁ ଏହି ଘର ମୋର ସବୁଠୁ ପ୍ରୀୟ ଘର ଥିଲା । ତାଙ୍କର ସୁପୁତ୍ରୀ କୁହନ୍ତି: ମୋ ମାତା ପ୍ରତ୍ୟେକ ଦୃଷ୍ଟିକୋଣରୁ ଅଲ୍ଲାଃ ତାଲାଙ୍କ କୃତଜ୍ଞତା ଜ୍ଞାପନକାରୀ ମହିଳା ଥିଲେ । ଦୁଃଖ ଓ ସୁଖ ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କ ବିଧାନକୁ ପ୍ରସନ୍ନତା ସହିତ ଗ୍ରହଣ କରୁଥିଲେ । ନିଜ ତୁଣ୍ଡରୁ କେବେ କୌଣସି ଅଭିମାନ କରିନାହାନ୍ତି । ସେ ସାଉଦିଆରବରେ ମଧ୍ୟ କିଛି କାଳ ଅବସ୍ଥାନ କରିଥିଲେ । ସେଠାରେ ମଧ୍ୟ ସେ ଅହେମଦୀ ଲୋକମାନଙ୍କୁ ଯେଉଁମାନେ ହଜ୍ କିମ୍ବା ଉମ୍‌ରା ପାଇଁ ଯାଉଥିଲେ ସେମାନଙ୍କ ସେବା କରିବାର ସୌଭାଗ୍ୟ ଲାଭ କରିଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ପଂଚମ ଯନାଜାଃ ହେଉଛି ସୁଡ଼ାନ୍‌ର ଅବ୍‌ଦୁର୍ ରହମାନ ହୁସୈନ୍ ମୁହମ୍ମଦ ଖୈର୍ ସାହେବଙ୍କର । ଅବ୍‌ଦୁର୍ ରହମାନ ହୁସୈନ୍ ମୁହମ୍ମଦ ଖୈର୍ ସାହେବଙ୍କର ମୃତ୍ୟୁ ଡ଼ିସେମ୍ବର ମାସ ୨୪ ତାରିଖ ଦିନ ୫୬ ବର୍ଷ ବୟସରେ ହୋଇଥିଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।**

ଯମାତ୍ ଅହେମଦୀୟା ସହିତ ପରିଚିତ ହେବା ପୂର୍ବରୁ ସେ କୌଣସି ଇସ୍‌ଲାମୀୟ ସଂଘଠନ ସହିତ ଜଡ଼ିତ ନଥିଲେ ବରଂ ସେ କେତେକ ଆସ୍ଥା ଯଥା ନାସିଖ୍ ମନ୍‌ସୁଖ୍ ସମ୍ପର୍କରେ ସନ୍ଦେହ ଘେରରେ ରହିଥିଲେ । ତାଙ୍କର ବଡ଼ ଭାଇ ଉସ୍‌ମାନ ସାହେବ ସାଉଦି ଆରବରେ କାମ କରୁଥିଲେ । ସେଠାରେ ଯମାତ୍ ସହିତ ତାଙ୍କର ପରିଚୟ ହୋଇଥିଲା । ଅତଏବ ସେ ସ୍ୱର୍ଗତ ଅବ୍‌ଦୁର୍ ରହମାନ ସାହେବଙ୍କ ଆଗରେ ଏହାର ଚର୍ଚ୍ଚା କରିଥିଲେ । ଏହି କଥାଟି ୨୦୦୭ ମସିହା ବେଳର କଥା ସେ ନିଜର ଭାଇଙ୍କଠାରୁ ଅହେମଦୀୟତ ବିଷୟରେ ଶୁଣି ଏମ୍‌ଟିଏ ଦେଖିବାପାଇଁ ଅଧିର ହୋଇପଡ଼ିଥିଲେ । ସେତେବେଳେ ତାଙ୍କ ଅଂଚଳରେ ଏମ୍‌ଟିଏର ପ୍ରସାରଣ ଏତେ କଷ୍ଟକର ଥିଲା ଯେ ସେଥିପାଇଁ ସେ ଅନେକ ଡ଼ିସ୍କ ଆଂଟିନା ପରିବର୍ତନ କରିଥିଲେ ଓ ଅନେକ ଖର୍ଚ୍ଚାନ୍ତ ମଧ୍ୟ ହୋଇଥିଲେ । ପରିଶେଷରେ ଏମ୍‌ଟିଏ ତାଙ୍କୁ ମିଳିଯାଇଥିଲା ଏହାପରେ ତାଙ୍କର ଦିନଚର୍ଯ୍ୟା ଏହା ଥିଲା ଯେ, କାର୍ଯ୍ୟରୁ ଫେରିବା ପରେ ଅନେକ ସମୟ ଧରି ସେ ଏମ୍‌ଟିଏ ର ପ୍ରସାରଣ ଦେଖୁଥିଲେ ପରିଶେଷରେ ତାଙ୍କ ହୃଦୟକୁ ସାନ୍ତ୍ୱନା ମିଳିଲା । ୨୦୧୦ ମସିହାରେ ତାଙ୍କୁ ବୟତ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ବୟତ ପରେ ସେ ନିଜର ସମସ୍ତ ବନ୍ଧୁ, ପରିଜନ ଓ ସାଥିଙ୍କୁ ତବ୍‌ଲିଗ୍ କରିଥିଲେ । ସ୍ୱର୍ଗତଙ୍କ ବିଶେଷ ଗୁଣମାନଙ୍କ ମଧ୍ୟରେ ବିନମ୍ରତା, ଅଧମତା, ଅତିଥିପରାୟଣତା, ଅଭାବ ବ୍ୟକ୍ତିଙ୍କୁ ସାହାଯ୍ୟ ଓ ସଦ୍‌ବ୍ୟବହାର କରିବା ଆଦି ଅନ୍ୟତମ ଅଟେ । ୨୦୧୩ ମସିହାରେ ସୁଡ଼ାନ୍‌ର ଯମାତ୍ ସ୍ଥାପନ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ଏ ଦିଗରେ ସେ ଆର୍ଥିକ ବଳିଦାନ ମଧ୍ୟ ଦେଇଥିଲେ । ସେ ଅନେକ ଦରିଦ୍ର ବ୍ୟକ୍ତିଙ୍କୁ ସାହାଯ୍ୟ କରିଥିଲେ । ସୁଡ଼ାନ୍‌ର ଏକ ଅଂଚଳରେ ବସବାସ କରୁଥିବା ଅନେକ ଦରିଦ୍ର ସମ୍ପ୍ରଦାୟର ଅହେମଦୀମାନଙ୍କୁ ଯେତେବେଳେ ଅଂଚଳବାସୀଙ୍କ ପକ୍ଷରୁ ନାନାପ୍ରକାର ଉତ୍ପିଡ଼ନା ଓ ନିର୍ଯ୍ୟାତନା ଦିଆଯାଇଥିଲା । ସେତେବେଳେ ସ୍ୱର୍ଗତ ରହ୍‌ମାନ ସାହେବ ମୁକ୍ତ ହୃଦୟର ସହିତ ତାଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ଏବଂ ସେମାନଙ୍କ ଆବଶ୍ୟକତାର ଧ୍ୟାନ ରଖିଥିଲେ ଅର୍ଥାତ ପୂରଣ କରିଥିଲେ । ଅନ୍ୟ ଲୋକମାନଙ୍କ ବିଷୟରେ ମଧ୍ୟ ଚିନ୍ତା କରୁଥିଲେ । ପ୍ରତ୍ୟେକ ଜୁମା ଦିନ ନିଜ ଗାଡ଼ିରେ ବିଭିନ୍ନ ସ୍ଥାନରୁ ଅହେମଦୀମାନଙ୍କୁ ନମାଜ ସେଂଟରକୁ ଆଣୁଥିଲେ ପୁଣି ନମାଜ ଜୁମା ପରେ ଅର୍ଥାତ ନମାଜ ଶେଷ ହେବାପରେ ସେମାନଙ୍କୁ ସେମାନଙ୍କ ଘରେ ନେଇ ଛାଡ଼ି ଆସୁଥିଲେ । ଅଣଅହେମଦୀମାନେ ମଧ୍ୟ ତାଙ୍କର ଚରିତ୍ର ସମ୍ପର୍କରେ ଭୂରି ଭୂରି ପ୍ରଶଂସା କରିଛନ୍ତି । ଚାନ୍ଦା ଦେବାରେ ସେ ମୁକ୍ତ ହସ୍ତ ଓ ମୁକ୍ତ ହୃଦୟର ସହିତ ନିୟମିତ ଭାବରେ ଚାନ୍ଦା ପଇଠ କରୁଥିଲେ । ସୁଡ଼ାନ୍‌ର ପ୍ରଥମ ମଜ୍‌ଲିସ୍ ଆମେଲାରେ ମଧ୍ୟ ସେ ସାମିଲ ହେବାର ସୌଭାଗ୍ୟ ଲାଭ କରିଥିଲେ । ଏହି ଦାୟିତ୍ୱକୁ ସେ ଶେଷ ସମୟ ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ପତ୍ନୀଙ୍କ ବ୍ୟତିତ ଦୁଇଟି ପୁତ୍ର ଓ ଦୁଇଟି ପୁତ୍ରି ରହିଛନ୍ତି । ଅଲ୍ଲାଃ ତାଲା ତାଙ୍କ ସନ୍ତାନସନ୍ତତିମାନଙ୍କୁ ଖିଲାଫତ୍ ସହିତ ଦୃଢ଼ ସମ୍ପର୍କ ରଖିବାକୁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ଯେପରିକି ମୁଁ କହିଲି ନମାଜ ଜୁମା ପରେ ଏହି ମୃତକଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

''ମୁଁ ତ ଏହା ଜାଣିଛି ଯେ କୌଣସି ବ୍ୟକ୍ତି ସେ ପର୍ଯ୍ୟନ୍ତ ମୋମିନ୍ ଏବଂ ମୁସଲ୍‌ମାନ୍ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଅବୁବକର, ଉମର୍, ଉସ୍‌ମାନ୍ ଏବଂ ଅଲୀ ର:ଅ ଅଜ୍‌ମଇନ୍‌ଙ୍କ ରଙ୍ଗରେ ରଙ୍ଗିନ୍ ନ ହୋଇଛନ୍ତି'' (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

୨୩ ମାର୍ଚ୍ଚ, ମସିହ୍ ମଉଦ୍ ଦିବସ ଅବସରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଲେଖନୀରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଆବଶ୍ୟକତା, ଉଦ୍ଦେଶ୍ୟ ଏବଂ ମହାଭାଗ ସ:ଆ:ସଙ୍କ ସତ୍ୟତାର ବର୍ଣ୍ଣନା ।

ନବୀ ସ:ଆ:ସଙ୍କ ଯୁଗରେ ଆମମାନଙ୍କ ମଧ୍ୟରୁ ଲୋକମାନେ ଜଣଙ୍କୁ ଅନ୍ୟ ଜଣଙ୍କ ଅପେକ୍ଷା ଉତମ ଅଭିହିତ କରୁଥିଲେ ଏବଂ ଏହା ଭାବୁଥିଲେ ଯେ ହଜ୍‌ରତ୍ ଅବୁବକର୍ ସମସ୍ତଙ୍କଠାରୁ ଉତମ ଅଟନ୍ତି ତା'ପରେ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ପୁଣି ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କୁ ।

ଅଲ୍ଲାଃଙ୍କ ରାଣ ! ଅଲ୍ଲାଃ ଶେଖୈନ୍ (ଅର୍ଥାତ ହଜ୍‌ରତ୍ ଅବୁବକର ର:ଅ ଏବଂ ହଜ୍‌ରତ୍ ଉମର୍ ର:ଅ)ଙ୍କୁ ଓ ତୃତୀୟରେ ଜୁନ୍ ନୁରୈନ୍ (ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅ) ପ୍ରତ୍ୟେକଙ୍କୁ ଇସ୍‌ଲାମ୍‌ର ଦ୍ୱାର ଏବଂ ଖୈରୁଲ୍ ଅନାମ୍ ସ:ଆ:ସଙ୍କ ସେନାର ପ୍ରଥମ ସୈନ୍ୟଦଳ ବନାଇଛନ୍ତି (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

ପନ୍ଦର ଜଣ ମରହୁମୀନ୍ ମୋକରମ୍ ମୁହମ୍ମଦ୍ ସାଦିକ୍ ସାହେବ୍ ଦୁର୍ଗାରାମ ପୁରୀ ଅଫ୍ ବଙ୍ଗଲାଦେଶ୍, ମୋକରମା ମୁଖ୍‌ତାରାଁ ବିବି ସାହିବା ପତ୍ନୀ ରଶିଦ୍ ଅହମଦ୍ ଅଠ୍‌ୱାଲ୍ ସାହେବ୍ ଦାରୁଲ୍ ଯମନ୍ ରବ୍‌ୱା, ମୋକରମ୍ ମଞ୍ଜୁର୍ ଅହ୍‌ମଦ୍ ଶାଦ୍ ସାହେବ୍ ଲଣ୍ଡନ, ମୋକରମା ହମିଦା ଅଖ୍‌ତର୍ ସାହିବା ପତ୍ନୀ ଅବିଦୁର୍ ରହ୍‌ମାନ୍ ସଲିମ୍ ସାହେବ୍ ଆମେରିକା, ମୋକରମ୍ ନାସିର୍ ପିଟର୍ ଲୁତ୍‌ସିନ୍ ସାହିବ୍ ଜର୍ମାନୀ, ମୋକରମା ରଜିଆ ତନ୍‌ୱିର୍ ସାହିବା ପତ୍ନୀ ଖଲିଲ୍ ଅହ୍‌ମଦ୍ ତନ୍‌ୱିର୍ ସାହେବ୍ ଭାଇସ୍ ପ୍ରିନ୍ସପାଲ୍ ଜାମିଆ ଅହେମଦୀୟା ରବୁ୍‌ୱା, ମୋକରମ୍ ମିଆଁ ମଞ୍ଜୁର୍ ଅହ୍‌ମଦ୍ ଗାଲିବ୍ ସାହେବ୍ ଆଫ୍ ସର୍‌ଗୋଧା, ମୋକରମା ବୁଶ୍‌ରା ହମିଦ୍ ଅନ୍‌ୱୁ ଅଦ୍‌ନି ସାହିବା ପତ୍ନୀ ହମିଦ୍ ଅନଓ୍ୱର ସାହେବ୍ ଅଫ୍ ଯମନ୍, ମୋକରମା ନୁରୁସ୍ ସବାହ୍ ଜଫର୍ ସାହିବା ପତ୍ନୀ ମୁହମ୍ମଦ୍ ଅଫ୍‌ଜଲ୍ ଜଫର୍ ସାହେବ୍ ମୁରବୀ ସିଲ୍‌ସିଲା କେନିୟା, ମୋକରମ୍ ସୁଲ୍‌ତାନ୍ ଅଲୀ ରିହାନ୍ ସାହେବ୍, ମୋକରମ୍ ମୌଲବୀ ଗୁଲାମ୍ କାଦିର୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ଜମ୍ମୁ କାଶ୍ମୀର, ମୋକରମା ମେହ୍‌ମୁଦା ବେଗମ୍ ସାହିବା ପତ୍ନୀ ମୁହମ୍ମଦ୍ ସାଦି ସାହେବ୍ ଆରିଫ୍ ଦର୍‌ୱେଶ୍ କାଦିଆନ୍, ମୋକରମ୍ ଖାଲିଦ୍ ସାଆଦୁଲ୍ଲାଃ ଅଲ୍‌ମିସ୍‌ରୀ ସାହେବ୍ ଅଫ୍ ଉର୍ଦ୍ଧୁନ୍, ମୋକରମ ମୁହମ୍ମଦ୍ ମୁନୀର୍ ସାହେବ୍ ଦାରୁଲ୍ ଫଜଲ୍ ରବ୍‌ୱା ଏବଂ ମୋକରମ୍ ମାଷ୍ଟର ନଜିର୍ ଅହ୍‌ମଦ୍ ସାହେବ୍ ଦାରୁଲ୍ ବରକାତ୍ ରବ୍‌ୱାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

''ଅଲ୍‌ଇସ୍‌ଲାମ୍'' ଟିମ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପବିତ୍ର କୁର୍‌ଆନ୍‌ର ନୂଆ ସର୍ଚ୍ଚ ଇଞ୍ଜିନ୍‌ର ପ୍ରଥମ ଭର୍ସନ୍‌ର ଶୁଭାରମ୍ଭର ଘୋଷଣା

ଅଲ୍‌ଜଜାଇର୍ ଏବଂ ପାକିସ୍ତାନରେ ଅହେମଦୀମାନଙ୍କ ସହିତ ଯେଉଁ ମୁଖାଲିଫତ୍ (ବିରୋଧ) ହେଉଛି, ସେଥିଯୋଗୁଁ ବିଶେଷ ଦୁଆ କରିବା ପାଇଁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୦୯ ଏପ୍ରିଲ୍ ୨୦୨୧ ଅନୁଯାୟୀ ୦୯ ଶାହାଦତ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ -

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମ୍ପର୍କରେ ଚର୍ଚ୍ଚା ଅଭ୍ୟାହତ ରହିଛି । ହଜ୍‌ରତ୍ ଉସ୍‌ମାନ୍ ର:ଅ କେଉଁ ସ୍ତରର ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ଥିଲେ ସେ ସଂକ୍ରାନ୍ତରେ ହଜ୍‌ରତ୍ ଇବ୍‌ନେ ଉମର ର:ଅ ବର୍ଣ୍ଣନା କରନ୍ତି ଯେ, ନବୀ କରିମ୍ ସ:ଆ:ସଙ୍କ କାଳରେ ଆମମାନଙ୍କ ମଧ୍ୟରୁ ଲୋକମାନେ ପରସ୍ପରକୁ ଉତ୍କୃଷ୍ଟବୋଲି ବିଚାର କରୁଥିଲେ । ଅତଏବ ଲୋକେ କହୁଥିଲେ ହଜରତ ଅବୁବକର ର:ଅ ହେଉଛନ୍ତି ସର୍ବୋତ୍କୃଷ୍ଟ ବ୍ୟକ୍ତି, ତାଙ୍କ ପରେ ହଜ୍‌ରତ୍ ଉମର ର:ଅ ସର୍ବୋତ୍କୃଷ୍ଟ ବ୍ୟକ୍ତି ଏବଂ ତାଙ୍କ ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ସର୍ବୋତ୍କୃଷ୍ଟ ବ୍ୟକ୍ତି ଅଟନ୍ତି । ***(ସହୀ ବୁଖାରୀ...... ହଦିସ୍ ନଂ-୩୬୫୫)***

ଆଉ ଏକ ରିୱାୟତ୍‌ରେ ନାଫେ ହଜ୍‌ରତ୍ ଇବ୍‌ନେ ଉମର ର:ଅଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ ସେ କହିଲେ ଯେ ଆମେ ନବୀ ସ:ଆ:ସଙ୍କ ଯୁଗରେ ଥିଲୁ । ଆମେ କାହାକୁ ମଧ୍ୟ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ସମାନ ମଣୁନଥିଲୁ । ପୁଣି ହଜ୍‌ରତ୍ ଉମର୍ ର:ଅଙ୍କ ସହିତ ସମାନ ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବରାବର ଆଉ କାହାକୁ ମଣୁନଥିଲୁ । ପୁଣି ନବୀ କରିମ୍ ସ:ଆ:ସଙ୍କ ସାହାବାମାନଙ୍କୁ ଛାଡ଼ି ଦେଉଥିଲୁ । ସେମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ଜଣେ ଅନ୍ୟ ଜଣଙ୍କଠାରୁ ଶ୍ରେଷ୍ଠ ବୋଲି ମଣୁନଥିଲୁ ।

***(ସହି ବୁଖାରୀ...... ହଦିସ- ୩୬୯୭)***

ସେହିପରି ମୁହମ୍ମଦ ବିନ୍ ହନ୍‌ଫିୟା ନିଜର ପିତା ହଜ୍‌ରତ୍ ଅଲୀ ର:ଅଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜ ପିତାଙ୍କୁ ପ୍ରଶ୍ନ କଲି ଯେ ମୁସଲମାନମାନଙ୍କ ମଧ୍ୟରୁ ସର୍ବୋତମ ବ୍ୟକ୍ତି କିଏ ? ହଜ୍‌ରତ୍ ଅଲୀ ର:ଅ ଏହି ସମାନ ଉତର ଦେଇଥିଲେ । ଅର୍ଥାତ ହଜ୍‌ରତ୍ ଅବୁବକର ମୁଁ ପୁଣି ପଚାରିଲି ତାଙ୍କ ପରେ କିଏ ? ହଜ୍‌ରତ୍ ଅଲୀ ର:ଅ କହିଲେ ହଜ୍‌ରତ୍ ଉମର ର:ଅ ଓ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ସର୍ବୋତମ ବ୍ୟକ୍ତି ସମ୍ପନ୍ନ ଅଟନ୍ତି । ଯେତେବେଳେ ହଜ୍‌ରତ୍ ଅଲୀ ର:ଅଙ୍କୁ ପ୍ରଶ୍ନ କରାଗଲା ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରେ ଆପଣ ସର୍ବୋତମ ବ୍ୟକ୍ତି କାହାକୁ ମଣୁଛନ୍ତି । ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ମୁଁ ମୁସଲମାନମାନଙ୍କ ମଧ୍ୟରୁ ଜଣେ ସାଧାରଣ ବ୍ୟକ୍ତି ଅଟେ । ***(ସୁନନେ ଅବି ଦାଉଦ୍.... ହଦିସ୍ ନଂ-୪୬୨୯)***

ହଜୁର ସ:ଆ:ସଙ୍କ ଦୃଷ୍ଟିରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର କଣ ମର୍ଯ୍ୟାଦା ରହିଥିଲା ଏହାର ଅନୁମାନ ଉକ୍ତ ଘଟଣାରୁ ଲଗାଯାଇପାରିବ ଯେ, ଏକଦା ହଜୁର ସ:ଆ:ସଙ୍କ ସେବାରେ ଜଣେ ବ୍ୟକ୍ତିଙ୍କର ଯନାଜାଃ ଅଣାଗଲା କିନ୍ତୁ ହଜୁର ସ:ଆ:ସ ସେହି ବ୍ୟକ୍ତିର ଯନାଜାଃରେ ଉପସ୍ଥିତ ହେଲେନାହିଁ ନା ତା'ର ଯନାଜାଃ ପାଠ କଲେ । କେହି ଜଣେ କହିଲା ଯେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆମେମାନେ ଆଜି ପୂର୍ବରୁ କେବେହେଲେ ଦେଖିନାହୁଁ ଯେ ଆପଣ ନମାଜ ଯନାଜାଃ ପଢ଼ିବାରୁ ନିବୃତ ରହିଥିବେ । ଏଥିରେ ହଜୁର ସ:ଆ:ସ ଉତର ଦେଲେ, ଏହି ବ୍ୟକ୍ତି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହିତ ବୈରାଗ୍ୟ ଭାବ ପୋଷଣ କରୁଥିଲା ତେଣୁ ଅଲ୍ଲାଃ ତାଲା ମଧ୍ୟ ତା ସହିତ ବୈରାଗ୍ୟଭାବ ରଖିଛନ୍ତି । ତେଣୁ ମୁଁ ଏହି ବ୍ୟକ୍ତିର ନମାଜ ଯନାଜାଃ ପଢ଼ିଲିନାହିଁ । ***(ସୁନନେ ତିର୍‌ମିଜି..... ହଦିସ୍ ନଂ-୩୭୦୯)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନ୍ୟାୟ ପରାୟଣତା ଏଭଳି ଥିଲା ଯେ ଏକଦା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଭାଇ ୱଲିଦ୍ ସମ୍ପର୍କରେ ଯେତେବେଳେ ଅଭିଯୋଗ ମିଳିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କୁ ମଧ୍ୟ ଦଣ୍ଡ ବିଧାନ କରିଥିଲେ । ଉବୈଦୁଲ୍ଲାଃ ବିନ୍ ଅଦି ବର୍ଣ୍ଣନା କରନ୍ତି: ହଜ୍‌ରତ୍ ମିସ୍‌ୱର ବିନ୍ ମକ୍‌ରମା ଓ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅସ୍ୱଦ୍ ବିନ୍ ଅବ୍‌ଦେ ଯଗୁସ୍ ଉଭୟେ ମତେ କହିଲେ, ତୁମକୁ କେଉଁ କାରଣ ବାଧକ ସାଜୁଛି କି ତୁମେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସହ ତାଙ୍କ ଭ୍ରାତା ପ୍ରସଙ୍ଗରେ କଥାବାର୍ତା କରୁନାହଁ । ଦେଖ ଲୋକେ ତାଙ୍କ ସମ୍ପର୍କରେ କିଭଳି ଟାହିଟାପରା କରୁଛନ୍ତି । ଏଥିରେ ମୁଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ଉପସ୍ଥିତ ହେଲି ସେତେବେଳେ ସେ ନମାଜ ପାଠ କରୁଥିଲେ ବା ନମାଜ ପାଠ କରିବାପାଇଁ ବାହାରକୁ ଆସିଲେ ମୁଁ ତାଙ୍କୁ କହିଲି ଆପଣଙ୍କୁ ମୁଁ ଗୋଟିଏ ପ୍ରସଙ୍ଗରେ କହିବାକୁ ଚାହୁଁଛି ଏବଂ ସେଥିରେ ଆପଣଙ୍କର ହିଁ ମଙ୍ଗଳ ରହିଛି ବା ମଙ୍ଗଳ ହେବ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଉତର ଦେଲେ ହେ ଭଲ ମନୁଷ୍ୟ ! କଣ ତୁମେ ଲୋକଙ୍କର ସନ୍ଦେଶ ନେଇ ଆସିଛ । ମୁଁ ତୁମଠାରୁ ପ୍ରଭୁଙ୍କ ଶରଣ ଭିକ୍ଷା କରୁଅଛି । ଏହା ଶୁଣି ସେ ସେଠାରୁ ସେହି ଲୋକଙ୍କ ନିକଟକୁ ଚାଲିଆସିଲେ ଯିଏ ତାଙ୍କୁ ଏପରି ପରାମର୍ଶ ଦେଇଥିଲେ । ଇତି ମଧ୍ୟରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ବାର୍ତାବହ ସେମାନଙ୍କ ନିକଟକୁ ଆସିଲା ଏବଂ ସେ କହିଲା, ତୁମେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର କି ମଙ୍ଗଳ କାମନା କରୁଥିଲ ? ଏଥିରେ ମୁଁ କହିଲି ପବିତ୍ରମୟ ଅଲ୍ଲାଃ ଯିଏ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସତ୍ୟତାର ସହିତ ଅବତୀର୍ଣ୍ଣ କରିଛନ୍ତି ଯାହାଙ୍କ ଉପରେ ସେ ଧର୍ମ ବିଧାନ ଅବତୀର୍ଣ୍ଣ କରିଛନ୍ତି । ଆପଣ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେ, ହଜୁର ସ:ଆ:ସଙ୍କ ନିମନ୍ତ୍ରଣ ରକ୍ଷା କରି ତାଙ୍କୁ ସ୍ୱୀକାର କଲେ ଏବଂ ଆପଣ ଦୁଇଟି ପ୍ରବାସ ମଧ୍ୟ କରିଥିଲେ । ହଜୁର ସ:ଆ:ସଙ୍କ ସାହାଯ୍ୟ ସହଯୋଗ କରିଥିଲେ । ସେଥିଅନ୍ତେ ମୁଁ କହିଲି ୱଲିଦ୍ ଯିଏ ଆପଣଙ୍କ ଭାଇ ତାଙ୍କ ପ୍ରସଙ୍ଗରେ ଲୋକେ ବିଭିନ୍ନ ଅକଥନୀୟ ବାର୍ତାଳାପ କରୁଛନ୍ତି । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, କଣ ତୁମେ ହଜୁର ସ:ଆ:ସଙ୍କ ସମୟ ଲାଭ କରିଛ ? ମୁଁ ଉତର ଦେଲି ନାଁ, କିନ୍ତୁ ହଜୁର ସ:ଆ:ସଙ୍କ ବାଣୀ ମୋ ନିକଟରେ ପହଂଚିଅଛି । ଅର୍ଥାତ ମୁଁ ଆପଣଙ୍କ ଉପଦେଶାବଳୀ ଶୁଣିବାର

ସୌଭାଗ୍ୟ ଅର୍ଜନ କରିଛି । ଯେପରି ଜଣେ କୂଆଁରୀ କନ୍ୟା ପରଦା ଆଢୁଆଳରେ ଖବର ପାଇଥାଏ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ସୁନିଶ୍ଚିତ ରୂପେ ପରମେଶ୍ୱର ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସତ୍ୟତାର ସହିତ ଅବତୀର୍ଣ୍ଣ କରିଛନ୍ତି । ମୁଁ ସେହି ଲୋକମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଯିଏ ଅଲ୍ଲାଃ ଓ ରସୁଲ୍‌ଙ୍କୁ ସ୍ୱୀକାର କରି ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲେ । ମୁଁ ପ୍ରଭୁଙ୍କ ମାର୍ଗରେ ଦୁଇଟି ପ୍ରବାସ ମଧ୍ୟ କରିଥିଲି ଏବଂ ହଜୁର ସ:ଆ:ସଙ୍କ ପବିତ୍ର ସଙ୍ଗତ ମଧ୍ୟ ଲାଭ କରିଥିଲି । ପ୍ରଭୁଙ୍କ ରାଣ ମୁଁ କଦାପି ତାଙ୍କର ଅମାନ୍ୟ ଓ ଅବଜ୍ଞା କରିନାହିଁ ନା କଦାଚିତ ଆପଣ ସ:ଆ:ସଙ୍କ ସହ ବିଶ୍ୱାସଘାତକାତ କରିଛି । ସେ ପର୍ଯ୍ୟନ୍ତ କି ଆପଣ ସ:ଆ:ସଙ୍କର ବିୟୋଗ ଘଟିଲା ତା'ପରେ ହଜୁର ଅବୁବକର ର:ଅଙ୍କର ମଧ୍ୟ ସେହପରି ଆଜ୍ଞାକାରୀ ହୋଇଥିଲି । ସେଥିଅନ୍ତେ ହଜ୍‌ରତ୍ ଉମର ର:ଅଙ୍କ ଖିଲାଫତ୍‌ର ସମୟ ଆସିଲା ଏବଂ ମୁଁ ତାଙ୍କର ମଧ୍ୟ ସମାନ୍ ଆଜ୍ଞାବହତା ରକ୍ଷା କରିଥିଲି ତା'ପରେ ମତେ ଖଲିଫା ଭାବରେ ନିର୍ବାଚିତ କରାଗଲା । ତେବେ ମୋର କଣ ସେହି ଅଧିକାର ନାହିଁ ଯେଉଁ ଅଧିକାର ତାଙ୍କର ଥିଲା ଅର୍ଥାତ ଯେପରି ମୋ ପୂର୍ବ ଦୁଇ ଖଲିଫାଙ୍କର ଥିଲା । ମୁଁ ଉତର ଦେଲି କାହିଁକି ନୁହେଁ । ସେଥିଅନ୍ତେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ତେବେ କେଉଁ କାରଣରୁ ତୁମ ତରଫରୁ ମତେ ଏପରି ଖବର ପହଂଚୁଅଛି । ତୁମେ ୱ୍ଲିଦ୍‌ଙ୍କର କେଉଁ ପ୍ରସଙ୍ଗ ଉଠାଇଲ, ତୁମେ ୱ୍ଲିଦ୍‌ଙ୍କର ଯେଉଁ ପ୍ରସଙ୍ଗ ଉଠାଇଲ ତେବେ ଜାଣିରଖ ଯେ ଇନ୍‌ଶାଅଲ୍ଲାଃ ଆମେ ତାକୁ ଉଚିତ ଶାସ୍ତି ଦେବୁ ଅର୍ଥାତ ତାଙ୍କ ଦୋଷର ଯାହା ଦଣ୍ଡବିଧାନ ରହିଛି ତାହା ତାଙ୍କୁ ଅବଶ୍ୟ ମିଳିବ ସେଥିଅନ୍ତେ ଆପଣ ହଜ୍‌ରତ୍ ଅଲୀ ର:ଅଙ୍କୁ ଡ଼କାଇଲେ ଓ ନିର୍ଦ୍ଦେଶ ଦେଲେ ଯେ ଆଙ୍କୁ ଚାବୁକ ମାଡ଼ ଦିଅ । ଅତଏବ ସେ ତାଙ୍କୁ ଅଶି ଥର ଚାବୁକ ପ୍ରହାର କରିଥିଲେ ।

***(ସହି ବୁଖାରୀ.... ହଦିସ୍ ୩୬୯୬)***

ହଜ୍‌ରତ୍ ସୟଦ ଜୈନୁଲ୍ ଆବିଦିନ୍ ୱ୍ଲିଉଲ୍ଲାଃ ସାହେବ ଏହାର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି ଯାହାକି ବୁଖାରୀର ବର୍ଣ୍ଣନା ଅଟେ ଯେ, ୱ୍ଲିଦ ମଦ୍ୟପାନ କରିଥିବା ଯୋଗୁଁ ତାଙ୍କୁ ଏଭଳି ଦଣ୍ଡ ବିଧାନ କରାଯାଇଥିଲା । ସାକ୍ଷ୍ୟ ପ୍ରମାଣରୁ ଜଣାଯାଉଛି ଯେ ତାହା ଅନ୍ଧକାର ଯୁଗ ଅର୍ଥାତ ଇସ୍‌ଲାମ୍‌ର ଆଗମନ ପୂର୍ବରୁ ଯେଭଳି ମଦ୍ୟପାନ କରାଯାଉଥିଲା ସେ ସେହି ମଦ୍ୟପାନ କରିବାର ଅପରାଧର ଶୀକାର ହୋଇଥିଲେ ନା କି ମୁନକା ଯାହାକି ଏକ ମଞ୍ଜି ଅଟେ ଅବା ଖଜୁରୀରୁ ପ୍ରସ୍ତୁତ ହୋଉଥିବା ମଦ୍ୟ ସେବନ କରିଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଦଣ୍ଡ ଦେବାରେ ସମ୍ପର୍କୀୟଙ୍କୁ ମଧ୍ୟ ଖାତିର କଲେନାହିଁ ଅତଏବ ସେ ନିଜ ଭାଇଙ୍କୁ ଦୁଇଗଣ ଅଧିକା ଦଣ୍ଡ ଦେଇଥିଲେ । ଅର୍ଥାତ ଅଶି ଥର ଚାବୁକ ପ୍ରହାର କରିବାର ଦଣ୍ଡ ଦେଇଥିଲେ । ***(ଉର୍ଦ୍ଧୁ ଅନୁବାଦ ସହି ବୁଖାରୀ ଖଣ୍ଡ-୭, ପୃ-୧୯୨.... ପ୍ରକାଶକ ନଜାରତ୍ ଇଶାଅତ୍ ରବୱ୍ା)***

ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସ୍ୱାଧିନ ପ୍ରାପ୍ତ ଦାସ ହମ୍‌ରାନ୍ ବର୍ଣ୍ଣନା କରନ୍ତି: ଏକଦା ହଜ୍‌ରତ୍ ଉସ୍‌ମାନ୍ ର:ଅ ଏକ ପାତ୍ରରେ ପାଣି ମଗାଇଲେ ଏବଂ ଭଲ ଭାବରେ ୱ୍ଜୁ କଲେ ପୁନଶ୍ଚ କହିଲେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହୁଥିଲେ ଯେଉଁ ବ୍ୟକ୍ତି ମୋ ୱ୍ଜୁ ପରି ୱ୍ଜୁ କଲା ଓ ପୁଣି ଏହିପରି ଅର୍ଥାତ ମୋ ଭଳି ଦୁଇ ରେକାତ ନମାଜ ପାଠ କଲା ଏବଂ ସେମାନଙ୍କ ମଧ୍ୟରେ ଅର୍ଥାତ ସେ ଅନ୍ୟ କାହା ସହ ବାର୍ତାଳାପ କଲାନାହିଁ ତାହେଲେ ୱ୍ଜୁ ପୂର୍ବରୁ ତା ଦ୍ୱାରା ସମ୍ପାଦିତ ସମସ୍ତ ପାପ ଯାହାକି ସେ କରିଥାଏ ଅଲ୍ଲାଃ ତାଲା ତାହାକୁ କ୍ଷମା ଦେଇଥାନ୍ତି ।

***(ସହି ବୁଖାରୀ.... ହଦିସ୍ ୧୫୯)***

ଜୁମ୍ମା ଦିନ ଦ୍ୱିତୀୟ ଅଜାନ୍‌ର ପ୍ରଥା ମଧ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କାଳରେ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ଜୁମ୍ମା ଦିନ ଯେତେବେଳେ ଇମାମ୍ ମଂଚ ଉପରେ ବିରାଜମାନ ହେଉଥିଲେ ସେତେବେଳେ ଗୋଟିଏ ଅଜାନ୍ ଦିଆଯାଉଥିଲା ଅର୍ଥାତ ହଜୁର ସ:ଆ:ସ ଓ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର ର:ଅଙ୍କ କାଳରେ ଗୋଟିଏ ଅଜାନ୍ ଦେବାର ପ୍ରଚଳନ ରହିଥିଲା । ପୁନଶ୍ଚ ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟ ଆସିଲା ଓ ଲୋକମାନଙ୍କ ସଂଖ୍ୟାରେ ବୃଦ୍ଧି ଘଟିଲା ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ହିଁ ଦ୍ୱିତୀୟ ଅଜାନ୍‌ର ପ୍ରଚଳନ କରିଥିଲେ ଅର୍ଥାତ ଦ୍ୱିତୀୟ ଅଜାନ୍ ମସ୍‌ଜିଦ୍‌ର ଦ୍ୱାର ନିକଟରେ ପଡ଼ିଥିବା ଏକ ପ୍ରସ୍ତର ଉପରେ ଛିଡ଼ା ହୋଇ ଅଜାନ୍ ଦିଆଯାଉଥିଲା ଯାହାକି ଇମାମ୍‌ଙ୍କ ସମ୍ମୁଖରେ ଦିଆଯାଉଥିଲା । ଯାହାର ନାମ ଜୌରାଆ ଥିଲା ।

***(ସହି ବୁଖାରୀ...ଯୋମୁଲ୍ ଯୁମା ହଦିସ୍ ୯୧୨)***

ଫିକା ଅହେମଦୀୟାରେ ମଧ୍ୟ ଏ ସମ୍ବନ୍ଧରେ ହଦିସ୍ ସନ୍ଦର୍ଭରେ ଲେଖାଯାଇଅଛି ଯେ "ଆଁ ହଜ୍‌ରତ୍ ସ:ଆ:ସ ଏବଂ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଯୁମା ଦିନ ମେମ୍ବର ନିକଟରେ ଗୋଟିଏ ଅଜାନ୍ ଦିଆଯାଇଥିଲା । ପରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ସମୟରେ ଦ୍ୱିତୀୟ ଅଜାନ୍‌ର ପ୍ରଥା ପ୍ରଚଳନ ହେଲା । ତାହା ମସ୍‌ଜିଦ୍‌ର ଗେଟ୍ ନିକଟରେ ପଡ଼ିଥିବା ଏକ ବଡ଼ ପଥର ଉପରେ ଛିଡ଼ା ହୋଇ ଦିଆଯାଇଥିଲା । ଯାହାର ନାମ ଜୌରାଆ ଥିଲା" ।

***(ଫିକା ଅହେମୀୟା ପୃ-୧୨୨)***

ସହୀ ବୁଖାରୀର ବ୍ୟାଖ୍ୟା ନିମତୁଲ୍ ବାରିରେ ଏହି ହଦିସ୍ ଉଲ୍ଲେଖିତ ଅଛି । "ଇବ୍‌ନେ ଶିହାବ୍ ଜୋହ୍‌ରୀ ସାଏବ୍‌ଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ଏହି ହଦିସ୍‌ରେ ତୃତୀୟ ଅଜାନ୍ ଦେବାର ଯେଉଁ ବର୍ଣ୍ଣନା ରହିଛି ତାହା ଅକାମତ୍ ଅଟେ । ***(ନେମତୁଲ୍ ବାରୀ ଶରହ୍ ସହି ବୁଖାରୀ ଖଣ୍ଡ-୨, ପୃ-୮୩୭ ହଦିସ୍ ନଂ-୯୧୨..... ଲାହୋର ୨୦୧୩)***

ପ୍ରଥମ ବର୍ଣ୍ଣନା ଯାହାକି ମୁଁ ପାଠ କଲି ସେଥିରେ ଉଲ୍ଲେଖ ରହିଥିଲା ଯେ, ଅତ୍ୟଧିକ ମାତ୍ରାରେ ଜନ ସମାଗମ ହେବା ଯୋଗୁଁ ଜୌରାଆରେ ତୃତୀୟ ଅଜାନ୍ ଦିଆଯାଉଥିଲା । ତୃତୀୟ ଅଜାନ୍ ଅର୍ଥାତ ଦୁଇଟି ଅଜାନ୍ ପରେ ଅକାମତ୍ ଅଟେ । ଯାହାକୁ ଅଜାନ୍ ବୋଲି ଆଖ୍ୟା ଦିଆଯାଇଛି । ଏପରି ନମାଜ ପାଇଁ ତିନିଥର ଲୋକଙ୍କୁ ଡ଼କରା ଦିଆଯାଉଥିଲା ।

ପବିତ୍ର ଇଦ୍ ଅବସରରେ ଜୁମ୍ମା ନମାଜ ନ ପଢ଼ିବା ସମ୍ପର୍କରେ ବର୍ଣ୍ଣନା ଦେଖିବାକୁ ମିଳେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଇଦ୍ ନମାଜ ପଢ଼ାଉଥିଲେ ପୁନଶ୍ଚ ଲୋକଙ୍କୁ ସମ୍ବୋଧିତ କରି କହିଲେ, ହେ ଲୋକମାନେ ! ଏହା ହେଉଛି ସେହି ଦିନ ଯେଉଁ ଦିନରେ ଦୁଇଟି ଇଦ୍ ଏକତ୍ରିତ ହୋଇଯାଇଛି ଅତଏବ ମଦିନାର ଆଖପାଖରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ଜୁମ୍ମା ପାଇଁ ଅପେକ୍ଷା କରିବାକୁ ଚାହୁଁଛନ୍ତି ସେମାନେ ଅପେକ୍ଷା କରିପାରିବେ ଏବଂ ଯେଉଁ ବ୍ୟକ୍ତି ନିଜ ଘରକୁ ଫେରି ଯିବାକୁ ଚାହୁଁଛି ତାହେଲେ ସେହି ବ୍ୟକ୍ତି ମୋ ପକ୍ଷରୁ ଯିବାକୁ ଅନୁମତି ପ୍ରଦାନ କରାଯାଇଛି । ଅର୍ଥାତ ମୁଁ ତାକୁ ଅନୁମତି ଦେଉଛି ଯେ ସେ ନିଜ ଘରକୁ ଫେରିଯାଇ ପାରିବ ।

***(ସହି ବୁଖାରୀ..... ହଦିସ୍ ୫୫୭୧-୫୫୭୨)***

ଫିକା ଅହେମଦୀୟାରେ ଗୋଟିଏ କଥା ଉଲ୍ଲେଖ ରହିଛି ଯାହା ସମ୍ପର୍କରେ ବର୍ତମାନ ପର୍ଯ୍ୟନ୍ତ ମତେ କୌଣସି ସ୍ୱଷ୍ଟ ପ୍ରମାଣ ମିଳିନାହିଁ । ସେଠାରେ ଏହି ବର୍ଣ୍ଣନା ଉଲ୍ଲେଖିତ ରହିଛି ଯେ, ଯଦି ଯୁମା ଓ ଇଦ ଗୋଟିଏ ଦିନରେ ଆସେ ତେବେ ଇଦ୍ ନମାଜ୍ ପରେ ନା' ତ ଯୁମା ପଢ଼ାଯାଉ ଓ ନା ଜୋହର୍ ପଢ଼ାଯାଉ ବରଂ ଅସର୍ ନମାଜ ସମୟରେ କେବଳ ଅସର୍ ନମାଜ୍ ପଢ଼ାଯାଉ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର ର:ଅ କୁହନ୍ତି: ଗୋଟିଏ ଦିନରେ ଦୁଇଟି ଇଦ୍ ଏକତ୍ରିତ ହୋଇଯାଇଛି ଏହାକୁ ଏକତ୍ରିତ କରି ପାଠ କରାଯିବା ଉଚିତ । ଅତଏବ ସେ ଉଭୟ ନମାଜ ପାଇଁ ଦୁଇ ରେକାତ ନମାଜ ଦ୍ୱିପ୍ରହର ପୂର୍ବରୁ ପଢ଼ିନେଲେ । ଏହାପରେ ଅସର ପର୍ଯ୍ୟନ୍ତ କୌଣସି ନମାଜ ପଢ଼ିଲେ ନାହିଁ । ଅର୍ଥାତ ସେଦିନ କେବଳ ଅସର୍ ନମାଜ ପଢ଼ିଲେ ।

***(ଫିକା ଅହେମଦୀୟା ପୃ-୧୭୭)***

ଏ ସଂକ୍ରାନ୍ତରେ ବର୍ତମାନ ଅଧିକ ଗବେଷଣାର ଆବଶ୍ୟକତା ରହିଛି ଅନୁସନ୍ଧାନର ଆବଶ୍ୟକତା ରହିଛି । ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅ ମଧ୍ୟ ଏହିପରି କହିଥିଲେ ।

***(ଖୁତ୍‌ବାତେ ତାହେର୍ ଖଣ୍ଡ-୬, ପୃ-୩୭୪ ଖୁତ୍‌ବା ଯୁମା ପ୍ରଦତ ୨୯ ମଇ ୧୯୮୭)***

ପ୍ରଥମେ ମୁଁ ଭାବୁଥିଲି ଯେ ଆବଶ୍ୟକତା ନାହିଁ ପୁଣି ଯେହେତୁ ଏଭଳି କୌଣସି ବର୍ଣ୍ଣନା ମିଳିନାହିଁ ଯାହାକି ପ୍ରତ୍ୟେକ୍ଷ ରୂପେ ହଜୁର ସ:ଆ:ସଙ୍କ କାର୍ଯ୍ୟନମୁନା ଅର୍ଥାତ ସୁନ୍ନତ୍ ମାଧ୍ୟମରେ ପ୍ରମାଣିତ ହେଉଥିବ ଯେ ଜୋହର୍ ନମାଜକୁ ଛାଡ଼ି ଦିଆଯାଇଥିବ । ହଜୁର ସ:ଆ:ସ ଏପରି କରିଥିବାର କୌଣସି ସ୍ଥାନରେ ବର୍ଣ୍ଣନା ମିଳୁନାହିଁ । କେବଳ ଏହି ଗୋଟିଏ ବର୍ଣ୍ଣନା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କର ରହିଛି । ଏଥି ସଂକ୍ରାନ୍ତରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ଯେପରି ମୁଁ କହିଲି, ବର୍ତମାନ ଫିକା ପୂନଃ ରିଭାଇଜ୍ ହେଉଅଛି । ମୋର ମନେ ହେଉଛି ଏହି ପ୍ରସଙ୍ଗକୁ ମଧ୍ୟ ଅଧିକ ପଡ଼ତାଲ କରିବାର ଆବଶ୍ୟକତା ରହିଛି ଯେ ଏକଥା କେତେଦୂର ସଠିକ୍ କି ଜୋହର୍ ନମାଜ ମଧ୍ୟ ପଢ଼ାଯିବନାହିଁ । ଜୁମ୍ମା ନମାଜ କଥା ତ ଠିକ୍ ଯେ ତାହା ପାଠ କରାଯିବନାହିଁ କିନ୍ତୁ ଏହା କହିବା ଯେ, ଜୋହର୍ ନମାଜ ମଧ୍ୟ ପାଠ କରାଯିବନାହିଁ । ତେବେ ଏହି ପରପ୍ରେକ୍ଷୀରେ ହଜୁର ସ:ଆ:ସଙ୍କ କୌଣସି ସିଧାସଳଖ ହଦିସ୍ କିମ୍ବା ଖଲିଫାମାନଙ୍କର ବର୍ଣ୍ଣନା ମିଳୁନାହିଁ ଅବା ଏପର୍ଯ୍ୟନ୍ତ ଦୃଷ୍ଟି ଗୋଚର ହୋଇନାହିଁ ଯେଉଁ ପର୍ଯ୍ୟନ୍ତ ମୁଁ ଅନୁସନ୍ଧାନ କରାଇଛି । ଏକଦା ହଜ୍‌ରତ୍ ଉମର ର:ଅ ଜୁମ୍ମା ଖୁତ୍‌ବା ଦେଉଥିଲେ କି, ହଜ୍‌ରତ୍ ଉସ୍‌ମାନ୍ ର:ଅ ମସ୍‌ଜିଦ୍‌ରେ ପ୍ରବେଶ କଲେ । ହଜ୍‌ରତ୍ ଉମର ର:ଅ ତାଙ୍କ ଆଡ଼କୁ ଇଙ୍ଗିତ ଆକାରରେ କହିଲେ, ଲୋକମାନଙ୍କୁ କଣ ହୋଇଯାଇଛି ଯେ ସେମାନେ ଅଜାନ୍ ଶୁଣିବାପାରେ ମଧ୍ୟ ବିଳମ୍ବରେ ମସ୍‌ଜିଦ୍‌କୁ ଆସୁଛନ୍ତି ? ପ୍ରତ୍ୟୁତରରେ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ହେ ଅମୀରୁଲ୍ ମୁମିନିନ୍ ! ମୁଁ ତ ଅଜାନ୍ ଶୁଣିବା ମାତ୍ରେ ୱ୍ଜୁ କରି

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମ୍ମା ପ୍ରଦତ ୧ ଜାନୁୟାରୀ ୨୦୧୬)*

***ତାଲିବେ ଦୁଆ:*** *Anisha Begum, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

***ତାଲିବେ ଦୁଆ:*** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

***ତାଲିବେ ଦୁଆ:*** *Abdul Chand & Family, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

***ତାଲିବେ ଦୁଆ:*** *Idrish Khan, Jamat Ahmadiyya, Kerang (Odisha)*

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ନମାଜ ପାଇଁ ଶିଘ୍ର ବାହାରି ଚାଲି ଆସିଲି । ହଜ୍‌ରତ୍ ଉମର ର:ଅ କହିଲେ, କେବଳ ଓ୍ୱଜୁ ! ଆପଣ କଣ ହଜୁର ସ:ଆ:ସଙ୍କୁ ଏହା କହିବାର ଶୁଣିନାହଁ ଯେ, ତୁମ୍ଭମାନଙ୍କ ମଧ୍ୟରୁ ଯେତେବେଳେ କୌଣସି ବ୍ୟକ୍ତି ଜୁମା ପାଇଁ ଆସିବେ ତେବେ ତୁମକୁ ଆବଶ୍ୟକ ଯେ ତୁମେ ସ୍ନାନ କରି ଆସ । ***(ସହି ମୁସ୍‌ଲିମ୍ କିତାବୁଲ୍ ଯୁମା ହଦିସ୍ ୧୯୫୬)***

ଯଦି ପାଣି ଉପଲବ୍ଧ ଅଛି, ସୁବିଧାରେ ମିଳିଯାଉଛି ତେବେ ଗାଧୋଇବା ଜରୁରୀ । ହଜ୍‌ରତ୍ ଉସ୍‌ମାନ୍ ର:ଅ ହଦିସ୍‌ର ବର୍ଣ୍ଣନା କରିବାରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରୁଥିଲେ । ଅତଏବ ଅନ୍ୟ ସାହାବାମାନଙ୍କ ତୁଳନାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ମାରୁଫ୍ ଅର୍ଥାତ ଅକାଟ୍ୟ ହଦିସ୍‌ଗୁଡ଼ିକ ଖୁବ୍ କମ୍ ବର୍ଣ୍ଣିତ ହୋଇଛି । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦ୍ୱାରା ମୋଟ ୧୪୬ ଗୋଟି ହଦିସ୍ ବର୍ଣ୍ଣିତ ହୋଇଛି । ଯେଉଁମାନଙ୍କ ମଧ୍ୟରେ ତିନୋଟି ହଦିସ୍‌ର ସହମତି ମିଳୁଅଛି । ଅର୍ଥାତ ବୁଖାରୀ ଏବଂ ମୁସ୍‌ଲିମ୍ ଦୁଇଟିଯାକ ପୁସ୍ତକରେ ଏହାର ବର୍ଣ୍ଣନା ମିଳୁଅଛି ଏବଂ ୮ଟି କେବଳ ବୁଖାରୀରେ ଓ ୫ଟି ମୁସ୍‌ଲିମ୍‌ରେ ଦରଜ ରହିଛି । ଏହିପରି ସହିହିନ୍‌ରେ ଆପଣଙ୍କର ସମୁଦାୟ ୧୬ଗୋଟି ହଦିସ୍ ଦରଜ ରହିଛି ଏହାର କାରଣ ଏହି କି ଯେ, ସେ ହଦିସ୍ ବର୍ଣ୍ଣନା କରିବାରେ ଅତ୍ୟନ୍ତ ସର୍ତକତା ଅବଲମ୍ବନ କରୁଥିଲେ ଏବଂ ମଣୁଥିଲେ କି ସମ୍ଭବତଃ ଅନ୍ୟ ସାହାବାଙ୍କ ମୁକାବିଲାରେ ମୋର ସ୍ମରଣ ଶକ୍ତି ଦୁର୍ବଳ ଥିବ ସେ ଚିନ୍ତା କରୁଥିଲେ ଯେ, ଯଦି ମୁଁ ହଜୁର ସ:ଆ:ସଙ୍କର କୌଣସି କଥା ବର୍ଣ୍ଣନା କରେ ଏବଂ ସମ୍ଭବତଃ ତାହା ଅନ୍ୟ ସାହାବାଙ୍କ ବର୍ଣ୍ଣନାରେ ସୁଦୃଢ଼ ଓ ସଠିକ୍ ହୋଇନଥାଏ ଏବଂ ମୋର ଦୁର୍ବଳ ସ୍ମରଣ ଶକ୍ତି କାରଣରୁ ଏବଂ ତାଙ୍କ ବର୍ଣ୍ଣନା ଠିକ୍ ଥିବ ସେଥିପାଇଁ ସେ ଏଭଳି ସର୍ତକତା ଅବଲମ୍ବନ କରୁଥିଲେ ହଦିସ୍ ବର୍ଣ୍ଣନା କରିବାରେ । ହଜ୍‌ରତ୍ ଉସ୍‌ମାନ୍ ର:ଅ କୁହନ୍ତି: ମୁଁ ରସୁଲେ୍ କରିମ୍ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ଯେଉଁ ବ୍ୟକ୍ତି ଏହା କହେ ଯେ, ମୁଁ ହଜୁର ସ:ଆ:ସଙ୍କ ଠାରୁ ଅମୁକ କଥା ଶୁଣିଛି କିନ୍ତୁ ମୁଁ ତାହା କହିନାହିଁ ଅର୍ଥାତ ହଜୁର ସ:ଆ:ସ ତାହା କହିନାହାନ୍ତି ତେବେ ସେହି ବ୍ୟକ୍ତିର ଠିକଣା ନର୍କ ଅଟେ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ହାତିଫ୍ ବର୍ଣ୍ଣନା କରନ୍ତି, ମୁଁ କୌଣସି ସାହାବିଙ୍କୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କଠାରୁ ସମ୍ପୁର୍ଣ୍ଣ କଥା କହୁଥିବାର ଦେଖିନାହିଁ ଅର୍ଥାତ ସେ ଯାହା କୁହନ୍ତି ସ୍ପଷ୍ଟରୂପେ ଓ ସମ୍ପୁର୍ଣ୍ଣରୂପେ କୁହନ୍ତି କିନ୍ତୁ ହଦିସ୍ ବର୍ଣ୍ଣନା କରିବାରେ ଭୟ କରନ୍ତି ।

***(ସିରସ୍ ସାହାବା ର:ଅ ଖୋଲାଫାଏ ରାଶିଦିନ୍...... ଖଣ୍ଡ-୧, ପୃ-୨୦୪)***

ହୁମ୍‌ରାନ୍ ବିନ୍ ଅବାନ୍ କୁହନ୍ତି ଏକଦା ହଜ୍‌ରତ୍ ଉସ୍‌ମାନ୍ ର:ଅ ଓ୍ୱଜୁ କରିବାପାଇଁ ଜଳ ମଗାଇଲେ ଏବଂ ଆପଣ କୁଳି କଲେ ସେଥିଅନ୍ତେ ନିଜର ନାସିକା ସଫା କଲେ, ତିନିଥର ମୁହଁ ଧୋଇଲେ, ତିନିଥର ବାହୁ ଧୋଇଲେ ଏବଂ ମସ୍ତକର ମସା କଲେ, ତା'ପରେ ଆପଣ ହସି ଉଠିଲେ ସେଥିଅନ୍ତେ ନିଜ ସାଥିମାନଙ୍କୁ କହିଲେ, ତୁମେ ମତେ ହସିବାର କାରଣ ପଚାରିବନାହିଁ ? ସେମାନେ କହିଲେ, ହେ ଅମୀରୁଲ୍ ମୁମିନିନ୍ ! ଆପଣ କାହିଁକି ହସିଲେ ? ସେ ଉତର ଦେଲେ ମୁଁ ହଜୁର ସ:ଆ:ସଙ୍କୁ ଏହି ସ୍ଥଳେ ଜଳ ମଗାଇବାରେ ଦେଖିଥିଲି । ଆପଣ ସ:ଆ:ସ ଏଠାରେ ଓ୍ୱଜୁ କରି ହସିଥିଲେ ଏବଂ ନିଜ ସାହାବାମାନଙ୍କୁ କହିଲେ, କଣ ତୁମେ ମତେ ହସିବାର କାରଣ ପଚାରିବନାହିଁ । ସେମାନେ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ କେଉଁ କାରଣରୁ ସ୍ମିତହାସ୍ୟ ଦେଲେ ? ହଜୁର ସ:ଆ:ସ ଉତର ଦେଲେ ଯେତେବେଳେ ଜଣେ ବ୍ୟକ୍ତି ଓ୍ୱଜୁ ପାଇଁ ଜଳ ମଗାଇ ନିଜ ମୁଖ ଧୋଇଥାଏ ସେତେବେଳେ ଅଲ୍ଲାଃ ତାହାର ସମସ୍ତ ପାପ କ୍ଷମା କରିଦେଇଥାନ୍ତି ଯାହାକି ସେ ନିଜ ମୁଖ ଦ୍ୱାରା କରିଥାଏ । ପୁନଶ୍ଚ ଯେତେବେଳେ ସେ ନିଜର ବାହୁକୁ ଧୁଏ ସେତେବେଳେ ମଧ୍ୟ ଅଲ୍ଲାଃ ତାଲା ସମାନ୍ ଆଚରଣ କରିଥାନ୍ତି ଅର୍ଥାତ ତାହାର ବାହୁ ଦ୍ୱାରା ସାଧିତ ସମସ୍ତ ପାପକୁ କ୍ଷମା କରିଦେଇଥାନ୍ତି । ପୁଣି ଯେତେବେଳେ ସେ ନିଜ ମସ୍ତକର ମସା କରିଥାଏ ସେତେବେଳେ ମଧ୍ୟ ସେ ଅର୍ଥାତ ଅଲ୍ଲାଃ ତାଲା ତାହାର ମସ୍ତକ ଦ୍ୱାରା ସାଧିତ ସମସ୍ତ ଅପରାଧକୁ କ୍ଷମା କରିଦେଇଥାନ୍ତି ଏବଂ ଯେତେବେଳେ ସେ ନିଜର ପାଦ ପବିତ୍ର କରିଥାଏ ସେତେବେଳେ ମଧ୍ୟ ଅଲ୍ଲାଃ ତାଲା ତାହା ସହ ସମାନ ଆଚରଣ ପ୍ରଦର୍ଶନ କରିଥାନ୍ତି । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୧, ପୃ-୨୦୧..... ହଦିସ୍ ନଂ-୪୧୫...... ବେରୁତ ୧୯୯୮)***

ଏହି ରିଓ୍ୱାୟତ୍ ଅସଲରେ ପ୍ରଥମ ଓ୍ୱଜୁର ଯେଉଁ ବର୍ଣ୍ଣନା ହୋଇଥିଲା ତାହା ସହିତ ବର୍ଣ୍ଣନା କରିଦେବା ଉଚିତ ଥିଲା । ତେବେ ଯାହା ହେଉ ବର୍ତମାନ ଏଠାରେ ଆଲୋଚନା ହୋଇଗଲା । ହଜ୍‌ରତ୍ ଉସ୍‌ମାନଙ୍କ ପତ୍ନୀ ଓ ସନ୍ତାନମାନଙ୍କ ସମ୍ବନ୍ଧରେ ଯେଉଁ ରିଓ୍ୱାୟତ ମିଳୁଛି ସେହି ବର୍ଣ୍ଣନାରୁ ଜଣାଯାଉଛି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଆଠଟି ବିବାହ କରିଥିଲେ ଏହି ସମସ୍ତ ବିବାହ ହଜ୍‌ରତ୍ ଉସ୍‌ମାନ୍ ର:ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପରେ କରିଥିଲେ । ଆପଣଙ୍କ ପତ୍ନୀ ଓ ସନ୍ତାନମାନଙ୍କ ନାମ ଯଥାକ୍ରମେ, ହଜ୍‌ରତ୍ ରୁକେୟା ବିନ୍‌ତେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ଔରଷରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପୁତ୍ର ଅବ୍‌ଦୁଲ୍ଲା ଜନ୍ମଗ୍ରହଣ କରିଥିଲେ । ଦ୍ୱିତୀୟ ପତ୍ନି ଥିଲେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ବିନ୍‌ତେ ରସୁଲୁଲ୍ଲାଃ ସ:ଆ:ସ ଯାହାକି ପ୍ରଥମ ପତ୍ନୀଙ୍କ ବିୟୋଗ ପରେ ସେ ତାଙ୍କ ସହ ବିବାହ କରିଥିଲେ । ତୃତୀୟ ହଜ୍‌ରତ୍ ଫାକ୍‌ତା ବିନ୍‌ତେ ଗଜ୍‌ଓ୍ୱାନ୍ ଯିଏ ହଜ୍‌ରତ୍ ଉତ୍‌ବା ବିନ୍ ଗଜ୍‌ଓ୍ୱାନଙ୍କ ଭଉଣୀ ଥିଲେ । ତାଙ୍କ ଔରଷରୁ ମଧ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅ ଗୋଟିଏ ପୁତ୍ର ସନ୍ତାନ ହୋଇଥିଲା, ଯାହାଙ୍କ ନାମ ଅବ୍‌ଦୁଲ୍ଲା ଅଲ୍‌ଅସ୍‌ଗର୍ ଥିଲା । ଚତୁର୍ଥ ପତ୍ନୀ ହଜ୍‌ରତ୍ ଉମ୍ମେ ଉମ୍‌ରୋ ବିନ୍‌ତେ ଜୁନ୍ଦୁବ୍ ଅଜଦିୟା । ତାଙ୍କ ଔରଷରୁ ଉମ୍‌ରୋ, ଖାଲିଦ୍, ଅବାନ୍, ଉମର୍ ଓ ମରିୟମ୍ ଜନ୍ମଗ୍ରହଣ କରିଥିଲେ । ପଂଚମ ପତ୍ନୀ ହଜ୍‌ରତ୍ ଫାତିମା ବିନ୍‌ତେ ଓ୍ୱଲିଦ୍ ମଖ୍‌ଜୁମିୟା ଥିଲେ ତାଙ୍କ ଔରଷରୁ ଓ୍ୱଲିଦ୍, ସଇଦ ଓ ଉମ୍ମେ ସଇଦ ଜନ୍ମଗ୍ରହଣ କରିଥିଲେ । ଷଷ୍ଠ ପତ୍ନୀ ହଜ୍‌ରତ୍ ଉମ୍ମୁଲ୍ ବନିନ୍ ବିନ୍‌ତେ ଉୟେଇନା ବିନ୍ ହିସନ୍ ଫଜାରିୟା ଥିଲେ ତାଙ୍କ ଔରଷରୁ ଅବ୍‌ଦୁଲ୍ ମଲକ୍ ଜନ୍ମଗ୍ରହଣ କରିଥିଲେ । ସପ୍ତମ ପତ୍ନୀ ହଜ୍‌ରତ୍ ରମ୍‌ଲା ବିନ୍‌ତେ ସୈବା ବିନ୍ ରବିୟା ଥିଲେ ତାଙ୍କ ଔରଷରୁ ଆଇଶା, ଉମ୍ମେ ଅବାନ୍ ଓ ଉମ୍ମେ ଉମ୍‌ରୋ ଜନ୍ମ ଗ୍ରହଣ କରିଥିଲେ । ଅଷ୍ଟମ ପତ୍ନୀ ହଜ୍‌ରତ୍ ନାଇଲା ବିନ୍‌ତେ ଫରାଫିସାଃ ବିନ୍ ଅହ୍‌ଓ୍ୱସିୟା ଥିଲେ । ସେ ଜଣେ ଖ୍ରୀଷ୍ଟଧର୍ମାଲମ୍ବୀ ମହିଳା ଥିଲେ କିନ୍ତୁ ନିଜ ବାପଘରୁ ବିଦା ହେବା ପୂର୍ବରୁ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଯାଇଥିଲେ ଓ ବହୁତ ଭଲ ମୁସଲମାନ ସାବ୍ୟସ୍ତ ହେଲେ ।ତାଙ୍କ ଔରଷରୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଗୋଟିଏ କନ୍ୟା ମରିୟମ୍ ଓ ଗୋଟିଏ ପୁତ୍ର ଅନ୍‌ବସା ପ୍ରାପ୍ତି ହୋଇଥିଲେ । ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେତେବେଳେ ଶହୀଦ୍ ହେଲେ ସେତେବେଳେ ତାଙ୍କ ନିକଟରେ ଏହି ଚାରୋଟି ପତ୍ନୀ ଥିଲେ । ସେମାନେ ହେଲେ ହଜ୍‌ରତ୍ ରମ୍‌ଲା, ହଜ୍‌ରତ୍ ନଇଲା, ହଜ୍‌ରତ୍ ଉମ୍ମୁଲ୍ ବନିନ୍ ଓ ହଜ୍‌ରତ୍ ଫାଖ୍‌ତା ର:ଅ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ଆପଣଙ୍କ ଘରର ଘେରାଉ କରାଯାଇଥିଲା ସେତେବେଳେ ଆପଣ ହଜ୍‌ରତ୍ ଉମ୍ମୁଲ୍ ବନିନ୍‌ଙ୍କୁ ତଲାକ ଦେଇ ଦେଇଥିଲେ । ***(ତାରିଖେ ତିବ୍‌ରି ଖଣ୍ଡ-୫, ପୃ-୨୦୦.... ବେରୁତ ୧୯୯୮) (ସିରତ୍ ଅମୀରୁଲ୍ ମୁମିନିନ୍ ଉସ୍‌ମାନ୍ ବିନ୍ ଅଫାନ୍...... ବେରୁତ ୨୦୦୬)*** । ଯମାତ୍ ଅହେମଦୀୟାର ପ୍ରଥମ ଖଲିଫା ସୁରେ ନୁର୍‌ର ବ୍ୟାଖ୍ୟା କରି ବର୍ଣ୍ଣନା କରନ୍ତି: ଅଲ୍ଲାଃ ତାଲା କୁହନ୍ତି ଐଶରୀୟ ଜ୍ଞାନର ଏକ ଜ୍ୟୋତି ରହିଛି ଯଦ୍ୱାରା ଠିକ୍ ଓ ଭୁଲ୍ ମଧ୍ୟରେ ଫରକ୍ କରାଯାଇଥାଏ । ତାହା ସେହି ଘରେ ରହିଥାଏ ଯେଉଁ ଘରେ ସନ୍ଧ୍ୟା ଓ ସକାଳେ ପ୍ରଭୁଙ୍କ ଗୁଣଗାନ କରାଯାଇଥାଏ । ସେହି ଘରର ଲୋକ ବ୍ୟବସାୟୀ ବୃତି କରିଥାନ୍ତି ଯଦିଚ ତାଙ୍କ ଘର ଛୋଟ କିନ୍ତୁ ଦିନେ ନା ଦିନେ ପ୍ରଭୁ ସେହି ଘରକୁ ବଡ଼ କରିଦେବେ । ଏହି ପବିତ୍ର କୁର୍‌ଆନ୍‌ର ଜମାକାରୀ ହଜ୍‌ରତ୍ ଅବୁବକର ର:ଅ ଏବଂ ହଜ୍‌ରତ୍ ଉମର୍ ଥିଲେ ପୁଣି ହଜ୍‌ରତ୍ ଉସ୍‌ମାନ୍ ର:ଅ ତାହାର ପ୍ରକାଶନ ବ୍ୟବସ୍ଥା କରିଥିଲେ । ସେଥିଅନ୍ତେ ହଜ୍‌ରତ୍ ଅଲୀ ଯାହାଙ୍କ ମାଧ୍ୟମରେ ପ୍ରକୃତ ଆଧ୍ୟାତ୍ମିକ ଜ୍ଞାନ ସମଗ୍ର ସଂସାରରେ ପରିବ୍ୟାପ୍ତ ହେଲା । ଖଲିଫତୁଲ୍ ମସିହ୍ ପ୍ରଥମ ଅର୍ଥାତ ଯମାତ୍ ଅହେମଦୀୟାର ପ୍ରଥମ ଖଲିଫା କୁହନ୍ତି ମୁଁ ମଧ୍ୟ ପରୋକ୍ଷ୍ୟରେ ହଜ୍‌ରତ୍ ଅଲୀଙ୍କଠାରୁ ପବିତ୍ର କୁର୍‌ଆନ୍‌ର କେତେକ ଗୃଢ଼ ତତ୍ୱ ଶିକ୍ଷା ହାସଲ କରିଛି । ଉକ୍ତ ବ୍ୟାଖ୍ୟାରେ ହଜୁର ଆହୁରି ଉଲ୍ଲେଖ କରିଛନ୍ତି । ଅଲ୍ଲାଃ ତାଲା ସେଥିରେ ଦର୍ଶାଇ ଦେଇଛନ୍ତି ଯେ, ଖଲିଫା ଅନ୍‌ସାରମାନଙ୍କ ମଧ୍ୟରୁ କେହି ହେଲେ ହେବେନାହିଁ । ବରଂ ପ୍ରବାସକାରୀଙ୍କ ମଧ୍ୟରୁ ହେବେ ଏବଂ ସେହି ଖଲିଫାମାନଙ୍କ ମୁକାବିଲା ମୁସଲମାନ ଓ ଅମାନ୍ୟକାରୀ ଉଭୟ କରିବେ । ସୁତରାଂ ବସ୍ତୁତ୍ୱ ଦେଖିନିଅ ହଜ୍‌ରତ୍ ଅବୁବକର ର:ଅଙ୍କ ସହିତ ବିରୋଧ ଏପରି ହେଲା । କିଛି ଲୋକେ ଖ୍ୱଲାଫତ୍ ଉପରେ ବିଶ୍ୱାସ କରୁନଥିଲେ । ଅଲ୍ଲାଃ ତାଲା ଉଭୟ ପ୍ରକାରର ଉଦାହରଣ ଦେଇଛନ୍ତି କି ଗୋଟିଏ ଦଳ ବାଷ୍ପକୁ ଜଳ ମଣିବେ ଏବଂ ଅନ୍ୟ ଦଳଟି ସରିୟତ୍‌ର ସମୁଦ୍ର ମଧ୍ୟରେ ଥାଇ ମଧ୍ୟ ତାହାର ମୁକାବିଲା ଓ ବିରୋଦ୍ଧ ପ୍ରଦର୍ଶନ କରିବ । ଆପଣ ର:ଅ କୁହନ୍ତି ତାହାର ପରିଣାମ ଏହା ହେବ ଯେ, ପଶୁପକ୍ଷୀ ସେମାନଙ୍କ ମାଂସ ଖାଇବେ । ଅର୍ଥାତ ସେହି ବିରୋଧିମାନଙ୍କର ଖୋଲାଫାଏ ରାଶେଦିନ୍‌ମାନଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର ର:ଅଙ୍କ ପାଇଁ ବହୁତ କଷ୍ଟକର କାର୍ଯ୍ୟ ଥିଲା । ଗୋଟିଏ ପଟେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉସ୍‌ମା ର:ଅଙ୍କୁ ଏକ ସୈନ୍ୟଦଳ ସହିତ ପ୍ରେରଣ କରିଥିଲେ ଓ ଅପରପକ୍ଷରେ ଆରବରେ ବିଭିନ୍ନ ସ୍ଥାନରେ ବିଦ୍ରୋହର ସୂତ୍ରପାତ ଘଟିଥିଲା । ଏପରିକି ମକ୍କାରେ ମଧ୍ୟ ସମାନ୍ ପରିସ୍ଥିତି ଉପୁଜିଥିଲା । ସେଠାରେ ଜଣେ ବୁଦ୍ଧିମାନ ବ୍ୟକ୍ତି ପହଂଚି ତାଙ୍କୁ ବୁଝାଇଲା ଅର୍ଥାତ ମକ୍କାବାସୀଙ୍କୁ ବୁଝାଇଲା ଯେ, ତୁମେମାନେ ହଜୁର ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିବାରେ ସବୁଠାରୁ ପଛରେ ରହିଲ ଏବଂ ବର୍ତମାନ ଇସ୍‌ଲାମ୍ ଧର୍ମରୁ ଫେରିଯିବାରେ ସର୍ବାଗ୍ରେ ରହିଛି । ଏଥିରେ ସେମାନେ ନିଜ ଆଚରଣରୁ ବିରତ ରହିଲେ ପୁନଶ୍ଚ ପ୍ରଥମ ଖଲିଫା କୁହନ୍ତି **ଇଜା ଫରିକୁମ୍ ମିନ୍‌ହୁମ୍ ମୁରିଜୁନ୍ (ନୂର:୪୯)** ଏହି ଆୟତରେ ଯେଉଁ ଦଳର ଚର୍ଚ୍ଚା ରହିଛି ତାହା ନା ହଜ୍‌ରତ୍ ଅବୁବକର୍ ର:ଅଙ୍କ ଯୁଗରେ ନା ଉମର୍‌ଙ୍କ ଯୁଗରେ ନା ହଜ୍‌ରତ୍ ଉସ୍‌ମାନ୍ ଓ ଅଲୀଙ୍କ ଯୁଗରେ ବରଂ ସବୁ ଯୁଗରେ ଏଭଳି ଦଳ କଦାପି ସଫଳ ଓ କୃତକାର୍ଯ୍ୟ ହୋଇନାହିଁ । ଅପରପକ୍ଷେ ଦ୍ୱିତୀୟ ଦଳ **ସମେଅନା ଓ ଆତୈନା** (ଅଲ୍‌ବକ୍‌ରାଃ:୨୮୬) ର ଦୃଷ୍ଟାନ୍ତ ଅଟେ । ଯିଏ ସର୍ବଦା ସାଫଲ୍ୟ ମଣ୍ଡିତ ହେଲେ । ପ୍ରଭୁଙ୍କ ଅନୁକମ୍ପା ଓ ସାହାଯ୍ୟ ସହଯୋଗ ଲାଭ କଲେ ଏବଂ ସଫଳ ଓ କୃତକାର୍ଯ୍ୟ ଅତଏବ ପବିତ୍ର କୁର୍‌ଆନ୍‌ରେ ସେମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା ଅଛି ଯେ **ଓ୍ୱ ଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍ (ବକ୍‌ରାଃ:୬)** (ଅର୍ଥାତ: ଏବଂ ସେହିମାନେ ହିଁ ସଫଳ ହେଲେ) । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ମୁଁ ଏହା ମନେ କରୁଛି ଯେ, କୌଣସି ବ୍ୟକ୍ତି ସେପର୍ଯ୍ୟନ୍ତ ବିଶ୍ୱାସକାରୀ ଓ ମୁସଲମାନର ପଦବାର୍ଚ୍ୟ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର ର:ଅ, ହଜ୍‌ରତ୍ ଉସ୍‌ମାନ୍ ର:ଅ ଓ ହଜ୍‌ରତ୍ ଅଲୀ ର:ଅଙ୍କ ଭଳି ସାଦୃଶ୍ୟତା ନିଜ ମଧ୍ୟରେ ସୃଷ୍ଟି କରିନାହିଁ । ଏମାନେ ସାସାଂରିକ ଜୀବନକୁ ପ୍ରେମ କରୁନଥିଲେ (ବରଂ ଏ ସମସ୍ତ ମହାନ୍ ସାହାବାମାନେ ପ୍ରକୃତ ପକ୍ଷରେ ଇସ୍‌ଲାମ୍ ଧର୍ମର ଜଣେ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ) । ସେମାନେ ନିଜ ଜୀବନ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରିଦେଇଥିଲେ ***(ଲେକ୍‌ଚର ଲୁଧିୟାନା, ରୁହାନୀ ଖଜାଇନ୍ ଖଣ୍ଡ-୨୦, ପୃ-୨୯୪)*** । ହଜ୍‌ରତ୍ ଅବୁବକର ର:ଅ ଯିଏ ଇସ୍‌ଲାମ୍‌ର ଦ୍ୱିତୀୟ ଆଦମ୍ ଅଟନ୍ତି ସେହିପରି ହଜ୍‌ରତ୍ ଉମର ଓ ହଜ୍‌ରତ୍ ଉସ୍‌ମାନ୍ ଯଦି ଧର୍ମର ସଚ୍ଚୋଟ ବିଶ୍ୱସ୍ତ ହୋଇନଥାନ୍ତେ ତେବେ ଆଜି ଆମ ପାଇଁ ଏହା କହିବା ବଡ଼ କଷ୍ଟସାଧ୍ୟ ହୋଇଥାଆନ୍ତା ଯେ, ପବିତ୍ର କୁର୍‌ଆନ୍‌ର କୌଣସି ଗୋଟିଏ ହେଲେ ପଂକ୍ତି ମଧ୍ୟ ପରମେଶ୍ୱରଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଛି ବୋଲି ***(ମକ୍‌ତୁବାତେ ଅହ୍‌ମଦ୍ ଖଣ୍ଡ-୨, ପୃ-୧୫୧ ମକ୍‌ତୁବ୍ ନଂ-୨ ମକ୍‌ତୁବ୍ ବନାମ ହଜ୍‌ରତ୍ ଖାନ୍ ସାହେବ୍ ମୁହମ୍ମଦ ଅଲୀ ଖାନ୍ ସାହେବ ପ୍ରକାଶନ ରବଓ୍ୱା)*** । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆହୁରି କୁହନ୍ତି: ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି । ଅଲ୍ଲାଃ ତାଲା ଶେଖୈନ୍ (ଅର୍ଥାତ ଅବୁବକର ର:ଅ ଓ ଉମର୍ ର:ଅ)ଙ୍କୁ ଏବଂ ତୃତୀୟ ଖଲିଫା ଯିଏ ହେଉଛନ୍ତି ଜୁନ୍ ନୁରୈନ୍, ପ୍ରତ୍ୟେକଙ୍କୁ ଇସ୍‌ଲାମ୍‌ର ଦ୍ୱାର ଓ ପୁରୁଷୋତମ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସୈନ୍ୟବାହିନୀରେ ପ୍ରତ୍ୟେକଙ୍କୁ ଆଗଧାଡ଼ିର ସୈନ୍ୟଦଳ ବନାଇଛନ୍ତି । ଅତଏବ ଯେଉଁ ବ୍ୟକ୍ତି ଏମାନଙ୍କ ଶ୍ରେଷ୍ଠତାର ଅସ୍ୱୀକାର ଓ ଖଣ୍ଡନ କରେ ଏବଂ ତାଙ୍କ ଅକାଟ୍ୟ ପ୍ରମାଣକୁ ତୁଚ୍ଛ ମଣେ ଏବଂ ତାଙ୍କ ସହ ସଦାଚାର ପ୍ରଦର୍ଶନ କରେନାହିଁ ବରଂ ତାଙ୍କର ଅସମ୍ମାନ କରିଥାଏ ଓ ସେମାନଙ୍କ ପ୍ରସଙ୍ଗରେ ଅଭାଷା ପ୍ରୟୋଗ କରେ ତଥା ଏଥିରେ ଆଗକୁ ବଢ଼ିଯାଇଥାଏ । ତେବେ ମୋତେ ତାହାର କୁପରିଣତି ଓ ବିଶ୍ୱାସ ହରାଇବାର ଆଶଙ୍କା ରହିଛି । ଯେଉଁମାନେ ତାଙ୍କୁ ଦୁଃଖ ଦେଲେ ଏବଂ ତାଙ୍କ ପ୍ରସଙ୍ଗରେ ଟାହିଟାପରା ଅପବାଦ ଆଦିକୁ ପ୍ରସୟ ଦେଲେ ତେବେ ସେମାନେ ପ୍ରଭୁଙ୍କ ଅଭିଷାପ ଓ କଠୋରତାର ଶିକାର ହେବେ । ମୋର ଅଭିଜ୍ଞତା ରହିଛି ଏବଂ ମୁଁ ଏହା ମୁକ୍ତ କଣ୍ଠରେ ପ୍ରକାଶ କରୁଛି ଯେ, ଯିଏ ସେହି ପବିତ୍ର ଓ ମହାନ୍ ବ୍ୟକ୍ତିମାନଙ୍କ ସହ ଶତୃତା ରଖି ତାଙ୍କ ପ୍ରତି ମନରେ ଇର୍ଷା ଓ ଘୃଣାଭାବ ପୋଷଣ କରେ ସେ ନିଜ ପରମେଶ୍ୱରଙ୍କଠାରୁ ସମ୍ପର୍କକୁ ତୁଟାଇ ଦେଇଥାଏ । ଯେଉଁ ବ୍ୟକ୍ତି ମଧ୍ୟ ସେମାନଙ୍କ ସହ ଶତୃତା କରିଛି ତାହା ଉପରେ ପ୍ରଭୁଙ୍କ ଦୟା ଓ ଅନୁକମ୍ପାର ସମସ୍ତ ମାର୍ଗକୁ ସେ ନିଜେ ବନ୍ଦ କରିଦେଇଛି ଓ ଏହିପରି ମନବୃତି ରଖିଥିବା ଲୋକେ ବ୍ରହ୍ମଜ୍ଞାନ ପାଇବାରୁ ବଂଚିତ ରହିଥାନ୍ତି ଏବଂ ଅଲ୍ଲାଃ ତାଲା ସେମାନଙ୍କୁ ସାଂସାରିକ ମୋହମାୟା ଓ କାମନାରେ ଛନ୍ଧି ଦେଇଥାନ୍ତି ଓ ଅଲ୍ଲାଃ ତାଲା ସେମାନଙ୍କୁ ନିଜ ଠାରୁ ଦୁରେଇ ଦେଇଥାନ୍ତି ଅର୍ଥାତ ପ୍ରଭୁଙ୍କଠାରୁ ଦୁରେଇ ଯାଇଥାନ୍ତି ।

***(ସିର୍‌ରୁଲ୍ ଖ୍ୱଲାଫା..... ରବଓ୍ୱା ପୃ-୨୮-୨୯)***

ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ହଜୁର ସ:ଆ:ସଙ୍କ ପରେ ଇସ୍‌ଲାମ୍‌ର ଯେଭଳି ଉନ୍ନତି ସାଧିତ ହେଲା ତାହା କେବଳ ତିନି ସାହାବାଙ୍କ ମାଧ୍ୟମରେ ହିଁ ହୋଇଥିଲା ***(ମଲ୍‌ଫୁଜାତ୍ ଖଣ୍ଡ-୬, ପୃ-୪୧୪)*** । ଅର୍ଥାତ ଅବୁବକର, ଉମର ଓ ଉସ୍‌ମାନ୍‌ଙ୍କ ମାଧ୍ୟମରେ ।

ପୁନଶ୍ଚ ସିୟା ସମ୍ପ୍ରଦାୟର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ:ସ କୁହନ୍ତି: ଆମେମାନେ ତୁମ ଗାଳିର କ'ଣ ଅଭିମାନ କରିବୁ କାରଣ ତୁମେମାନେ ସବୁ ସାହାବାମାନଙ୍କୁ ଗାଳି ଦେଉଛ, ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀମାନଙ୍କୁ ଶ୍ରାପିତ କରି ସ୍ମରଣ କରୁଅଛ । ତୁମେମାନେ ଏହା ଭାବୁଛ ଯେ, ଅଲ୍ଲାଃ ତାଲାଙ୍କ ପୁସ୍ତକରେ ଅତିଶୟତା ଓ ଅତିନ୍ୟୁନତା ଅବଲମ୍ବନ କରାଯାଇଛି । ତୁମେମାନେ ପବିତ୍ର କୁର୍‌ଆନ୍ ସମ୍ପର୍କରେ କହୁଛ ଯେ, ପ୍ରଚଳିତ

ପାଣ୍ଡୁଲିପି ହେଉଛି ବୟାଜେ ଉସ୍‌ମାନି (ଅର୍ଥାତ ଉସ୍‌ମାନଙ୍କ ଦ୍ୱାରା ରଚିତ) ଏବଂ ଅଲ୍ଲାଃ ତାଲାଙ୍କ ତରଫରୁ ତାହା ନୁହେଁ । ତୁମେମାନେ ଇସ୍‌ଲାମ୍‌କୁ ଏହିପରି ଭାବିନେଇଛ ଯେପରି ଏକ ନିର୍ଜନ ଭୂମି ଯେଉଁ ଭୂମି ଶୁଷ୍କ ଓ ସବୁଜିମା ବିହିନ ଅର୍ଥାତ ଅଲ୍ଲାଃଙ୍କ ସାନ୍ନିଧପ୍ରାପ୍ତ ନୁହେଁ" ପୁଣି କହିଲେ, "ଅତଏବ୍ ଏପରି କେଉଁ ସମ୍ମାନ ଆଉ ବାକି ରହିଗଲା । ହେ ସୀମାଲଂଘନକାରୀ ଲୋକେ ! ?

***(ହୁଜ୍ଜତୁଲ୍‌ଲ୍ଲାଃ, ରୁହାନୀ ଖଜାଇନ୍ ଖଣ୍ଡ-୧୨, ପୃ-୧୮୪-୧୮୫)*** ।

ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି, ମୋ ପ୍ରଭୁଙ୍କ ପକ୍ଷରୁ ଖିଲାଫତ ସମ୍ପର୍କରେ ଗବେଷଣା ଅନୁଯାୟୀ ଅର୍ଥାତ ପ୍ରମାଣ ଭିତିକ ଶିକ୍ଷା ମତେ ପ୍ରଦାନ କରାଯାଇଅଛି । ମୋ ଉପରେ ମୋ ପ୍ରଭୁ ଏହା ସ୍ୱଷ୍ଟରୂପେ ପ୍ରକାଶ କରିଦେଇଛନ୍ତି ଯେ, ଶିଦ୍ଦିକ,ଫାରୁକ ଓ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏ ସମସ୍ତେ ପୂଣ୍ୟବାନ ଓ ବିଶ୍ୱାସକାରୀ ବ୍ୟକ୍ତି ଥିଲେ । ଏହି ପୂଣ୍ୟଆତ୍ମା ବ୍ୟକ୍ତିମାନେ ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯେଉଁ ଲୋକଙ୍କୁ ଅଲ୍ଲାଃ ତାଲା ଚୟନ କରିନେଇଥିଲେ । ଯିଏ ପରମେଶ୍ୱରଙ୍କ ପୁରସ୍କାରରେ ପୁରସ୍କୃତ ହୋଇଥିଲେ ଏବଂ ଅଧିକାଂଶ ଜ୍ଞାନବନ୍ତ ସାହାବାମାନେ ତାଙ୍କର ସୁଗୁଣାବଳୀର ସାକ୍ଷ୍ୟ ପ୍ରଦାନ କରିଛନ୍ତି । ସେମାନେ ନିଜ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବା ସକାଶେ ନିଜ ମାତୃଭୂମିକୁ ଛାଡ଼ି ଆସିଲେ ଏବଂ ପ୍ରତ୍ୟେକ ଭୟପ୍ରଦ ପୂର୍ଣ୍ଣ ଯୁଦ୍ଧରେ ସାମିଲ ହେଲେ ଓ ପ୍ରଚଣ୍ଡ ଗ୍ରୀଷ୍ମତାପ ଓ ହାଡ଼ଭଙ୍ଗା ଶୀତ ରାତ୍ରର ଖାତିର୍ ନ କରି ବଳିଷ୍ଠ ଯୁବକମାନଙ୍କ ପରି ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ଆପଣା ଓ ପର କାହାରିକୁ ଚାହିଁନଥିଲେ । ବରଂ କେବଳ ପ୍ରଭୁଙ୍କ ଖାତିର୍ ସେ ସମସ୍ତଙ୍କଠାରୁ ବିଦାୟ ନେଇଯାଇଥିଲେ । ସେମାନଙ୍କ ଆଚାର ଓ ବ୍ୟବହାରରେ ସୁଗନ୍ଧତା ଭରି ରହିଥିଲା । ଏସବୁ କିଛି ସେମାନେ ଉଚ୍ଚ ଆସନରେ ବିରାଜମାନେ ହେବା ଓ ସେମାନଙ୍କ ପୂଣ୍ୟକର୍ମର ପୁଷ୍ପଦାନି ପ୍ରତି ଇଙ୍ଗିତ କରୁଅଛି । ସେମାନଙ୍କ ଶିତଳ ସୁବାସିତ ବାୟୁର ଚଳାଚଳ ସେମାନଙ୍କ ପବିତ୍ର ଅନ୍ତରର ଖବର ଦର୍ଶାଉଛି । ସେମାନଙ୍କ ଜ୍ୟୋତି ବଳିଷ୍ଠ ଭାବରେ ଆମ ଉପରେ ବିଦ୍ୟମାନ । ସୁତରାଂ ତୁମେ ତାଙ୍କ ଉଚ୍ଚ ଆସନ ସମ୍ବନ୍ଧରେ ସେମାନଙ୍କ ଜ୍ୟୋତି ଓ ସେମାନଙ୍କ ସୁଗନ୍ଧରୁ ଅବଗତ ହୋଇପାରିବ ନା କି ତାଙ୍କ ପ୍ରସଙ୍ଗରେ ଚଂଚଳତା ପ୍ରଦର୍ଶନ କରି ନକରାତ୍ମକ ମତପୋଷଣ କରି । କେତେକ ଭୂଲ ତଥ୍ୟକୁ କେନ୍ଦ୍ର କରି ବସିପଡ଼ ନାହିଁ କାରଣ ସେଥିରେ ତାଙ୍କ ପାଇଁ ତାଙ୍କ ପ୍ରତି ବିଷ ଭରି ରହିଛି ତାହା ବିଶ୍ୱାସ ଯୋଗ୍ୟ ନୁହେଁ । ସେ ସବୁ ହେଉଛି ଲୋକମାନଙ୍କୁ ଭ୍ରମିତ କରିବାପାଇଁ ଶତୃର ଚକ୍ରାନ୍ତ । ଅତଏବ ପ୍ରଭୁଙ୍କୁ ଭୟ କର ଏବଂ ସେହି ବର୍ଣ୍ଣନାଗୁଡ଼ିକର ଅନୁକରଣ କରନାହିଁ" ।

ଏଥିସହ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଚର୍ଚ୍ଚା ଏଠାରେ ସମାପ୍ତ ହେଲା । ଇନ୍‌ଶାଅଲ୍ଲାଃତାଲା ଆସନ୍ତା ସପ୍ତାହକୁ ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା ଆରମ୍ଭ ହେବ ।

ଆଜି ମଧ୍ୟ ମୁଁ ଏକ ନୂତନ ୱେବସାଇଟ ଲଂଚ କରିବି । "ଅଲ୍‌ଇସ୍‌ଲାମ୍" ୱେବ୍‌ସାଇଟ୍ କୁର୍‌ଆନ୍ ସର୍ଚ୍ଚର ନୂତନ ୱେବ୍‌ସାଇଟ୍‌ର ପ୍ରଥମ ଭର୍ସନ (Version) ପ୍ରସ୍ତୁତ କରିଛି । ଏହି ୱେବସାଇଟର ନାମ ହେଲା HolyQuran.io । ଏହି ୱେବସାଇଟ ଅଲ୍ ଇସ୍‌ଲାମ୍‌ରୁ ବ୍ୟତୀତ ଅଲଗା ଦେଖା ଯାଇପାରିବ । ଯେକୌଣସି ପରିସ୍ଥିତିରେ ସୁରତ୍‌ର ଶବ୍ଦ, ଆୟତ୍‌ର ଶବ୍ଦ କିମ୍ବା ବିଷୟବସ୍ତୁକୁ ଆରବୀ, ଇଂରାଜୀ କିମ୍ବା ଉର୍ଦ୍ଦୁ ଭାଷାରେ ଏକ ନୂତନ ସର୍ଚ୍ଚ ଇଞ୍ଜିନ୍ ମାଧ୍ୟମରେ ଖୋଜା ଯାଇପାରିବ । ସର୍ଚ୍ଚର ପରିଣାମକୁ ଉଭୟ ଅହେମଦୀ ଏବଂ ଅଣଅହେମଦୀଙ୍କ ଦ୍ୱାରା କରାଯାଇଥିବା ଅନୁବାଦ ସହିତ ପାଇପାରିବେ, ଅର୍ଥାତ ଉପଲବ୍ଧ ହେବ । ପ୍ରତ୍ୟେକ ଆୟତ ସହିତ ତାହାର ବ୍ୟାଖ୍ୟା, ବିସ୍ତୃତ ବିବରଣୀ ଏବଂ ତତ୍ ସମ୍ପର୍କିତ ଅନ୍ୟାନ୍ୟ ଆୟତ ମଧ୍ୟ ଦେଖାଯାଇପାରିବ । ଏ ଦିଗରେ ଅତିରିକ୍ତ କାର୍ଯ୍ୟ ତଥା ଉନ୍ନତୀ ଅଭ୍ୟାହତ ରହିଛି ଏବଂ ଇନ୍‌ଶାଅଲ୍ଲାଃ ତାଲା ଏହାର ପରବର୍ତୀ ଅଂଶ ଜଲ୍‌ସା ସାଲାନା ୟୁ.କେ ୨୦୨୧ ଅବସରରେ ପ୍ରସ୍ତୁତ କରି ଲଂଚ କରାଯିବ । ଏହା ବ୍ୟତିତ ଅଲ୍‌ଇସ୍‌ଲାମ୍ ୱେବସାଇଟରେ ପବିତ୍ର କୁର୍‌ଆନ ପଢ଼ିବା, ଶୁଣିବା ଏବଂ ସର୍ଚ୍ଚ କରାଯାଇପାରିବ । ଏହି ୱେବସାଇଟର ନୂତନ ଭର୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହି ୱେବସାଇଟର ନାମ ହେଲା Readquran.app ଉକ୍ତ ୱେବସାଇଟରେ ଇଂରାଜୀ ବ୍ୟାଖ୍ୟା ସହିତ ସଂକ୍ଷିପ୍ତ ବାଖ୍ୟାର ନୋଟ୍‌ସ ଶବ୍ଦାନୁଯାୟୀ ଅନୁବାଦ ତଥା ବିଷୟସୂଚି ଓ ଅନେକ ଉପାଦେୟ ସଲଗ୍ନିତ ଯାହା ଦୈନିକ ତିଲାୱତ ସହିତ ପବିତ୍ର କୁର୍‌ଆନେ୍ କରିମ୍‌ରେ ଉପାଦେୟ ରୂପେ ସାମିଲ କରାଯାଇଛି । ଅଲ୍ଲାଃ ତାଲାଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ, ପବିତ୍ର କୁର୍‌ଆନ୍‌ର ଏହି ପ୍ରୋଜେକ୍ଟ ଏବଂ ଏହାର ସୁନ୍ଦର ଶିକ୍ଷାକୁ ପୃଥିବୀରେ ପ୍ରସାରିତ କରିବାର କାରଣ ସାବ୍ୟସ୍ତ ହେଉ ଏବଂ ଯମାତ୍‌ର ସଦସ୍ୟବୃନ୍ଦ ମଧ୍ୟ ଉକ୍ତ ୱେବସାଇଟରୁ ଭରପୂର ଲାଭାନ୍ୱିତ ହୁଅନ୍ତୁ । ଆମିନ୍ ॥

ଏଥିସହ ମୁଁ ପାକିସ୍ତାନର ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ ନିବେଦନ କରୁଛି । ଅଲ୍ଲାଃ ତାଲା ସେମାନଙ୍କର ପରିସ୍ଥିତିକୁ ମଧ୍ୟ ପରିବର୍ତନ କରନ୍ତୁ ଓ ସେମାନଙ୍କ ପାଇଁ ସରଳତାର ମାର୍ଗ ଉନ୍ମୁକ୍ତ କରିଦିଅନ୍ତୁ । ସେହିପରି ଅଲ୍‌ଜଜାଇର୍ ଅର୍ତାତ ଉପଦ୍ୱୀପର ଅହେମଦୀମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଯେ ଅଲ୍ଲାଃ ସେମାନଙ୍କର ଦୃଢ଼ତା ପ୍ରଦାନ କରନ୍ତୁ ଓ ସେମାନଙ୍କ ପରିସ୍ଥିତିରେ ମଧ୍ୟ ସୁଧାର ଆଣନ୍ତୁ ।

ବର୍ତମାନ ମୁଁ କେତେକ ମୃତକଙ୍କର ଜନାଯାଃ ପଢ଼ାଇବି ଏବଂ ସେମାନଙ୍କର ଜୀବନି ଚର୍ଚ୍ଚା କରିବି । ଯନାଜାଃ ପଢ଼ାଇବା ନିମନ୍ତେ ମତେ ଅନେକ ନିବେଦନ ପତ୍ର ପ୍ରାପ୍ତ ହୋଇଥାଏ କିନ୍ତୁ ସମସ୍ତ ମୃତକଙ୍କ ଯନାଜାଃ ପଢ଼ାଇବା ଓ ସେମାନଙ୍କ ଜୀବନି ଚର୍ଚ୍ଚା କରିବା ଏହି ସ୍ୱଳ୍ପ ସମୟ ମଧ୍ୟରେ ସମ୍ଭବପର ନୁହେଁ । ସେ ଯାହା ହେଉ ନା କାହିଁକି ବର୍ତମାନ ମୁଁ କେତେକ ମୃତକଙ୍କର ଚର୍ଚ୍ଚା କରିଦେଉଛି ଏବଂ ଅନ୍ୟ ସମସ୍ତଙ୍କର ନାମ ନ ନେଇ ମୁଁ ସେମାନଙ୍କୁ ମଧ୍ୟ ଯନାଜାଃରେ ସାମିଲ କରିବି । ଅଲ୍ଲାଃ ତାଲା ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଓ ସେମାନଙ୍କ ସହ କ୍ଷମା ଆଚରଣ ପ୍ରଦର୍ଶନ କରନ୍ତୁ । ସେମାନଙ୍କ ମଧ୍ୟରେ ପ୍ରଥମ ହେଲେ, ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ସାଦିକ୍ ସାହେବ ଦୁର୍ଗାରାମ୍ ପୁରୀ ନିବାସୀ । ସଂପୃକ୍ତ ବ୍ୟକ୍ତି ବାଙ୍ଗଲାଦେଶର ଢ଼ାକା ଜିଲ୍ଲାର ଅଧିବାସୀ ଥିଲେ । ୨୦୨୦ ମସିହା ନଭେମ୍ବର ମାସ ୧୪ ତାରିଖ ଦିନ ୭୫ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** ।

ସ୍ୱର୍ଗତ ମୁହମ୍ମଦ ସାଦିକ୍ ସାହେବ ଅନ୍ୟ ପଦବୀ ବ୍ୟତିତ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ୱକ୍‌ଫେ ନୌର ଜାତିୟ ସଚିବ ଭାବରେ ଦାୟିତ ତୁଲାଇ ଆସୁଥିଲେ । ୱକ୍‌ଫେ ନୌ ର କ୍ଲାସ୍ ନେବାପାଇଁ ଓ ସେମାନଙ୍କ ଅଭିଭାବକମାନଙ୍କ ସହିତ ସାକ୍ଷାତ କରିବା ପାଇଁ ଦୁରଦୂରାନ୍ତ ଯମାତ୍‌ଗୁଡ଼ିକୁ ନିୟମିତ ଗସ୍ତ କରୁଥିଲେ ଓ ଯେପର୍ଯ୍ୟନ୍ତ ବ୍ୟାଧି ତାଙ୍କ ମାର୍ଗରେ ଅବରୋଧ ସୃଷ୍ଟି କରିଦେଇନଥିଲା, ସେପର୍ଯ୍ୟନ୍ତ ସେ ନିୟମିତ ଭାବରେ ମସ୍‌ଜିଦ୍ ଆସୁଥିଲେ । ସେ ଜଣେ ମୁସି ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନ ମଧ୍ୟରେ ତାଙ୍କ ବିଧବା ପତ୍ନୀଙ୍କ ବ୍ୟତିତ ତିନିଜଣ ପୁତ୍ର ଓ ଏକମାତ୍ର ପୂତ୍ରୀ ଅଛନ୍ତି ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ମୁଖ୍‌ତାରା ବିବି ସାହେବାଙ୍କର ସେ ରବୱା ଦାରୁଲ୍ ୟମନ୍‌ର ରଶିଦ୍ ଅହେମଦ୍ ଆଠୱାଲ୍ ସାହେବଙ୍କର ପତ୍ନୀ ଥିଲେ । ସ୍ୱର୍ଗତା ମୁଖ୍‌ତାରାଁ ବିବି ସାହେବାଙ୍କର, ସେ ବୁର୍କିନାଫାସୋ ଜାମିୟାତୁଲ୍ ମୁବଶିରିନ୍‌ର ପ୍ରିନ୍ସିପାଲ ସମ୍ମାନନୀୟ ନଇମ୍ ବାଜୱାଙ୍କର ଶାଶୁ ଥିଲେ । ଚଳିତ ବର୍ଷ ଜାନୁୟାରୀ ମାସ ୧୬ ତାରିଖ ଦିନ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତା ମୁଖ୍‌ତାରାଁ ବିବି ସାହେବା ଲଜ୍‌ନା ଦାରୁଲ୍ ୟମନ୍ ଗର୍‌ବିର ମଜ୍‌ଲିସ୍ ଆମେଲାରେ ମୋଟାମୋଟି ରୂପେ ୧୭ ବର୍ଷ ପର୍ଯ୍ୟନ୍ତ ସେବା ସମ୍ପାଦନ କରିଥିଲେ । ବିଭିନ୍ନ ଦେଶରେ ତାଙ୍କୁ ଆର୍ଥିକ ବଳିଦାନ ଦେବାର ସୌଭାଗ୍ୟ ଲାଭ ହୋଇଛି । ମୃତ୍ୟୁର କିଛି ଘଂଟା ପୂର୍ବେ ମଧ୍ୟ ସେ ନିଜର ଆଖି ଖୋଲି ନିଜ ହାତର ଚୂଡ଼ିଗୁଡ଼ିକ କେଉଁଠି ଅଛି ବୋଲି ଖୋଜିଥିଲେ ଓ ନିଜ ପୁତ୍ରକୁ କହିଲେ ମୋର ଏହି ଚୂଡ଼ିଗୁଡ଼ିକୁ ଶିଘ୍ର ବିକ୍ରି କରି ସଦର ସାହେବଙ୍କୁ ଉକ୍ତ ରାଶି ପଇଠ କରି ଆସ । ଯାହାର ଆନୁମାନିକ ମୂଲ୍ୟ ଅର୍ଥାତ ଉକ୍ତ ଅଳଙ୍କାରର ମୂଲ୍ୟ ତିନିଲକ୍ଷ ଟଙ୍କା ହୋଇଥିଲା । ସ୍ୱର୍ଗତା କହିଲେ ଯେ, ସଦର ସାହେବଙ୍କୁ ଏତକ ଟଙ୍କା ଦେଇ କହିବ ଯେ, ଏହି ଟଙ୍କାରେ ସେ ଡ଼ିସ୍ ଲଗାଇ ଏମ୍‌ଟିଏର ବ୍ୟବସ୍ଥା କରିଦେବେ ।

୧୯୯୫ ମସିହାରେ ତାଙ୍କର ଦୁଇ ସୁପୁତ୍ର ଜର୍ମାନୀରେ କାର୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ, ସେ ଉକ୍ତ ଦୁଃଖଦ ପରିସ୍ଥିତିକୁ ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସିକତାର ସହିତ ସହ୍ୟ କରିଥିଲେ । ସେ କେବେ ଉକ୍ତ ଦୁର୍ଘଟଣାର ଚର୍ଚ୍ଚା କରିନଥିଲେ । ପରବର୍ତୀ ସମୟରେ ନା କଦାପି ଅଭିଯୋଗ କରିଛନ୍ତି ଓ ନା ଅଭିମାନ କରିଥିଲେ ବରଂ ସେ ସର୍ବଦା ଅଲ୍ଲାଃ ତାଲାଙ୍କ ଅନୁଗ୍ରହତା ଓ ପ୍ରସନ୍ନତାରେ ସନ୍ତୁଷ୍ଟ ଥିଲେ । ତାଙ୍କୁ ତବ୍‌ଲିଗ୍‌ର ବହୁତ ଆଗ୍ରହ ଥିଲା, ଉତ୍ସାହ ଥିଲା । ରବୱାର ଆଖପାଖ ଗ୍ରାମରେ ତବ୍‌ଲିଗ୍ ପାଇଁ ଦୁରଦୁରାନ୍ତ ସ୍ଥାନକୁ ବାହାରି ଯାଉଥିଲେ । ସେ ପବିତ୍ର କୁର୍‌ଆନ୍‌କୁ ବେଶ୍ ଭଲ ପାଉଥିଲେ । ସେ ନିୟମିତ ରୂପେ ପବିତ୍ର କୁର୍‌ଆନ୍‌ର ପାଠ କରୁଥିଲେ ଏହା ବ୍ୟତିତ ସେ ସାହିର ପିଲାମାନଙ୍କୁ ମଧ୍ୟ ପବିତ୍ର କୁର୍‌ଆନ୍ ଓ ୟସ୍‌ସର୍‌ନଲ୍ କୁର୍‌ଆନ୍‌ର ଶିକ୍ଷା ଦେଉଥିଲେ । ସ୍ୱର୍ଗତା ୱସିୟତ କରିଥିଲେ । ତାଙ୍କ ପରିବାରରେ ତାଙ୍କ ସ୍ୱାମୀଙ୍କ ବ୍ୟତିତ ଗୋଟିଏ ପୁତ୍ର ଓ ଚାରିଜଣ ପୁତ୍ରୀ ରହିଛନ୍ତି । ତିନିଜଣ ପୁତ୍ରୀ ଲଣ୍ଡନରେ ବସବାସ କରୁଛନ୍ତି ଏବଂ ଗୋଟିଏ ପୁତ୍ରୀ ବୁର୍କିନାଫାସୋରେ ରହିଛନ୍ତି । ଲଣ୍ଡନରେ ଯେଉଁ ପୁତ୍ରୀମାନେ ଅଛନ୍ତି ସେମାନେ ଯମାତ୍‌ର ସେବାରେ ମଧ୍ୟ ନିୟମିତ ଭାବରେ କାର୍ଯ୍ୟ କରୁଛନ୍ତି ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମନ୍‌ଜୁର ଅହେମଦ୍ ଶାଦ୍ ସାହେବଙ୍କର । ଜାନୁୟାରୀ ମାସ ୧୭ ତାରିଖ ଦିନ ୮୨ ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ କରମ୍‌ଦିନ୍‌ର ମୋକଦ୍ଦମା ପାଇଁ ଝେଲମ୍ ଯାଇଥିଲେ ସେତେବେଳେ ସ୍ୱର୍ଗତଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତା ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ମିଆଁ ଅବ୍‌ଦୁଲ୍ କରିମ୍ ସାହେବଙ୍କ ମାଧ୍ୟମରେ ୧୯୦୩ ମସିହାରେ ଆସିଥିଲା । ଶାଦ୍ ସାହେବ ୧୯୫୬ ମସିହାରେ କରାଚୀକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ପୁନଶ୍ଚ ଏହାପରେ ସେଠାରେ କରାଚୀ ଜିଲ୍ଲାର କାଏଦ୍ ଭାବରେ ସେବା ସମ୍ପାଦନ କରିଥିଲେ । ସେ ସେଠାରେ ଖୁଦ୍ଦାମୁଲ୍ ଅହେମଦୀୟାର ବେଶ୍ ଉତମ ରୂପେ ସେବା କରିଥିଲେ । ପୁନଶ୍ଚ ଡ୍ରିଗ୍‌ରୋଡ଼ କଲୋନୀର ସଭାପତି ଭାବରେ ଓ କରାଚୀର ନାଏବ୍ ଅମୀର ଭାବରେ ଦାୟିତ୍ୱ ତୁଲାଇଥିଲେ । ୧୯୮୪ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସହି ରାବେ ର:ଅଙ୍କୁ ଯେଉଁ ପ୍ରତିନିଧି ମଣ୍ଡଳ ସିଖର୍‌ଠାରେ ସ୍ୱାଗତ ଜଣାଇଥିଲେ ସେହି ପ୍ରତିନିଧି ମଣ୍ଡଳରେ ଏହି ବ୍ୟକ୍ତି ଅର୍ଥାତ ମନ୍‌ଜୁର ଅହେମଦ୍ ଶାଦ୍ ସାହେବ ସାମିଲ ଥିଲେ ଓ ତାଙ୍କର ପ୍ରସ୍ଥାନ କରିବା ପର୍ଯ୍ୟନ୍ତ ଏୟାରପୋର୍ଟଠାରେ ରହିଥିଲେ । ସେ ୨୦୧୦ ମସିହାରେ ଲଣ୍ଡନ ଚାଲିଆସିଲେ । ସେ ଏଠାରେ ବଇତୁଲ୍ ଫତୁହ୍ ଡ଼ିସ୍‌ପେନ୍ସରିରେ ମଧ୍ୟ ନିୟମିତ ଭାବରେ ସମୟ ଦେଉଥିଲେ । ମୃତ୍ୟୁ ସମୟରେ ସେ ସେକ୍ରେଟାରୀ ତର୍‌ବିୟତ ଓ ସେକ୍ରେଟାରୀ ନୌମୁବାଇନ୍‌ର ସେବା କରିବାକୁ ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସେ ଜଣେ ମୁସୀ ବ୍ୟକ୍ତି ଥିଲେ ତାଙ୍କର ଦୁଇ ପୌତ୍ର ଓ ଗୋଟିଏ ନାତି ଏଠାରେ ଅର୍ଥାତ ୟୁକେରେ ମୁବଲିଗ୍ ସିଲ୍‌ସିଲା ଭାବରେ ସେବାକାର୍ଯ୍ୟରେ ମୁତୟନ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ଚତୁର୍ଥ ଯନାଜାଃ ହେଉଛି ସମ୍ମାନନୀୟା ୟୁ.ଏସ୍.ଏର ସ୍ୱର୍ଗତା ହମିଦା ଅଖ୍‌ରତ୍ ସାହେବାଙ୍କର ସେ ଅବ୍‌ଦୁର୍ ରହ୍‌ମାନ୍ ସଲିମ୍ ସାହେବ୍ ଆଫ୍ ୟୁ.ଏସ୍.ଏଙ୍କ ପତ୍ନୀ ଥିଲେ । ସେ ଜାନୁୟାରୀ ମାସ ୧୯ ତାରିଖ ଦିନ ୯୨ ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କୁ ଦୀର୍ଘ୫୦ ବର୍ଷ ପର୍ଯ୍ୟନ୍ତ ଲଜ୍‌ନା ଇମାଇଲା କରାଚୀ ଓ ରାଉଲ୍‌ପିଣ୍ଡିରେ ଜେନେରାଲ୍ ସେକ୍ରେଟାରୀ ଭାବରେ ଓ ସଦର୍ ଲଜ୍‌ନା ରୂପେ ମଧ୍ୟ ଓ ନିଗ୍ରାନ୍ କୟାଦତ୍ ରୂପେ ମଧ୍ୟ ସେବା କରିବାକୁ ସୌଭାଗ୍ୟ ପ୍ରଦାନ କରିଥିଲେ । ସେ ଖିଲାଫତକୁ ବହୁତ ଭଲ ପାଉଥିଲେ । ପିଲାମାନଙ୍କୁ ମଧ୍ୟ ଖିଲାଫତ ସହିତ ନିଷ୍ଠାର ସମ୍ପର୍କ ସ୍ଥାପନ କରିବା ପାଇଁ ଅନୁପ୍ରାଣିତ କରୁଥିଲେ । ସେ ସାରା ଜୀବନ ପାଂଚବେଳା ନମାଜ ତଥା ନମାଜ ତହ୍‌ଯୁଦ୍ ନିୟମିତ ଭାବେ ପାଠ କରୁଥିଲେ । ସେ ବିଶେଷ ରୂପେ ପବିତ୍ର କୁର୍‌ଆନ୍ କରିମ୍‌ର ଅଧ୍ୟୟନ ପାଇଁ ବ୍ୟବସ୍ଥା କରୁଥିଲେ । ନିଜର ସନ୍ତାନମାନଙ୍କୁ ମଧ୍ୟ ପବିତ୍ର କୁର୍‌ଆନ୍ ପଢ଼ାଉଥିଲେ । ସେ ଉମ୍ରା କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ କରିଥିଲେ । ଓ ସେ ମଧ୍ୟ ଜଣେ ମୁସୀ ଥିଲେ । ମୃତକାଙ୍କ ପରିବାରରେ ପାଂଚଜଣ ପୁତ୍ର ଦୁଇଜଣ ପୁତ୍ରୀ ରହିଛନ୍ତି । ତାଙ୍କ ସନ୍ତାନମାନଙ୍କ ମଧ୍ୟରୁ ଅନେକ ଧର୍ମ ସେବାରେ କାର୍ଯ୍ୟରତ ଏବଂ ଯମାତ୍‌ରେ ସାମର୍ଥ୍ୟ ଅନୁଯାୟୀ ବିଭିନ୍ନ ପଦବୀରେ ସେବା ସମ୍ପାଦନ କରୁଛନ୍ତି । ଡ଼ାକ୍ତର ଅବ୍‌ଦୁସ୍ ସଲାମ୍ ସାହେବ ତଥା ଡ଼ାକ୍ତର ଖଲିଲ୍ ମଲକ ସାହେବ ଆଦି ଦୁଇଜଣ ସୁପୁତ୍ର ସୁଚାରୁ ରୂପେ ନିଜ ସେବା ସମ୍ପାଦନ କରୁଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ପଂଚମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ନାସିର୍ ପିଟର୍ ଲୁତ୍‌ଜିନ୍ (Nasir Peter Lutzin) ସାହେବଙ୍କର । ସେ ଜଣେ ଜର୍ମାନୀ ଅହେମଦୀ ଥିଲେ । ଜାନୁୟାରୀ ମାସ ୨୦ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ତାଙ୍କର ସୁପୁତ୍ରୀ ବର୍ଣ୍ଣନା କରନ୍ତି: ୧୯୮୩ ମସିହାରେ ଦିନେ ମୋ ମାଆବାପା ହାନ୍‌ଓଭର (Hanover) ନାମକ ସହରର କେନ୍ଦ୍ରୀୟ ବଜାର ଦେଇ ଅତିକ୍ରମ କରୁଥିଲେ କି ତାଙ୍କର ଦୃଷ୍ଟି ଏକ ଦୋକାନ ଉପରେ ପଡ଼ିଲା ଯେଉଁ ଦୋକାନର ଟେବୁଲ୍ ଉପରେ ଯମାତ୍‌ର କେତେକ ସାଧାରଣ ତଥା ପରିଚୟମୂଳକ ପୁସ୍ତକ ରଖାଯାଇଥିଲା ଏବଂ ତା ପଛରେ ଜଣେ ଦୁଇଜଣ ବିଦେଶୀ ଯୁବକ ଛିଡ଼ା ହୋଇଥିଲେ । ସେହି ଯୁବକମାନଙ୍କ ସହିତ ତାଙ୍କର ପରିଚୟ ହେଲା ତେବେ ସେ ଜାଣିପାରିଲେ ଯେ, ସେ ଯୁବକମାନେ ହେଉଛନ୍ତି ଇସ୍‌ଲାମ୍ ଧର୍ମର ପ୍ରତିନିଧି ଏବଂ ତାହା ଥିଲା ଯମାତ୍ ଅହେମଦୀୟାର ଷ୍ଟଲ୍ । ଅତଏବ ସେ ସେହି ଯୁବକଙ୍କୁ ପ୍ରଶ୍ନ ପଚାରିଲେ ଓ ସେମାନଙ୍କଠାରୁ ପୁସ୍ତକ ମଧ୍ୟ ନେଲେ । ଯମାତ୍‌ର ଲିଟ୍‌ରେଚରଗୁଡ଼ିକୁ

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 20 May 2021 Issue No. 20**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ପଢ଼ିବାପରେ ସେ ପୂର୍ନବାର ସେହି ଲୋକମାନଙ୍କ ସହ ଯୋଗାଯୋଗ କଲେ ଏବଂ ସେହି ତିନିଜଣ ଅହେମଦୀ ସେମାନଙ୍କୁ ନିଜ ଘରେ ଖାଇବାକୁ ନିମନ୍ତ୍ରଣ କଲେ ଓ ତାହା ରମ୍‌ଜାନର ମାସ ଥିଲା । ସୁତରାଂ ମୋର ମାଆବାପା ଇଫ୍‌ତାରି ନିମନ୍ତ୍ରଣରେ ସେମାନଙ୍କ ଘରକୁ ଚାଲିଗଲେ ସେହି ଲୋକମାନେ ଚଟାଣ ଉପରେ ଖବରକାଗଜ ବିଛାଇ ଖାଇବା ପରସି ଦେଲେ ଅର୍ଥାତ ଭୁମି ଉପରେ ବସିବାପାଇଁ ତାଙ୍କ ନିକଟରେ କୌଣସି ସପ ତଥା ମ୍ୟାଟ ନଥିଲା ମଧ ତେଣୁକରି ସେମାନେ ଏଭଳି ବ୍ୟବସ୍ଥା କରିଥିଲେ । ସେ ଯାହା ହେଉ ନା କାହିଁକି ମୋ ପିତାଙ୍କୁ ସେମାନଙ୍କର ଖାଦ୍ୟ ବହୁତ ପସନ୍ଦ ଆସିଲା କିନ୍ତୁ ତା'ଠାରୁ ଅଧିକ ସେହି ଅହେମଦୀ ଯୁବକମାନଙ୍କର ସରଳତା ତଥା ଆଥିତ୍ୟତା ଅଧିକ ସ୍ୱାଦପୂର୍ଣ୍ଣ ଥିଲା । ଖାଇବା ପରେ ମଧ ପରସ୍ପର ସହିତ ତାଙ୍କର ବାର୍ତାଳାପ ହୋଇଥଲା ଏହାପରେ ତାଙ୍କ ଘରକୁ ଯାଆଆସ ମଧ ଆରମ୍ଭ ହୋଇଗଲା । କିଛି ମାସ ପର୍ଯ୍ୟନ୍ତ ଯମାତ୍‌ର ପୁସ୍ତକ ଅଧ୍ୟୟନ ଓ ଗବେଷଣା କରିବାପରେ ୧୯୮୪ ମସିହାରେ ମୋର ମାତା ଓ ପିତା ବୟତ କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଯାଇଥିଲେ । ଉକ୍ତ ଅବସରଟି ଇଦ୍ ର ଦିନ ଥିଲା । ସେ କୁହନ୍ତି ସ୍ଥାନିୟ ବନ୍ଧୁଙ୍କ ସହିତ ସମ୍ମାନନୀୟ ନାସିର୍ ସାହେବ ହେମ୍‌ବର୍ଗ ଗଲେ ଏବଂ ବୟତ କରିବାର ସୌଭାଗ୍ୟ ଲାଭ କଲେ । ଗୋଟିଏ ଜଲ୍‌ସା ସାଲାନରେ ତାଙ୍କୁ ଭାଷଣ ଦେବାର ମଧ ସୁଯୋଗ ମିଳିଥିଲା । ତାଙ୍କର ପୁତ୍ରୀ କୁହନ୍ତି, ମୋର ମାତା ବିଶେଷ ରୂପେ ଧର୍ମ ପ୍ରତି ଅଭିରୁଚି ରଖନ୍ତି ଓ ସତ୍ୟଧର୍ମର ସନ୍ଧାନର ଅଭିଳାଷୀ ଥିଲେ । ସତ୍ୟଧର୍ମ ଅନ୍ୱେଷଣ କରିବାର ଆଗ୍ରହ ତାଙ୍କୁ ଅହେମଦୀ ଆଡ଼କୁ ଆକର୍ଷିତ କରିଥିଲା ଏହାପରେ ସେ ଜୀବନ୍ତ ଈଶ୍ୱରଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ଅର୍ଥାତ ପ୍ରଭୁଙ୍କ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା ଏବଂ ଦୁଆ ସ୍ୱୀକାର ହେବାର ସେ ଅନେକ ନିଦର୍ଶନ ସ୍ୱଚକ୍ଷୁରେ ଅବଲୋକନ କରିଥିଲେ । ପୁଣି ତାଙ୍କ ଝିଅ କହୁଛନ୍ତି ଯେ ମୋ ମାଆଙ୍କର ଗୋଟିଏ ଆଖିବ ଅନ୍ଧ ଥିଲା । ୧୯୮୬ ମସିହାରେ ଜଲ୍‌ସା ସାଲାନା ୟୁ.କେରେ ସାମିଲ୍ ହେଲେ ଅଚାନକ କିଛିଟା ତାଙ୍କର ଦୃଷ୍ଟିଶକ୍ତି ମଧ୍ୟ ଫେରି ଆସିଥିଲା । ପୂର୍ବେ ତ' ଗୋଟିଏ ଚକ୍ଷୁ ସମ୍ପୁର୍ଣ୍ଣରୂପେ ବନ୍ଦ ହୋଇଯାଇଥିଲା କିନ୍ତୁ ସେହି ଚକ୍ଷୁ ସାହାଯ୍ୟରେ ଧିରେ ଧିରେ କିଛି ଦେଖିବାକୁ ଆରମ୍ଭ ହେଲା । ଅତଏବ ସେ କୁହନ୍ତି ଯେଉଁ ବ୍ୟକ୍ତିର ଗୋଟିଏ ଆଖିର ଦୃଷ୍ଟିଶକ୍ତି ସମ୍ପୁର୍ଣ୍ଣରୂପେ ସମାପ୍ତ ହୋଇଯାଇଥାଏ ତା ପାଇଁ ଏହିକଥା ଚମତ୍କାରରୁ କିଛି କମ ନୁହେଁ । ଅର୍ଥାତ ପୂର୍ନବାର ନିଜ ଦୃଷ୍ଟିଶକ୍ତିକୁ ଫେରି ପାଇବା ଏହା କୌଣସି ସାଧାରଣ କଥା ନୁହେଁ ବରଂ ଏହା ଏକ ନିଦର୍ଶନ । ଏହି ଚମତ୍କାରଟି ୧୧ ବର୍ଷ ପର୍ଯ୍ୟନ୍ତ ସେ ନିଜ ଦୃଷ୍ଟି ଶକ୍ତି ହରାଇବା ପରେ ଫେରି ପାଇଥିଲେ । ସେ କୁହନ୍ତି ଏହି ଚମତ୍କାର କେବଳ ଦୁଆ ଯୋଗୁଁ ହିଁ ସମ୍ଭବ ହୋଇଥିଲା । ଜଲ୍‌ସା ସାଲାନାରେ ଦୁଆ କରିବା ଯୋଗୁଁ ସେ ଏହି କୃପା ଲାଭ କରିଥିଲେ । ସ୍ୱର୍ଗତା ଲଣ୍ଡନରେ ଖଦିଜା ସାହେବା ନାମକ ଏକ ଜର୍ମାନୀ ପରିବାରଙ୍କ ଘରେ ରହୁଥିଲେ । ସେ କୁହନ୍ତି, ଦିନେ ମୋର ଅଭିଭାବକ ତାଙ୍କ ଘରୁ ଭ୍ରମଣ ଉଦ୍ଦେଶ୍ୟରେ ବାହାରକୁ ବାହାରିଲେ ତେବେ କିଛି ଦୁର ଯିବା ପରେ ଯେବେ ଲେଉଟିଲେ, ସେମାନେ ବାଟ ଭୁଲିଗଲେ ଏପଟେ ଅନ୍ଧାର ବଢ଼ିଚାଲିଥିଲା ଏବଂ ତାଙ୍କର ଚିନ୍ତା ମଧ ବଢ଼ି ଚାଲିଥିଲା କି ଘରେ କିପରି ପହଂଚିବେ । ସେମାନେ ଏଭଳି ଏକ ସଡ଼କ ଉପରେ ଛିଡ଼ା ହୋଇଥିଲେ ଯେଉଁଠି ପ୍ରବଳ ଟ୍ରାଫିକ ରହିଥିଲା । ସେମାନେ ଜାଣିପାରୁନଥିଲେ ଯେ, ବର୍ତମାନ ସେମାନେ କେଉଁଠାରେ ଛିଡ଼ା ହୋଇଛନ୍ତି ଯେତେବେଳେ ଅନ୍ଧାର ଆହୁରି ଘନିଭୂତ ହେଲା ଏବଂ ବାଟବଣା ହୋଇ ନିରୁପାୟ ହୋଇଗଲେ ସେତେବେଳେ ମୋ ମାତା କହିଲେ, ଆସ ଦୁଆ କରିବା ଅତଏବ ବର୍ତମାନ ଦୁଆ ଶେଷ ହେବାର କିଛି ସମୟ ଅତିବାହିତ ହୋଇନଥିଲା କି ନାହିଁ ସମ୍ମାନନୀୟ ଖଦିଜା ସାହେବଙ୍କ ଜ୍ୱାଇଁ ନିଜ ଗାଡ଼ି ସହିତ ତାଙ୍କ ସମ୍ମୁଖରେ ଆସି ପହଂଚିଗଲେ ଏବଂ ସେମାନଙ୍କୁ କହିଲେ ଆସନ୍ତୁ ମୋ ଗାଡ଼ିରେ ବସିଯାଆନ୍ତୁ ମୁଁ ଆପଣଙ୍କୁ ଆପଣଙ୍କ ଘରେ ଛାଡ଼ିଦେବି, ଦୁଆ ସ୍ୱୀକାର ହେବାର ଏହି ଅଲୌକିକ ଘଟଣାକୁ ସେମାନେ ବିସ୍ମିତ ଚକ୍ଷୁରେ ଦେଖିବା ସଙ୍ଗେ ସଙ୍ଗେ ସେମାନଙ୍କ ବିଶ୍ୱାସ ମଧ ବେଶ୍ ଅଭିବୃଦ୍ଧି ଘଟିଥିଲା ଓ ସତେଜ ହୋଇ ଉଠିଥିଲା ।

ଲଇକ ମୁନୀର ସାହେବ ଜର୍ମାନୀର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଲୁତ୍‌ଜିନ୍ ସାହେବଙ୍କ ସମଗ୍ର କୁଟୁମ୍ବ ଅହେମଦୀ ଥିଲେ । ଆମେମାନେ ସେତେବେଳେ କହୁଥିଲୁ ଯେ ଏହି କୁଟୁମ୍ବଟି ହେଉଛି ଏକମାତ୍ର ଜର୍ମାନୀ ଅହେମଦୀ କୁଟୁମ୍ବ । ସେ ଜଣେ ନୈଷ୍ଠିକ ଓ କମ୍ କଥା କହୁଥିବା ବ୍ୟକ୍ତି ଥିଲେ ତାଙ୍କର ସ୍ୱଭାବ ବେଶ୍ ସୁନ୍ଦର ଓ ଆର୍ଥିକ ବଳିଦାନ କ୍ଷେତ୍ରରେ ସେ ସର୍ବଦା ତତ୍ପର ରହୁଥିବା ବ୍ୟକ୍ତିବିଶେଷ ଥିଲେ । ପ୍ରଚାରକ କାର୍ଯ୍ୟରେ ମଧ ସେ ଭାଷଣ ଦେଉଥିଲେ ଯେତେବେଳେ ତାଙ୍କ ସମ୍ମୁଖରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନାମ ନିଆଯାଉଥିଲା ସେତେବେଳେ ତାଙ୍କ ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇଯାଉଥିଲା । ଏକ ପ୍ରଚାରକ ମିଟିଙ୍ଗରେ ସ୍ୱର୍ଗତ ଲୁତ୍‌କିନ୍ ସାହେବ ଇସ୍‌ଲାମ୍ ଶିକ୍ଷା ସମ୍ପର୍କରେ ଏଭଳି ସୁନ୍ଦର ଢ଼ଙ୍ଗରେ ଭାଷଣ ଉପସ୍ଥାପନ କଲେ ଯେ ଯଦ୍ୱାରା ଜଣେ ୭୦ ବର୍ଷୀୟ ଜର୍ମାନୀ ବ୍ୟକ୍ତି ମୋ ନିକଟକୁ ଆସିଲେ ଏବଂ କହିଲେ, ଆଜି ମତେ ଇସ୍‌ଲାମ୍ ସମ୍ପର୍କରେ ଯେଉଁଭଳି ଜ୍ଞାନ ପ୍ରାପ୍ତ ହୋଇଛି ତାହା ପୂର୍ବେ କଦାପି ହୋଇନଥିଲା । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନସନ୍ତତିଙ୍କୁ ମଧ ଅହେମଦୀୟତ୍ ଉପରେ ଅବିଚଳତା ଓ ଦୃଢ଼ତା ପ୍ରଦାନ କରନ୍ତୁ ।

ଷଷ୍ଠ ଯନାଜାଃ ହେଉଛି କାନାଡ଼ାର ସମ୍ମାନନୀୟା ସ୍ୱର୍ଗତା ରଜିୟା ତନ୍‌ୱିର୍ ସାହେବାଙ୍କର । ସେ ଜାମିୟା ଅହେମଦୀୟା ରବୱାର ଭାଇସ୍ ପ୍ରିନ୍ସିପାଲ ତଥା ମୁବଲିଗ୍ ସିଲ୍‌ସିଲା ସମ୍ମାନନିୟ ଖଲିଲ୍ ଅହେମଦ୍ ସାହେବଙ୍କର ପତ୍ନୀ ଥିଲେ । ଜାନୁୟାରୀ ମାସ ୨୭ ତାରିଖ ଦିନ ୫୮ ବର୍ଷ ବୟସରେ ସେ ଦେହ ତ୍ୟାଗ କରିଛନ୍ତି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତା କର୍କଟ ରୋଗରେ ପିଡ଼ୀତ ଥିଲେ । ସେ ବାଲ୍ୟକାଳରୁ ଧାର୍ମିକ କାର୍ଯ୍ୟରେ ବେଶ୍ ରୁଚି ରଖୁଥିଲେ । ତାଙ୍କର ଏହି ଭାବବେଗଟି ମୃତ୍ୟୁପର୍ଯ୍ୟନ୍ତ ଅଭ୍ୟାହତ ରହିଥିଲା । ଦୀର୍ଘ ୨୨ ବର୍ଷ ପର୍ଯ୍ୟନ୍ତ ଲଜ୍‌ନା ଇମାଉଲା ପାକିସ୍ତାନ ଏବଂ ମାସିକ ପତ୍ରିକା ମିସ୍‌ବାହ୍ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗରେ ଲେଖନୀକାରୀ ଭାବରେ ତାଙ୍କୁ ସେବା କରିବାର ସୌଭାଗ୍ୟ ଲାଭ ହୋଇଛି । ରୋଗ ହେବା ପର୍ଯ୍ୟନ୍ତ ତାଙ୍କର ଧର୍ମ ସେବା କାର୍ଯ୍ୟ ଅଭ୍ୟାହତ ରହିଥିଲା । ହଜ୍‌ରତ୍ ଛୋଟି ଆପାଙ୍କ ସହିତ କାମ କରିବାକୁ ମଧ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା ଏବଂ ସେ ଅନେକ କଥା ଶିକ୍ଷା କରିଥିଲେ ଓ ତାଙ୍କର ଆଶିର୍ବାଦ ଲାଭ ମଧ କରିଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ସପ୍ତମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମିଆଁ ମନ୍‌ଜୁର ଅହେମଦ ଗାଲିବ୍ ସାହେବଙ୍କର । ତାଙ୍କ ପିତାଙ୍କ ନାମ ହେଲା ମିଆଁ ଶେର୍ ମୁହମ୍ମଦ ସାହେବ, ସେ ସର୍ଗୋଦା ଜିଲ୍ଲା ଅନ୍ତର୍ଗତ ଦ୍ୱଦା ଅଂଚଳର ଅଧିବାସୀ ଥିଲେ । ଫେବୃୟାରୀ ମାସ ୭ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତ ମନ୍‌ଜୁର ସାହେବଙ୍କ ବଡ଼ ଭାଇ ୧୯୫୫ ମସିହାରେ ଅହେମଦିୟତ ଗ୍ରହଣ କରିଥିଲେ ସେ ନିଜ ବଡ଼ଭାଇଙ୍କ ସହିତ ରବୱାକୁ ଆସୁଥିଲେ ଓ ସେଠାରେ ସେ ମଧ ବୟତ କରିଥିଲେ । ତାଙ୍କର ସୁପୁତ୍ର ବଶିର୍ ଅହେମଦ୍ ସାହେବ ବେଲ୍‌ଜିୟମରୁ କୁହନ୍ତି: ସେ ଖିଲାଫତ୍‌ର ପାଗଳ ପ୍ରେମୀ ଥିଲେ, ଖିଲାଫତ୍ ର ପୂର୍ଣ୍ଣ ଆଜ୍ଞାକାରୀ ଏବଂ କେବେହେଲେ କୌଣସି କଥାକୁ ଅମାନ୍ୟ ବା ଅବମାନନା କରୁନଥିଲେ ବରଂ ଯେଉଁଭଳି ଖଲିଫାଙ୍କ ନିର୍ଦ୍ଦେଶ ରହୁଥିଲା ଠିକ୍ ସେହିପରି ସେ କାର୍ଯ୍ୟ କରୁଥିଲେ । ହଜୁର କହିଲେ: ମୁଁ ବ୍ୟକ୍ତିଗତ ଭାବରେ ମଧ ତାଙ୍କୁ ଜାଣିଛି । ନିଃସନ୍ଦେହ ରୂପେ ସେ ନିଷ୍ଠା ଓ ବିଶ୍ୱସ୍ତତା ସହକାର ଯମାତ୍‌ର ସେବା କରୁଥିଲେ ଏବଂ ଖିଲାଫତ୍‌ର ଆଜ୍ଞାପାଳନକାରୀ ବ୍ୟକ୍ତି ଥିଲେ । ସେ ଧର୍ମକୁ ସଂସାର ଉପରେ ଗୁରୁତ୍ୱ ଦେଉଥିବା ସେବକ ଥିଲେ । ଏକାଧାରର ସେ ଜଣେ ଅତିଥିପରାୟଣ, ସନ୍ଥ ବ୍ୟକ୍ତି, ଅଭାବି ଲୋକମାନଙ୍କୁ ସାହାଯ୍ୟ କରୁଥିବା ମେଳାପି ବ୍ୟକ୍ତି, ସ୍ନେହବତ୍ସଲ୍ୟ ପିତା ଓ ସମସ୍ତଙ୍କ ପ୍ରିତିଭାଜକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ସର୍ଗୋଧା ଜିଲ୍ଲାର ଖୁଦାମୁଲ ଅହେମଦିୟା ଓ ଅନ୍‌ସାରୁଲ୍ଲାଃର ଜିଲ୍ଲା ସ୍ତରିୟ ଅର୍ଥ ସଚିବ ଭାବରେ ଓ ୱକ୍‌ଫେ ଜଦିଦ୍ ତଥା ତହ୍‌ରିକ୍ ଜଦିଦ୍‌ର ସଚିବ ରୂପେ ସେବା ସମ୍ପାଦନ କରିଛନ୍ତି । ସେ ଉତମ ରୂପେ ନିଜର ଦାୟିତ୍ୱ ତୁଲାଇଛନ୍ତି ତାଙ୍କର ଗୋଟିଏ ପୌତ୍ର ସଫିର୍ ଅହେମଦ୍ ସାହେବ ମୁବଲିଗ୍ ସିଲ୍‌ସିଲା ଅଛନ୍ତି । ଆଜିକାଲି ପି.ଏସ୍ କାର୍ଯ୍ୟାଳୟରେ ସେ କାର୍ଯ୍ୟରତ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ଅଷ୍ଟମ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ବୁଶ୍ରା ହମିଦ୍ ଅନ୍‌ୱର ଅଦ୍‌ନୀ ସାହେବାଙ୍କର । ସେ ଅନୱର ସାହେବ୍ ଅଦନ୍ ଯମନ୍ ସାହେବଙ୍କର ପତ୍ନୀ ଥିଲେ । ଏମ୍‌ଟିଏରେ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟରତ । ସମ୍ମାନନୀୟ ମୁହମ୍ମଦ ଅନୱର ସାହେବଙ୍କର ସେ ମାତା ଥିଲେ ଓ ଏମ୍‌ଟିଏ ରଡ଼ାଇରେକ୍‌ଟର ପ୍ରଡ଼କ୍‌ଶନ୍ ଜାନବ୍ ମୁନୀର ଅହେମଦ୍ ଅଓଦାଃ ସାହେବଙ୍କର ସେ ଶାଶୁ ଥିଲେ । ଫେବୃୟାରୀ ମାସ ୧୪ ତାରିଖ ଦିନ ୬୯ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ସ୍ୱର୍ଗତା ବୁଶ୍ରା ହମିଦ୍ ଅନ୍‌ୱର ଉଦ୍‌ନୀ ସାହେବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବା ହଜ୍‌ରତ୍ ହାଜି ମୋହମ୍ମଦ ଦୀନ୍ ସାହେବ ଓ ହଜ୍‌ରତ୍ ହୁସୈନ୍ ବିବି ସାହେବାଙ୍କ ପୌତ୍ରୀ ଥିଲେ । ଏମ୍‌ଟିଏରେ ସେବା କରିବାକୁ ମଧ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଲିକା ମାଅଲ୍ ଅରବ୍ କାର୍ଯ୍ୟକ୍ରମର ସମସ୍ତ ଡ଼ାଟାକୁ ସ୍ଥାନାନ୍ତରିତ କରିବା କ୍ଷେତ୍ରରେ ନିୟମିତ ରୂପେ ସେ କାର୍ଯ୍ୟ କରିଥିଲେ । ତତ୍‌ସହିତ ଅଲ୍ ଆରବୀୟାରେ ମଧ ସେ ଦାୟିତ୍ୱ ନିର୍ବାହ କରିଥିଲେ । ଯମାତ୍‌ର ପ୍ରତ୍ୟେକ ପ୍ରକାର ସେବା କରିବାକୁ ସେ ବେଶ୍ ଆନନ୍ଦ ମନରେ ଉପସ୍ଥିତ ହୋଇଯାଉଥିଲେ । ସେ ଜଣେ ଧୈର୍ଯ୍ୟଶୀଳ କୃତଜ୍ଞ ଜ୍ଞାପନକାରୀ ମହିଳା ଥିଲେ । ଅଲ୍ଲାଃ ତାଲା ତାଙ୍କ ସହ ମଧ ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ନବମ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ନୂରୁସ୍ ସବାହ୍ ଜଫର୍ ସାହେବାଙ୍କର । ସେ କେନିୟାରେ ମୃତୟନ ଥିବା ମୁବଲିଗ୍ ସିଲାସିଲା ମୁହମ୍ମଦ୍ ଅଫ୍‌ଜଲ୍ ଜଫର୍ ସାହେବଙ୍କ ପତ୍ନୀ ଥିଲେ । ମାର୍ଚ୍ଚ ମାସ ୨୫ ତାରିଖ ଦିନ ୬୨ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ** । ସେ ସ୍ୱର୍ଗତ ମୌଲବୀ ମୁହମ୍ମଦ ସଇଦ ଅନ୍‌ସାରୀ ସାହେବାଙ୍କର ସାନ ଝିଅ ଥିଲେ । ସେ ବ୍ରିଟେନ୍‌ର ସ୍ୱର୍ଗତ ନସିମ୍ ବାଜୱା ମୁରବୀ ସାହେବଙ୍କର ସମ୍ପର୍କୀୟ ଭଉଣି ଥିଲେ । ତାଙ୍କର ସ୍ୱାମୀ ମୁହମ୍ମଦ ଅଫ୍‌ଜଲ୍ ସାହେବ ଉଲ୍ଲେଖ କରନ୍ତି ଅଲ୍ଲାଃ ତାଲାଙ୍କ କୃପାରୁ ସେ ପାଂଚବେଳା ନମାଜ ପାଠକାରୀ । ନିୟମିତ ରୂପେ ତହ୍‌ଯୁଦ୍ ପାଠକାରୀ ତଥା ପବିତ୍ର କୁର୍‌ଆନ୍‌ର ଆବୃତିକାରୀ ମହିଳା ଥିଲେ । ଦୁଆ ଉପରେ ତାଙ୍କର ଅଗାଢ଼ ବିଶ୍ୱାସ ରହିଥିଲା । ସେ ସର୍ବଦା ଦୁଆ (ପ୍ରାର୍ଥନା)ରେ ମଜ୍ଜି ରହୁଥିଲେ ଓ ନିଜ ସନ୍ତାନମାନଙ୍କୁ ମଧ ଏଥିପ୍ରତି ଉତ୍ସାହିତ କରୁଥିଲେ । ସେ ନିୟମିତ ଭାବରେ ଖଲିଫାଙ୍କ ଖୁତ୍‌ବା ଶୁଣିବା, ଖୁତ୍‌ବା ପରେ ସନ୍ତାନମାନଙ୍କ ସଂସ୍କାର ପାଇଁ ବଛା ବଛା ପଏଂଟଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା, ହଦିସ, ଇତିହାସ ଏବଂ ଯମାତ୍‌ର ପୁସ୍ତକରୁ ବିଶ୍ୱାସବର୍ଦ୍ଧକ ଘଟଣାମାନ ବହୁଳ ମାତ୍ରାରେ ସଂଗ୍ରହ କରି ନିଜର ସନ୍ତାନମାନଙ୍କୁ ଶୁଣାଇବା, ସର୍ବଦା ଧର୍ମ ସେବା ଓ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହିବା ଏବଂ ସେଥିପ୍ରତି ପିଲାମାନଙ୍କୁ ଅନୁପ୍ରାଣିତ କରିବା ତାଙ୍କର ବିଶେଷ ଗୁଣ ଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ । ନିୟମିତ ରୂପେ ଚାନ୍ଦା ପଇଠ କରୁଥିଲେ । ପ୍ରତ୍ୟେକ ଆର୍ଥିକ ଆହ୍ୱାନରେ ଅଂଶଗ୍ରହଣ କରୁଥିଲେ । ଅତିଥିପରାୟଣ ଓ ମୁକ୍ତ ହୃଦୟର ଅଧିକାରୀ ଥିଲେ । ଅଫ୍‌ଜଲ୍ ସାହେବ କୁହନ୍ତି ସ୍ୱର୍ଗତାଙ୍କ ସହିତ ମୋର ୨୧ ବର୍ଷର ସମ୍ପର୍କ ଥିଲା । ସେଥିରେ ଅତ୍ୟନ୍ତ ସହାନୁଭୂତିମୂଳକ ଓ ପ୍ରଶଂସନୀୟ ପାତ୍ରି ଥିଲେ । ଯେତେବେଳେ ଜଫର୍ ସାହେବ ଫିଜିରେ ମୁବଲିଗ୍ ସିଲ୍‌ସିଲା ଥିଲେ ସେତେବେଳେ ଜଫର୍ ସାହେବଙ୍କର ପ୍ରଥମ ପତ୍ନୀ ଏକ ଦୁର୍ଘଟଣାରେ ତିନିଜଣ ପୁତ୍ରୀ ଓ ଜଣେ ପୁତ୍ର ସହିତ ଚାରିଜଣ ପ୍ରାଣ ହରାଇଥିଲେ ଅର୍ଥାତ ଶହୀଦ୍ ହୋଇଯାଇଥିଲେ । ଜଫର୍ ସାହେବଙ୍କର ପ୍ରଥମ ପତ୍ନୀଙ୍କ ଔରଷରୁ ଦୁଇଜଣ ପୁତ୍ରୀ ଥିଲେ, ସେହି ପୁତ୍ରୀ ଦୁହିଁଙ୍କୁ ଜଣେ ମମତାମୟୀ ମାତା ଭାବରେ ନିଜର ସନ୍ତାନମାନଙ୍କ ପରି ଲାଳନପାଳନ କରିଥିଲେ ଏହାର ପରିପ୍ରକାଶ ସେହି ଦୁଇଜଣ ଝିଅ କରନ୍ତି ଯେ, ସେ ଆମକୁ ଏହା କେବେ ଅନୁଭବ ହେବାକୁ ଦେଇନାହାନ୍ତି ଯେ ଆମର ମାଆ ନାହିଁ । ସେହି ପୁତ୍ରୀଙ୍କର ସେ ସର୍ବଦା ସୁସଂସ୍କାର ଓ ସୁଶିକ୍ଷା ପ୍ରଦାନ କରିଥିଲେ । କେବଳ ସେତିକି ନୁହଁ ବରଂ ସେ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିଥିଲେ । ଜଫର୍ ସାହେବ କୁହନ୍ତି ମୋର ପୂର୍ବ ଶ୍ୱଶୁର ଘର ପରିବାର ବର୍ଗଙ୍କ ସହିତ ସେ ଅର୍ଥାତ ମୋ ଦ୍ୱିତୀୟ ପତ୍ନୀ ଉତମ ବ୍ୟବହାର ପ୍ରଦର୍ଶନ କରୁଥିଲେ । ସେମାନେ ମଧ ତାଙ୍କର ଏଭଳି

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**